R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୫୫
ତିଥି : ଚତୁର୍ଥୀ
୩୦ ସେପ୍ଟେମ୍ବର ୨୦୨୬, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 355
30 September 2026, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ନିର୍ବାଚନ କମିଶନ ବିବାଦ

# ଆସନ୍ତା ସପ୍ତାହରେ ଶୁଣାଣି କରିବେ ସୁପ୍ରିମ୍‌କୋର୍ଟ





ନୂଆଦିଲ୍ଲୀ, ୨୯ ।୯ : ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ନିଲମ୍ବନ କରିବା ସମେତ ନିର୍ବାଚନ କମିଶନ (ଇସିଆଇ)ର କ୍ଷମତା ଏକପାଖିଆ ଭାବେ ପ୍ରୟୋଗ ନ କରିବାକୁ ନେଇ ଦାଖଲ ଆବେଦନର ଶୁଣାଣି ଆସନ୍ତା ସପ୍ତାହରେ କରିବାକୁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ସୋମବାର ବରିଷ୍ଠ ଆଇନଜୀବୀ ବିକାଶ ସିଂହ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସମ୍ମୁଖରେ ମାମଲାଟିର ଶୀଘ୍ର ଶୁଣାଣି ପାଇଁ ଉଲ୍ଲେଖ କରିଥିଲେ। ମୁଖ୍ୟ ବିଚାରପତି ଆସନ୍ତା ସପ୍ତାହରେ ମାମଲାଟି ତାଲିକାଭୁକ୍ତ କରିବାକୁ ସମ୍ମତି ଦେଇଛନ୍ତି।

ଆବେଦନକାରୀ ରାକେଶ କୁମାର ସିଂହ ସମ୍ବିଧାନର ଧାରା ୩୨ ଅନୁଯାୟୀ ଏହି ଆବେଦନ କରିଛନ୍ତି। ଆବେଦନରେ କୁହାଯାଇଛି ଯେ, ସମ୍ବିଧାନର ଧାରା ୩୨୪ ଅନୁଯାୟୀ ନିର୍ବାଚନ କମିଶନ ଏକ ବହୁସଦସ୍ୟୀୟ ସଂସ୍ଥା ହୋଇଥିବାରୁ ଏହାର କ୍ଷମତା କେବଳ ମୁଖ୍ୟ ନିର୍ବାଚନ କମିଶନର ବ୍ୟକ୍ତିଗତ ଭାବେ ପ୍ରୟୋଗ କରିପାରିବେ ନାହିଁ।

ଆବେଦନକାରୀଙ୍କ ଓକିଲ କହିଛନ୍ତି ଯେ, ଆଇନ ଅନୁଯାୟୀ କମିଶନର କାର୍ଯ୍ୟ ସମ୍ଭବ ହେଲେ ସର୍ବସମ୍ମତିରେ ହେବା ଉଚିତ। ମତଭେଦ ହେଲେ ସଂଖ୍ୟାଗରିଷ୍ଠ ମତ ଆଧାରରେ ନିଷ୍ପତ୍ତି ନେବାର ବ୍ୟବସ୍ଥା ରହିଛି। ତେଣୁ ଏସ୍‌ଆଇଆର୍ ଭଳି ଗୁରୁତ୍ୱପୂର୍ଣ୍ଣ ଅଭ୍ୟାସ ସମ୍ପର୍କରେ ପ୍ରକୃତରେ କମିଶନଙ୍କ ସାମୂହିକ ନିଷ୍ପତ୍ତି ହୋଇଥିଲା କି ନାହିଁ, ତାହା ନେଇ ପ୍ରଶ୍ନ ଉଠିଛି। ଆବେଦନରେ ୨୦୨୫ ଅକ୍ଟୋବରରୁ ୨୦୨୬ ଅଗଷ୍ଟ ମଧ୍ୟରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ପକ୍ଷରୁ ଅନ୍ୟୁନ ୧୪ଟି ଆପତ୍ତି ଉଠାଯାଇଥିବା ଦାବି କରାଯାଇଛି। ଏହି ଆପତ୍ତିଗୁଡ଼ିକ ଏସ୍‌ଆଇଆର୍, ଫର୍ମ-୬ରେ (୯ ପୃଷ୍ଠାରେ)

### ❒ ଏସ୍‌ଆଇଆର୍ ନିଷ୍ପତ୍ତିକୁ ନେଇ ଉଠିଛି ପ୍ରଶ୍ନ

# ଏସିଆଡ୍: ସୁଟିଂ, ରିଲେରୁ ସ୍ୱର୍ଣ୍ଣ




ନାଗୋୟା, ୨୯ ।୯ : ଆଇଚି-ନାଗୋୟା ଏସିଆଡ୍ରେ ଭାରତ ପାଇଁ ଦଶମ ଦିନଟି ପାଲଟିଛି ସ୍ୱର୍ଣ୍ଣିମ ଓ ସ୍ମରଣୀୟ। ଶୁଟିଂ ଓ ଆଥଲେଟିକ୍ସରୁ ଦୁଇଟି ସ୍ୱର୍ଣ୍ଣ ପଦକ ଆସିଥିବା ବେଳେ ଷ୍ଟାର ଧାବକ ଗୁଲବୀର ସିଂହ ନିଜର ତୃତୀୟ ପଦକ ଜିତି ଚଳିତ ଏସିଆଡ୍ରେ ପଦକ ହ୍ୟାଟ୍ରିକ୍ ପୂରଣ କରିଛନ୍ତି। ଦଶମ ଦିନରେ ଭାରତ ମୋଟ ୮ଟି ପଦକ ଜିତିଥିବା ବେଳେ ଦେଶର ସମୁଦାୟ ପଦକ ସଂଖ୍ୟା ୫୩ରେ ପହଞ୍ଚିଛି। ଏଥିରେ ୬ଟି ସ୍ୱର୍ଣ୍ଣ, ୨୧ଟି ରୌପ୍ୟ ଓ ୨୬ଟି କାଂସ୍ୟ ରହିଛି।

ଦିନର ପ୍ରଥମ ବଡ଼ ସଫଳତା ଆସିଥିଲା ଶୁଟିଂରୁ। ମହିଳା ଟ୍ରାପ୍ ବ୍ୟକ୍ତିଗତ ବର୍ଗରେ ନୀରୁ ଧାଣ୍ଡା ଐତିହାସିକ ସ୍ୱର୍ଣ୍ଣ ଜିତିଥିଲେ। ପ୍ରତିକୂଳ ପାଗ, ଭାରି ବର୍ଷା ଓ (୯ ପୃଷ୍ଠାରେ)

## ଡିଜିପି ଚୟନ ବିବାଦ ମାମଲା

# ସୁପ୍ରିମ୍‌କୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

ଭୁବନେଶ୍ୱର, ୨୯ ।୯ : ଡିଜିପି ଚୟନ ବିବାଦ ମାମଲାରେ ସୁପ୍ରିମକୋର୍ଟରେ ଶୁଣାଣି ଶେଷ ହୋଇଛି ଓ ରାୟକୁ ସଂରକ୍ଷିତ ରଖାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଦେଢ ଘଣ୍ଟା ଧରି ଏହି ମାମଲାର ଶୁଣାଣି କରିଥିଲେ। ପ୍ରଧାନ ବିଚାରପତିଙ୍କ ସହ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି ଓ ଜଷ୍ଟିସ୍ ଭି ମୋହନାଙ୍କୁ ନେଇ ଏହି ଖଣ୍ଡପୀଠ ଗଠିତ ହୋଇଥିଲା। ତେବେ ମନଇଚ୍ଛା ତାଲିକା ବଦଳାଇବା ଓ ପୁରୁଣା ତାଲିକାରେ ପଛପଟୁ ନାଁ ଯୋଡିବା ଓ ସଚୋଟତା ପ୍ରମାଣପତ୍ର ପତ୍ୟାହାରକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଥିବା ଜଣାପଡିଛି।

ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସଲିସେଟର ଜେନେରାଲ ତୁଷାର ମେହେଟ୍ଟା ପକ୍ଷ ରଖିଥିଲେ। ପୂର୍ବରୁ ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି ଚିଦାମ୍ବରମ୍, କରୁଣା ନନ୍ଦି, ପ୍ରଶାନ୍ତ ଭୂଷଣ ଓ ଆମିକ୍ୟ କ୍ୟୁରୀ, ରାଜୁ ରାମଚନ୍ଦ୍ର ସେମାନଙ୍କ ପକ୍ଷ ରଖିଥିଲେ। ଶୁଣାଣି ପରେ ରାୟ ସଂରକ୍ଷିତ ରହିଲା ବୋଲି ଖଣ୍ଡପୀଠ କହିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ରଖି ସଲିସେଟର ଜେନେରାଲ କହିଥିଲେ ଯେ, ସରକାର କାହାକୁ ନିଜର ବ୍ଲୁ- ଆଏଡ ବୟ ଭାବି ଆଗକୁ ଆଣିନାହାଁନ୍ତି। ଓଡିଶାରେ ଡିଜି ପାହ୍ୟାରେ ମାତ୍ର ଦୁଇଟି କ୍ୟାଡର ଓ ଦୁଇଟି ଏକ୍ସ କ୍ୟାଡର ରହିଛି। ତତ୍କାଳୀନ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ଅଗଷ୍ଟ ୧୬ ଓ ବରିଷ୍ଠ ଆଇପିଏସ୍ ବିନୟତୋଷ ମିଶ୍ର ନଭେମ୍ବର ୩୦ ରେ ଅବସର ନେବେ। ଯଦି (୯ ପୃଷ୍ଠାରେ)

### ପୁରୁଣା ତାଲିକାରେ ନୂଆ ନାଁ ଯୋଡ଼ିବା ନେଇ ଖଣ୍ଡପୀଠ କ୍ଷୁବ୍ଧ

## ରାଜ୍ୟସ୍ତରୀୟ ଆଙ୍ଗନ୍ କା ଉତ୍ସବ

# ସୁ-ପୋଷିତ ଓଡ଼ିଶା ଲାଗି ସରକାର ପ୍ରତିବଦ୍ଧ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୯ ।୯ (ସବ୍ୟୁ) : ଏକ ସୁ-ପୋଷିତ ଓଡିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ମହିଳା ଓ ଶିଶୁମାନଙ୍କ ପୋଷଣରେ ଉନ୍ନତି ଆଣିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଅଙ୍ଗନବାଡି ଓ ସ୍କୁଲ ଜରିଆରେ ଅନେକ ପୋଷଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ପୁରା ପରିବାରକୁ ସାମିଲ କରାଯାଉଛି। ପରିବାରର ମହିଳାମାନଙ୍କ ସହିତ ପୁରୁଷମାନଙ୍କୁ ମଧ୍ୟ ଶିଶୁର ପୌଷ୍ଟିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଶ୍ଳିଷ୍ଟ କରାଯାଉଛି। ସଚେତନତା ଓ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଜରିଆରେ ଆମ ଓଡିଶାକୁ ନିଶ୍ଚିତ ଭାବରେ ଏକ ସୁ-ପୋଷିତ ଓଡିଶା ଭାବେ ପ୍ରତିଷ୍ଠିତ କରାଯିବ।

ଆଜି ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଅଙ୍ଗନବାଡି କେନ୍ଦ୍ରଠାରେ ଆୟୋଜିତ ରାଜ୍ୟ ସ୍ତରୀୟ 'ଆଙ୍ଗନ୍ କା ଉତ୍ସବ' ଏବଂ '୯ମ ରାଷ୍ଟ୍ରୀୟ ପୋଷଣ ମାସ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ସେ ପୁଣି କହିଥିଲେ ଯେ, ପୋଷଣ ମାସ ପାଳନ ଅବସରରେ ରାଜ୍ୟବ୍ୟାପୀ ୪୬ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଛି ଏବଂ ଆଧାର ଯାଞ୍ଚ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି। ଶିଶୁର ପ୍ରଥମ ୧୦୦୦ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଶିଶୁଙ୍କ ସୂଚାରୁ ଲାଳନପାଳନରେ ମା'ମାନଙ୍କ ସହ ପିତା ଓ ପରିବାରର ଅନ୍ୟ (୯ ପୃଷ୍ଠାରେ)

### ଶିଶୁ, ମାତୃ ମୃତ୍ୟୁହାର ହ୍ରାସ ଶ୍ରେୟ ଅଙ୍ଗନୱାଡି, ଆଶାକର୍ମୀଙ୍କୁ

# ଆଜି ନବନିର୍ମାଣ ସଂଗଠନର ଓଡ଼ିଶା ବନ୍ଦ

ଭୁବନେଶ୍ୱର, ୨୯ ।୯ (ସବ୍ୟୁ): ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସହିତ ୬ ଦଫା ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନର ୪୧ ଦିନର ସତ୍ୟାଗ୍ରହ ଏବଂ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ଅନିର୍ଦ୍ଦିଷ୍ଟ କାଳୀନ ଅନଶନ ୨୪ ଦିନରେ ପହଞ୍ଚିଛି। ଏହି ୬ ଦଫା ଦାବିକୁ ନେଇ ଆସନ୍ତାକାଲି(ବୁଧବାର) ୩୦ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦେଇଛନ୍ତି ନବନିର୍ମାଣ କୃଷକ ସଂଗଠନ ଏବଂ ଯୁବଛାତ୍ର ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର।

ଏହି ପରିପ୍ରେକ୍ଷୀରେ ସତ୍ୟାଗ୍ରହ ସ୍ଥଳରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛିଛ ନବନିର୍ମାଣ ଯୁବଛାତ୍ର ସଂଗଠନ ଏବଂ କୃଷକ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର କହିଛନ୍ତି ଯେ, ପିଲାମାନଙ୍କ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ୧୬୭୮ଟି ଭୁଲ୍ ରହିଛି। ବହି ବିଭ୍ରାଟ ପ୍ରତିବାଦରେ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନୱର ଅଲ୍ଲୀଙ୍କ ନେତୃତ୍ୱରେ ଅଗଷ୍ଟ ୨୦ ତାରିଖରୁ ଜାରି ରହିଥିବା ଅନିର୍ଦ୍ଦିଷ୍ଟକାଳୀନ ଅନଶନ ଓ ସତ୍ୟାଗ୍ରହ ଆଜି ୪୧ ଦିନରେ ପହଞ୍ଚିବା ପରେ ମଧ୍ୟ ସରକାର ଅନ୍ଧ, ମୁକ, ବଧିର ପରି ବସିରହିଛନ୍ତି। ଆଲୋଚନାର ସାମାନ୍ୟ ପ୍ରୟାସ ବି କରାଯାଇନାହିଁ। ଏହାରି ପ୍ରତିବାଦରେ ସେପେଟମ୍ବର ୩୦ ତାରିଖରେ ଶାନ୍ତିପୂର୍ଣ୍ଣ ଓଡ଼ିଶା ବନ୍ଦ କରାଯିବ।

ଆଜିର ସାମ୍ବାଦିକ ସମ୍ମିଳନୀରେ ନବନିର୍ମାଣ ଯୁବଛାତ୍ର (୯ ପୃଷ୍ଠାରେ)

## ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବଡ଼ ବୈଠକ

# ୧୧ ମନ୍ତ୍ରୀ, ୫୬ ବିଧାୟକ ଉପସ୍ଥିତ

ଭୁବନେଶ୍ୱର, ୨୯ ।୯ (ସବ୍ୟୁ) : ବିଧାନସଭା ଅଧିବେଶନ ଶେଷ ହେବାପରେ ଆଜି ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବିଜେପି ବିଧାୟକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଅଧ୍ୟକ୍ଷତା କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ ଏକମାସବ୍ୟାପୀ ପ୍ରଧାନମନ୍ତ୍ରୀଙ୍କ ସେବା ସଙ୍କଳ୍ପ ଅଭିଯାନକୁ ନିଜ ନିଜ ନିର୍ବାଚନମଣ୍ଡଳୀରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଙ୍କଳ୍ପ ଅଭିଯାନକୁ ଜୋରଦାର କରିବାକୁ କୁହାଯାଇଛି। ସେବା ସଙ୍କଳ୍ପ ଅଭିଯାନର ପରବର୍ତ୍ତୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହାଛଡା ସାଂଗଠନିକ ଆଲୋଚନା ହୋଇଛି। ବିଧାୟକମାନେ ନିଜ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି। ଏମ୍‌ଏମ୍‌ଡିଆର୍ ଆଇନ୍ ଓ ପାଠ୍ୟ ପୁସ୍ତକ ତ୍ରୁଟି ନେଇ ବିରୋଧୀ ଦଳଗୁଡ଼ିକ ହଠାତ୍ ସକ୍ରିୟ ହୋଇପଡ଼ିଛନ୍ତି। ତେଣୁ ତୃଣମୂଳ ସ୍ତରରେ ସଂଗଠନ ଉପରେ ଏହାର ଯେପରି କୌଣସି ପ୍ରଭାବ ନ ପଡ଼େ ସେଥିପାଇଁ ବିଧାୟକମାନଙ୍କୁ ନିଜ ନିଜ ଅଞ୍ଚଳର ସଂଗଠନ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ବୈଠକରେ ୧୧ ମନ୍ତ୍ରୀ ଓ ୫୬ ବିଧାୟକ ଉପସ୍ଥିତ ଥିଲେ।

### ସେବା ସଂକଳ୍ପ ଅଭିଯାନ ନେଇ ଆଲୋଚନା

# ସିଙ୍ଗଲ ୱିଣ୍ଡୋରେ ୩୨୮୦ କୋଟିର ନିବେଶକୁ ଅନୁମୋଦନ

## ୧୯ ଶିଳ୍ପ ପ୍ରସ୍ତାବରେ ୧୦୬୬୧ ନିଯୁକ୍ତି ସୁଯୋଗ



ଭୁବନେଶ୍ୱର, ୨୯ ।୯ (ସବ୍ୟୁ) : ଓଡ଼ିଶା ସରକାର ୩,୨୮୦.୫୮ କୋଟି ଟଙ୍କାର ମୋଟ ନିବେଶ ସହ ୧୯ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ପ୍ରସ୍ତାବଗୁଡ଼ିକ ମାଧ୍ୟମରେ ୧୦,୬୬୧ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଅନୁମୋଦନ ଓଡ଼ିଶାର ବିବିଧ କ୍ଷେତ୍ରରେ ଶିଳ୍ପ ପରିବେଶକୁ ଆହୁରି ସୁଦୃଢ଼ କରିବା, ମୂଲ୍ୟଯୁକ୍ତ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ସହ ବିଭିନ୍ନ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ଆଉ ଏକ ପଦକ୍ଷେପ ହୋଇଛି। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୫୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟାରାନ୍ସ ଅଥରିଟି ବୈଠକରେ ଏହି ନିବେଶ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ ପ୍ରଦାନ କରାଯାଇଛି।

ଅନୁମୋଦିତ ପ୍ରକଳ୍ପଗୁଡ଼ିକ ବୟନ ଓ ପୋଷାକ ଏବଂ ବୈଷୟିକ ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ ଡାଉନଷ୍ଟ୍ରିମ୍, ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର୍, ଜୈବ ଇନ୍ଧନ, ରାସାୟନିକ ଓ ରାସାୟନିକ ଉତ୍ପାଦ, ସର୍କୁଲାର ଇକୋନୋମି, ପ୍ଲାଷ୍ଟିକ୍ ଏବଂ ପର୍ଯ୍ୟଟନ ଭଳି (୯ ପୃଷ୍ଠାରେ)

# ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ୍ ରଦ୍ଦ କର



ଭୁବନେଶ୍ୱର, ୨୯ ।୯ (ସବ୍ୟୁ): କେନ୍ଦ୍ର ସରକାରଙ୍କ ଖଣି ଆଇନ ଓ ଏମଏମଡ଼ିଆର୍ (ସଂଶୋଧନ) ଆଇନ୨୦୨୬ ରଦ୍ଦ ଦାବିରେ ମଙ୍ଗଳବାର ଭୁବନେଶ୍ୱରରେ ଇଣ୍ଡିଆ ବ୍ଲକ ପକ୍ଷରୁ ଆୟୋଜିତ ବିଶାଳ ବିକ୍ଷୋଭ, ପ୍ରତିବାଦ ସଭା ଓ ବିଧାନସଭା ଘେରାଉ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଶକ୍ତିଶାଳୀ ଜନମତ ପ୍ରକାଶ ପାଇଛି। ଇଣ୍ଡିଆ ବ୍ଲକର ରାଜ୍ୟସ୍ତରୀୟ ନେତୃବୃନ୍ଦ ବିଜେପି ସରକାର ଉପରେ ତୀବ୍ର ସମାଲୋଚନା କରିଛନ୍ତି। ମାଷ୍ଟର କ୍ୟାଣ୍ଟିନରୁ ବାହାରିଥିବା ପଟୁଆରରେ ବହୁ ସଂଖ୍ୟାରେ ଶ୍ରମିକ, କୃଷକ, ଯୁବ, ଛାତ୍ର, ମହିଳା, ଆଦିବାସୀ, ଦଳିତ ଓ ସାଧାରଣ ଲୋକ ଯୋଗଦେଇ ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ବିଶାଳ ଜନଗର୍ଜନ ସମାବେଶରେ ସାମିଲ ହୋଇଥିଲେ।

ଏହି ଆନ୍ଦୋଳନରେ ଇଣ୍ଡିଆ ବ୍ଲକ ପକ୍ଷରୁ ମୁଖ୍ୟତଃ ଚାରିଟି ଦାବି ଉପସ୍ଥାପିତ ହୋଇଛି। ପ୍ରଥମତଃ, ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ଆର୍ଥିକ ଅଧିକାର ଉପରେ କେନ୍ଦ୍ରୀୟ ହସ୍ତକ୍ଷେପକୁ ବନ୍ଦ କରି ଏମଏମଡ଼ିଆର୍ (ସଂଶୋଧନ) ଆଇନ୨୦୨୬କୁ ସମ୍ପୂର୍ଣ୍ଣ ରଦ୍ଦ କରିବାକୁ ଦାବି କରାଯାଇଛି। ଓଡ଼ିଶାର ଖଣିଜ ସମ୍ପଦ ଓ ସେଥିରୁ ମିଳୁଥିବା ରାଜସ୍ୱ ଉପରେ ରାଜ୍ୟର ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ନୀତି ବିରୋଧରେ ଇଣ୍ଡିଆ ବ୍ଲକ ଆନ୍ଦୋଳନ ଜାରି ରଖିବାକୁ ଘୋଷଣା କରିଛି। (୯ ପୃଷ୍ଠାରେ)

### ଇଣ୍ଡିଆ ବ୍ଲକ୍‌ର ବିଶାଳ ବିକ୍ଷୋଭ

### ୮ରେ ଓଡ଼ିଶା ବନ୍ଦ ଡାକରା

ଭୁବନେଶ୍ୱର, ୨୯ ।୯ (ସବ୍ୟୁ): ଇଣ୍ଡିଆ ବ୍ଲକ ପକ୍ଷରୁ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ୮ ଅକ୍ଟୋବର ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ରାଜ୍ୟର ସମ୍ପଦ ଓ ଅଧିକାରର ସୁରକ୍ଷା, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା, ଶିକ୍ଷା ଓ ଜନଜୀବନର ସୁରକ୍ଷା ଏବଂ ବନ୍ୟା ପୀଡ଼ିତଙ୍କ ନ୍ୟାୟସଙ୍ଗତ ସହାୟତା ପାଇଁ ଏହି ବନ୍ଦକୁ ଏକ ଶକ୍ତିଶାଳୀ ଜନପ୍ରତିବାଦରେ ପରିଣତ କରିବାକୁ ଆହ୍ୱାନ ଦିଆଯାଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଘୋଷଣା କରିଛନ୍ତି।

## ସିଡବ୍ଲ୍ୟୁସି ବୈଠକରେ ୫ ଦାବି

# ଭୋଟର ତାଲିକାର ସ୍ୱଚ୍ଛତା ଲାଗି ପ୍ରସ୍ତାବ




ନୂଆଦିଲ୍ଲୀ, ୨୯ ।୯ : ନିର୍ବାଚନ କମିଶନଙ୍କ କାର୍ଯ୍ୟପ୍ରଣାଳୀ ଓ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍‌ଆଇଆର୍)କୁ ନେଇ ବିବାଦ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ସରକାରର 'କାଠପୁତଳି' ବୋଲି ଅଭିହିତ କରିଛନ୍ତି। ତାଙ୍କୁ ତୁରନ୍ତ ପଦରୁ ହଟାଇବାକୁ ମଧ ଖଡ୍‌ଗେ ଦାବି କରିଛନ୍ତି।

କଂଗ୍ରେସ କାର୍ଯ୍ୟ କମିଟି (ସିଡବ୍ଲ୍ୟୁସି) ବୈଠକରେ ଖଡ୍‌ଗେ କହିଛନ୍ତି ଯେ, ଦୁଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଏସ୍‌ଆଇଆର୍ ଏବଂ ଅନ୍ୟାନ୍ୟ ନିଷ୍ପତ୍ତିକୁ ନେଇ ଏକାଧିକ ଥର ପ୍ରଶ୍ନ ଉଠାଇଛନ୍ତି। ତେବେ ନିର୍ବାଚନ କମିଶନ ଏହି ଆପତ୍ତିଗୁଡ଼ିକୁ ନିୟମିତ ପ୍ରଶାସନିକ ପ୍ରକ୍ରିୟାର ଅଂଶ ବୋଲି କହିଛନ୍ତି।

ଖଡ୍‌ଗେ ସିଡବ୍ଲ୍ୟୁସି ବୈଠକରେ ଭୋଟର ତାଲିକା ଓ ନିର୍ବାଚନ ପ୍ରକ୍ରିୟାକୁ ନେଇ ୫ଟି ପ୍ରମୁଖ ଦାବି ରଖିଛନ୍ତି। ସେଗୁଡ଼ିକ ହେଲା ଭୋଟର ତାଲିକାରେ ହୋଇଥିବା ପ୍ରତ୍ୟେକ ବଡ଼ ପରିବର୍ତ୍ତନର ସମ୍ପୂର୍ଣ୍ଣ ତଥ୍ୟ ସାର୍ବଜନୀନ କରାଯାଉ। ଭୋଟର ତାଲିକାରୁ ନାମ ବାଦ ପଡ଼ିଥିବା ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ସୂଚନା ଦେବା ସହ ଅପିଲ୍‌ର ସୁଯୋଗ ଦିଆଯାଉ। ସମସ୍ତ ରାଜନୈତିକ ଦଳକୁ ସରଳ ଫର୍ମାଟ୍‌ରେ ସମୟୋଚିତ ଭାବେ ଭୋଟର ତାଲିକା ଓ ସମ୍ପର୍କିତ ତଥ୍ୟ ଯୋଗାଇ ଦିଆଯାଉ। ଗୁରୁତର ଅନିୟମିତତାର ପ୍ରମାଣ ମିଳିଲେ ସ୍ୱାଧୀନ ଓ ସମୟବଦ୍ଧ ତଦନ୍ତ କରାଯାଉ। ନିର୍ବାଚନ ପ୍ରକ୍ରିୟା ସମ୍ପର୍କିତ ତଥ୍ୟ ଓ ନିଷ୍ପତ୍ତିରେ ଅଧିକ ସ୍ୱଚ୍ଛତା ରହୁ, ଯାହାଦ୍ୱାରା କୌଣସି ତଥ୍ୟ ଲୁଚାଯାଉଥିବା ନେଇ ପ୍ରଶ୍ନ ନଉଠେ।

ଖଡ୍‌ଗେ ଅଭିଯୋଗ କରିଛନ୍ତି ଯେ ଭୋଟର ତାଲିକାରୁ (୯ ପୃଷ୍ଠାରେ)

## ଅନ୍ତର୍ଜାତୀୟ ଅନୁବାଦ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୩୦ ତାରିଖରେ ସାରା ବିଶ୍ୱରେ 'ଆନ୍ତର୍ଜାତୀୟ ଅନୁବାଦ ଦିବସ' ପାଳିତ ହୋଇଆସୁଛି । ଯାହା ବିଶ୍ୱର ଅନୁବାଦକ, ଓ ଭାଷା ବିଶେଷଜ୍ଞମାନଙ୍କ ଅସାଧାରଣ ଯୋଗଦାନକୁ ସମ୍ମାନ ଜଣାଇବାର ଏକ ବିଶେଷ ମଞ୍ଚ ସାଜିଛି । ବାଇବେଲକୁ ଗ୍ରୀକ୍ ଓ ହୀବ୍ରୁରୁ ଲାଟିନ୍ ଭାଷାକୁ ଅନୁବାଦ କରି ଅନୁବାଦ ସାହିତ୍ୟରେ ବିପ୍ଳବ ଆଣିଥିବା ମହାନ୍ ଭାଷାବିତ୍ ସେଣ୍ଟ ଜେରୋମ୍‌ଙ୍କ ଶ୍ରାଦ୍ଧ ଦିବସକୁ ସ୍ମରଣୀୟ କରିବା ପାଇଁ ୧୯୯୧ ମସିହାରେ 'ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଟ୍ରାନ୍ସଲେଟରସ' ଦ୍ୱାରା ଏହି ଦିବସ ପାଳନର ପରିକଳ୍ପନା କରାଯାଇଥିଲା । ପରବର୍ତ୍ତୀ ସମୟରେ ୨୦୧୭ ମସିହାରେ ସଂଯୁକ୍ତ ରାଷ୍ଟ୍ର ସାଧାରଣ ସଭା ଏହାକୁ ଆନୁଷ୍ଠାନିକ ମାନ୍ୟତା ପ୍ରଦାନ କରିଥିଲା । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାଷାଗତ ବ୍ୟବଧାନକୁ ଦୂର କରି ବିଶ୍ୱବ୍ୟାପୀ ଶାନ୍ତି, ସାଂସ୍କୃତିକ ଆଦାନପ୍ରଦାନ, କୂଟନୀତି, ବାଣିଜ୍ୟ ଏବଂ ଜ୍ଞାନର ପ୍ରସାରକୁ ସୁଗମ କରିବା । ବିଶେଷକରି ସାହିତ୍ୟ, ବିଜ୍ଞାନ, ଆଇନ୍ ଓ ଚିକିତ୍ସା କ୍ଷେତ୍ରରେ ସଠିକ୍ ସୂଚନା ପହଞ୍ଚାଇବା ସହ ବିଲୁପ୍ତପ୍ରାୟ ଆଞ୍ଚଳିକ ଭାଷାଗୁଡ଼ିକର ସଂରକ୍ଷଣ ଏବଂ ବିଶ୍ୱାୟନର ଏହି ଯୁଗରେ ବିଭିନ୍ନ ଦେଶ ଓ ସଂସ୍କୃତି ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଗଢ଼ିତୋଳିବାରେ ଅନୁବାଦକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।



## କାମରୁନାଗ ହ୍ରଦ

ଭାରତର ପାହାଡ଼ିଆ ରାଜ୍ୟ ହିମାଚଳ ପ୍ରଦେଶ ନିଜର ପୌରାଣିକ ମହତ୍ତ୍ୱ ସହ କୋଣ ଅନୁକୋଣରେ ଲୁଚି ରହିଛି ଅନେକ ରହସ୍ୟ । ବରଫ ଚାଦରରେ ଘୋଡ଼ି ହୋଇ ରହିଥିବା ଏହି ରାଜ୍ୟରେ ଏପରି କିଛି ସ୍ଥାନ ରହିଛି ଯାହା ମହାଭାରତ କାଳ ସହ ଯୋଡ଼ା ଯାଏ । ହିମାଚଳପ୍ରଦେଶରେ ଏପରି ଏକ ହ୍ରଦ ରହିଛି, ଯେଉଁଠି କୋଟି କୋଟି ଟଙ୍କାର ଭଣ୍ଡାର ରହିଛି । ହେଲେ ଏପର୍ଯ୍ୟନ୍ତ ଏହି ହ୍ରଦରୁ ଭଣ୍ଡାର ବାହାର କରିବାକୁ ଚେଷ୍ଟା କରାଯାଇନାହିଁ । କାରଣ ଯିଏ ବି ଏହି ସୁନା ହୀରା ଅଳଙ୍କାର ଆଣିବାକୁ ଯାଇଛନ୍ତି ସେ କେବେ ବି ସଫଳ ହୋଇନାହାନ୍ତି । ମଣ୍ଡି ଉପତ୍ୟକାରେ ଅବସ୍ଥିତ କାମରୁନାଗ ହ୍ରଦ ରାଜ୍ୟର ପ୍ରମୁଖ ହ୍ରଦ ମଧ୍ୟରେ ଏକ । ଏହାକୁ ନେଇ ବିଶ୍ୱାସ ରହିଛି ଯେ ଭୀମ ଏହି ହ୍ରଦକୁ ସୃଷ୍ଟି କରିଛନ୍ତି ଯାହା ପାତାଳ ସହିତ ସଂଯୁକ୍ତ । ଏହି ହ୍ରଦ ନିକଟରେ ବାବା କାମରୁନାଗଙ୍କ ମନ୍ଦିର ରହିଛି, ଯାହାଙ୍କୁ ବର୍ଷାର ଦେବତା ଭାବେ ବିବେଚନା କରାଯାଇଥାଏ । ତେବେ ଏହି ମନ୍ଦିର ନାମ ଅନୁସାରେ ହ୍ରଦର ନାମ ରଖାଯାଇଛି । ଏଠାରେ ପ୍ରତି ବର୍ଷ ଜୁନ ମାସରେ ସ୍ୱତନ୍ତ୍ର ମେଳାର ଆୟୋଜନ କରାଯାଇଥାଏ । ପୌରାଣିକ କଥା ଅନୁଯାୟୀ ପ୍ରତିବର୍ଷ ୧୪-୧୫ ଜୁନ୍‌ରେ ବାବା କାମରୁନାଗ ସମଗ୍ର ଦୁନିଆକୁ ଦର୍ଶନ ଦେଇଥାନ୍ତି । ବାବାଙ୍କୁ ଦର୍ଶନ କରିବା ପାଇଁ ଲୋକମାନେ ରୋହଣ୍ଡା ନାମକ ସ୍ଥାନରୁ ୮ କିଲୋମିଟରର ଘଞ୍ଚ ଜଙ୍ଗଲ ଏବଂ ପର୍ବତ ଅତିକ୍ରମ କରି ଏଠାକୁ ଆସିଥାନ୍ତି । ରୋହଣ୍ଡା ହିମାଚଳ ପ୍ରଦେଶର ମଣ୍ଡି ନାମକ ସ୍ଥାନଠାରୁ ପ୍ରାୟ ୬୦ କିଲୋମିଟର ଦୂରରେ ରହିଛି । କାମରୁନାଗ ହ୍ରଦକୁ ନେଇ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ ଏଥିରେ ସୁନା, ରୁପା, ଅଳଙ୍କାର ଏବଂ ଟଙ୍କା ଅର୍ପଣ କଲେ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ । ତେଣୁ ଏଠାରେ ଲୋକମାନେ ଏଠାରେ ଅଳଙ୍କାର ଏବଂ ଟଙ୍କା ଚଢ଼ାଉଥିବାର ଦେଖିବାକୁ ମିଳିଥାଏ । ବର୍ଷ ବର୍ଷ ଧରି ଲୋକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଟଙ୍କା ଏବଂ ଅଳଙ୍କାର ଯୋଗୁଁ ଏହି ହ୍ରଦରେ କୋଟି କୋଟି ଟଙ୍କାର ସମ୍ପତ୍ତି ରହିବାର ଅନୁମାନ କରାଯାଏ । କିନ୍ତୁ କେହି ଏହାକୁ ଚୋରି କରିପାରନ୍ତି ନାହିଁ କାରଣ ଏହା ଦେବତାମାନଙ୍କର ଭଣ୍ଡାର, ଯାହାକୁ ସ୍ୱୟଂ ନାଗ ଦେବତାମାନଙ୍କ ଦ୍ୱାରା ସୁରକ୍ଷା ଦିଆଯାଉଛି । ତେଣୁ ଏହାକୁ କୌଣସି ସୁରକ୍ଷାର ଆବଶ୍ୟକତା ନାହିଁ ।



## ସୋସିଆଲ କୋଟ୍ସ



ରଙ୍ଗୀଲା ଫିଲ୍ମରେ ଉର୍ମିଳା ମାତୋଣ୍ଡକର ଡ୍ୟାନ୍ସ ନିଜେନିଜେ କୋରିଓ ଗ୍ରାଫ କରିଥିଲେ । ସେଦିନ କୋରିଓଗ୍ରାଫର ଆସି ନଥିଲେ ତେଣୁ ସେ ଏହାକୁ ନିଜେ କରିଥିଲେ`

**ରାମ ଗୋପାଲ ବର୍ମା, ଫିଲ୍ମମେକର**



ବଲିଉଡ ହିରୋଙ୍କୁ ସାଉଥରେ ଭିଲିଆନ ଚରିତ୍ର ମିଳିଥାଏ । ଯାହା ମୋତେ ପସନ୍ଦ ଆସେ ନାହିଁ । ତେଣୁ ମୁଁ ସାଉଥ ଠାରୁ ଦୂରରେ ରହେ ।

**ସୁନିଲ ସେଟ୍ଟି, ଅଭିନେତା**



ଭାବି ଜୀ ଘର ପର ହେ ସବୁବେଳେ ମୋ ହୃଦୟର ନିକଟତର ରହିବ ।ଏହି ସେଟରୁ ମୁଁ ଅନେକ କିଛି ଶିଖିଛି` ଶୋ କୁ ମିସ କରୁଛି ।

**ଶୁଭାଙ୍ଗି, ଅଭିନେତ୍ରୀ**

## ପାଣି ଅସୁବିଧାରୁ ବିକ୍ରି ହେଉଛି ଗାଁ

ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାସ୍ଥିତ ତୁଳସୀ ଗ୍ରାମର ପ୍ରାୟ ୭,୦୦୦ ଅଧିବାସୀ ନିଜ ଗ୍ରାମକୁ ବିକ୍ରି କରିବା ପାଇଁ "ଗାଁ ବିକ୍ରି ପାଇଁ ଉଦିଷ୍ଟ" ବ୍ୟାନର ଲଗାଇ ଏକ ଅଭିନବ ଓ ନିରାଶାଜନକ ପ୍ରତିବାଦ ଆରମ୍ଭ କରିଛନ୍ତି । ଯେଉଁଠାରେ ସେମାନେ ଟଙ୍କା ବଦଳରେ କେବଳ ଜଳ ଯୋଗାଣ ଦାବି କରୁଛନ୍ତି । ଗ୍ରାମରେ ଥିବା ୧୪ଟି ପୋଖରୀ ଓ କୂଅ ସଂପୂର୍ଣ୍ଣ ଶୁଖିଯାଇଥିବାରୁ ଲୋକେ ଜଳ ଟ୍ୟାଙ୍କର ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି । ଯଦିଓ ଏକ ଯୋଜନା ଅଧିନରେ କେନାଲ୍ ଏହି ଗ୍ରାମ ଦେଇ ଯାଇଛି, କିନ୍ତୁ ସପ୍ତମ ଓ ଅଷ୍ଟମ ଆଉଟଲେଟ୍ ନିକଟରେ ୮୦୦ ମିଟର କେନାଲ କାମ ବିଗତ ୨୬ ବର୍ଷ ଧରି ଅସମ୍ପୂର୍ଣ୍ଣ ହୋଇ ରହିବା ଯୋଗୁଁ ଗ୍ରାମବାସୀ ଏହାର ସୁଫଳରୁ ବଞ୍ଚିତ ହେଉଛନ୍ତି । ଗତ ସେପ୍ଟେମ୍ବର ୧୪ରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଛି । ଗ୍ରାମବାସୀ ଦାବି କରିଛନ୍ତି ଯେ ଏହି ଉତ୍କଟ ଜଳ ସଙ୍କଟ କାରଣରୁ ପ୍ରାୟ ୩୫୦ ଜଣ ଯୁବକ ଅବିବାହିତ ହୋଇ ରହିଛନ୍ତି । କାରଣ ଅନ୍ୟ ପରିବାରମାନେ ପାଣି ଅଭାବ ଭୋଗୁଥିବା ଏହି ଗାଁକୁ ନିଜ ଝିଅଙ୍କୁ ବିବାହ ଦେବାକୁ ପଛଘୁଞ୍ଚା ଦେଉଛନ୍ତି । ତେଣୁ ସେମାନେ ବର୍ତ୍ତମାନ ନିଜ ଗାଁକୁ ବିକ୍ରି କରିବା ପାଇଁ ଚେଷ୍ଟା ଚଳାଇଛନ୍ତି ।



## ଇତିହାସ

୧୯୫୫- ସଡକ ଦୁର୍ଘଟଣାରେ ଲୋକପ୍ରିୟ ହଲିଉଡ୍ ଅଭିନେତା ଜେମ୍ସ ଡିନ୍‌ଙ୍କ ମୃତ୍ୟୁ ।

୧୯୭୦- ଭାରତର ସଟ୍‌ପୁଟ୍ ଓ ଜାଭେଲିନ୍ ଥ୍ରୋର ଖେଳାଳି ଦୀପା ମଳିକଙ୍କ ଜନ୍ମ ।

୧୯୯୩- ମହାରାଷ୍ଟ୍ରର ଔରଙ୍ଗାବାଦ ଭୂକମ୍ପରେ ୧୦ ହଜାର ଲୋକଙ୍କ ମୃତ୍ୟୁ ।

୨୦୦୧- ବିମାନ ଦୁର୍ଘଟଣାରେ ବରିଷ୍ଠ କଂଗ୍ରେସ ନେତା ମାଧବ ରାଓ ସିନ୍ଧିଆଙ୍କ ପରଲୋକ ।

୨୦୦୩- ବିଶ୍ୱନାଥନ୍ ଆନନ୍ଦ ବିଶ୍ୱ ରାପିଡ୍ ଚେସ୍ ଚାମ୍ପିଅନ୍‌ସିପ୍ ଜିତିଲେ ।

୨୦୦୯- ପ୍ରଖ୍ୟାତ୍ ଭାରତୀୟ ପ୍ଲେବ୍ୟାକ୍ ସିଙ୍ଗର୍ ମାନ୍ନା ଦେ'ଙ୍କୁ ୨୦୦୭ ମସିହା ପାଇଁ ଦାଦା ସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଗଲା ।

## ଆଳୁ ଫ୍ରାଏ

**ସାମଗ୍ରୀ** - ଆଳୁ, ମଇଦା, କର୍ଣ୍ଣଫ୍ଲୋର, ଲଙ୍କା ଗୁଣ୍ଡ, କାଶ୍ମିରୀ ଲଙ୍କାଗୁଣ୍ଡ, ଭିନେଗାର, ଅଦାରସୁଣ ପେଷ୍ଟ, ଲୁଣ, ଚାଟ ମସଲା ।



**ପ୍ରଣାଳୀ** - ପ୍ରଥମେ ବଡବଡ ଆକାରର ଆଳୁକୁ ଚୋପା ଛାଡ଼ି ଲମ୍ବାଲମ୍ବା ମୋଟା ମୋଟା କରି କାଟି ନିଅନ୍ତୁ । ଏହାକୁ ଭଲକରି ପାଣିରେ ଧୋଇ ହାଲୁକା ଶୁଖାଇ ନିଅନ୍ତୁ । ଏହାପରେ ଗୋଟିଏ ପାତ୍ରରେ ମଇଦା, କର୍ଣ୍ଣଫ୍ଲୋର, ଲୁଣ, ଲଙ୍କାଗୁଣ୍ଡ, କାଶ୍ମିରୀ ଲଙ୍କାଗୁଣ୍ଡ, ଭିନେଗାର, ଚାଟ ମସଲା, ଅଦାରସୁଣ ପେଷ୍ଟ ଓ ପାଣି ଦେଇ ଏକ ଆଣ ପ୍ରସ୍ତୁତ କରନ୍ତୁ । ଏହାସହ ଆଉ ଏକ ପାତ୍ରରେ ଶୁଖିଲା ମଇଦା ମଧ୍ୟ ରଖନ୍ତୁ । ପ୍ରଥମେ ଆଳୁ ଖଣ୍ଡକୁ ଏହି ମିଶ୍ରଣରେ ବୁଡାନ୍ତୁ ତାପରେ ଏହାକୁ ଶୁଖିଲା ମଇଦାରେ ଗଡାଇ ତେଲରେ ଛାଣି ନିଅନ୍ତୁ । ଏଗୁଡିକ ଛାଣିବା ସଙ୍ଗେସଙ୍ଗେ ଖାଇବାକୁ ଦିଅନ୍ତୁ ।



## ସ୍ୱରାଙ୍କ ସ୍ପଷ୍ଟୀକରଣ

ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ୨୦୧୮ ମସିହାରେ ମୁକ୍ତିଲାଭ କରିଥିବା ସଞ୍ଜୟ ଲୀଳା ଭଂସାଲୀଙ୍କ ଚଳଚ୍ଚିତ୍ର 'ପଦ୍ମାବତ'ର ଜୌହର ଦୃଶ୍ୟକୁ ନେଇ ନିଜର ପୁରୁଣା ମନ୍ତବ୍ୟ ଉପରେ ପୁଣି ଥରେ ମୁହଁ ଖୋଲିଛନ୍ତି । ଯାହାକୁ ନେଇ ମନୋରଞ୍ଜନ ଓ ରାଜନୈତିକ ମହଲରେ ପୁଣି ଉତ୍ତେଜନା ପ୍ରକାଶ ପାଇଛି । ଏକ ସାକ୍ଷାତକାରରେ ସ୍ୱରା ଏହି ବିବାଦକୁ ଗୋଟିଏ "ପ୍ରାୟୋଜିତ" ମୁଦ୍ଦା ବୋଲି ଅଭିହିତ କରିବା ସହ ରାଜନୈତିକ ଆଇଟି ସେଲ୍‌ଗୁଡ଼ିକ ନିଜର ଏଜେଣ୍ଡା ସାଧନ ପାଇଁ ତାଙ୍କୁ ବାରମ୍ବାର ନିଶାନା କରୁଥିବା ମତ ଦେଇଛନ୍ତି । କିଛି ଲୋକ ତାଙ୍କ ନାମ ବ୍ୟବହାର କରି ନିଜର ଜୀବିକା ନିର୍ବାହ କରୁଛନ୍ତି ବୋଲି ଗମ୍ଭୀର ଅଭିଯୋଗ ଆଣିଛନ୍ତି । ଅପରପକ୍ଷରେ, ରିଆଲିଟି ଶୋ' 'ରାଇଜ୍ ଆଣ୍ଡ ଫଲ୍-୨'ରେ ଅଂଶଗ୍ରହଣ କରିଥିବା ସ୍ୱରାଙ୍କ ଏହି ମନ୍ତବ୍ୟକୁ ନେଇ କଣ୍ଟେଷ୍ଟାଣ୍ଟ ଶେହଜାଦ ପୁନାୱାଲା ଓ ସିବେତ ତୋମାରଙ୍କ ମଧ୍ୟରେ ମତଭେଦ ଦେଖିବାକୁ ମିଳିଥିଲା । ତେବେ ସେ କଦାପି ଜୌହର ବ୍ରତ ପାଳନ କରିଥିବା ରାଜପୁତ ମହିଳାମାନଙ୍କୁ କାପୁରୁଷ କହିନାହାନ୍ତି, ବରଂ ସେ ନିଜେ ଜଣେ ଦୁଷ୍କର୍ମ ପୀଡ଼ିତା ହୋଇଥିଲେ ଏପରି ଗ୍ଲୋରିଫିକେସନ୍ ଦେଖି ନିଜକୁ କାପୁରୁଷ ଅନୁଭବ କରିଥାନ୍ତେ ବୋଲି ସ୍ୱରା ସ୍ପଷ୍ଟୀକରଣ ଦେଇଛନ୍ତି । ଯଦିଓ ସୋସିଆଲ ମିଡିଆରେ ତାଙ୍କର ଏହି ବକ୍ତବ୍ୟକୁ ଐତିହାସିକ ବଳିଦାନର ଅପମାନ ଭାବେ ଚିତ୍ରିତ କରାଯାଇଛି ।

## ନାଇଟ୍ କ୍ଲବରେ ବହିପଢ଼ା

ଜାପାନରେ ଆଜିକାଲି ଯୁବପିଢ଼ି ନାଇଟ୍‌କ୍ଲବ୍‌କୁ ନାଚିବା କିମ୍ବା ମଜା କରିବା ପାଇଁ ନୁହେଁ, ବରଂ ନୀରବରେ ବହି ପଢ଼ିବା ପାଇଁ ଯାଉଥିବା ଏକ ନୂତନ ଟ୍ରେଣ୍ଡ ସାମ୍ନାକୁ ଆସିଛି । ଟୋକିଓର ଶିମୋକିତାଜାୱାସ୍ଥିତ 'ସ୍ପେଡ୍ କ୍ଲବ୍'ଠାରେ ଆୟୋଜିତ ଜୁସି ବୁକ୍ ରେଭ୍ କାର୍ଯ୍ୟକ୍ରମରେ ଲୋକମାନେ ତଳେ ଗାଲିଚା ଉପରେ ବସି କିମ୍ବା ଶୋଇ ନିଜର ପ୍ରିୟ ବହି ପଢୁଥିବା ବେଳେ ବ୍ୟାକଗ୍ରାଉଣ୍ଡରେ ଡିଜେ ମାଧ୍ୟମରେ ଆମ୍ବିଏଣ୍ଟ୍ ଓ ଇଲେକ୍ଟ୍ରୋନିକ୍ ସଙ୍ଗୀତ ପରିବେଷଣ କରାଯାଉଛି । ଏହି ନିଆରା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା କିମ୍ବା ସାମାଜିକ ସମ୍ପର୍କ ବଢ଼ାଇବାର କୌଣସି ବାଧ୍ୟବାଧକତା ନଥାଇ ଲୋକେ ନିଜ ନିଜ ମନମୁତାବକ ବହି ପଢ଼ିପାରିବେ । ପରବର୍ତ୍ତୀ ସମୟରେ ନାଚିପାରିବେ କିମ୍ବା ପରସ୍ପର ମଧ୍ୟରେ ବହି ଆଦାନପ୍ରଦାନ ମଧ୍ୟ କରିପାରିବେ । ସୂଚନାଯୋଗ୍ୟ ଯେ, ସଙ୍ଗୀତ ସହ ବହି ପଢ଼ିବାର ଏହି ଆକର୍ଷଣୀୟ ପରିକଳ୍ପନା ୨୦୨୩ ମସିହାରୁ ଆମେରିକାର ନ୍ୟୁୟର୍କସ୍ଥିତ ବ୍ରୁକଲିନ୍‌ରୁ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ବିଶ୍ୱର ୨୦ରୁ ଉର୍ଦ୍ଧ୍ୱ ସହରକୁ ବ୍ୟାପିସାରିଛି ।



## ମେ



**ମେଷ:** ଆର୍ଥିକଚିନ୍ତା ଆସିପାରେ , ଶରୀର ସୁସ୍ଥ, ପରିବାରରେ ଅଶାନ୍ତି, ଲୋକସମ୍ପର୍କରେ ସୁଧାର, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଯାତ୍ରାରେ ସତର୍କ, ସହଯୋଗ ବୃଦ୍ଧି । ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ପ୍ରଭୁ ଗଣେଶ ।

**ବୃଷ:** ବିଶିଷ୍ଟ କାର୍ଯ୍ୟରେ ଲାଭ, ଅନୁଷ୍ଠାନରୁ ଲାଭ, ପାରିବାରିକ ସୁଖ, ଧନଲାଭ, ନୂତନ ନିଯୁକ୍ତି, ଖୁସିଖବର, ସମ୍ପର୍କରେ ଉନ୍ନତି, ଭାଇଙ୍କ ସହ ବିରୋଧ, ଦାମ୍ପତ୍ୟସୁଖ, କିଛି କାର୍ଯ୍ୟରେ ଅଶାନ୍ତି । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା- ମା' ମହାଲକ୍ଷ୍ମୀ ।

**ମିଥୁନ:** ଆୟ ଅପେକ୍ଷା ଖର୍ଚ୍ଚ ଅଧିକ, ପାରିବାରିକ ଅଶାନ୍ତି, କର୍ମକ୍ଷେତ୍ରେ ସାମାନ୍ୟ ଖୁସି, ପରିଶ୍ରମଜନିତ କ୍ଲାନ୍ତି, ବନ୍ଧୁମିଳନ, ନୂତନ କର୍ମସନ୍ଧାନ, ଶତ୍ରୁ ସମସ୍ୟା, ଶରୀର ସୁସ୍ଥ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା-ବିଷ୍ଣୁ ସହସ୍ରନାମ ପାଠ କରନ୍ତୁ ।

**କର୍କଟ:** ଖୁସିଖବର ଆର୍ଥିକଲାଭ, ବ୍ୟବସାୟରେ ଉନ୍ନତି, ମାନସିକ ଶାନ୍ତି, ଦୂରଯାତ୍ରା ସଫଳ, ବିବାଦ ସମାଧାନ, ସନ୍ତାନସୁଖ, ନୂତନ ନିଯୁକ୍ତି, ଶରୀର ସୁସ୍ଥ, ସହଯୋଗ ମିଳିବ, । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୧୦, ଆରାଧନା-ମା' ବୈଭବଲକ୍ଷ୍ମୀ ।

**ସିଂହ:** ବନ୍ଧୁମିଳିବ, ବନ୍ଧୁବିଦ୍ରୋହ, ଅଟକିଥିବା କାର୍ଯ୍ୟରେ ଅଗ୍ରଗତି, ପାରିବାରିକ ସୁଖ, ଲୋକସମ୍ପର୍କ ବୃଦ୍ଧି, ସନ୍ତାନଲାଭ, ଦୂରଯାତ୍ରା ସଫଳ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ପ୍ରଶଂସା, । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗ୍ରେ କଲର, ସଂଖ୍ୟା- ୯, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** କରିଥିବା କାର୍ଯ୍ୟକୁ ନେଇ ଅନୁତାପ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ବନ୍ଧୁସାହାଯ୍ୟ, ଦୂରଯାତ୍ରା କରିବାକୁ ପଡ଼ିପାରେ , ଦାମ୍ପତ୍ୟଖୁସି, ଶରୀର ସୁସ୍ଥ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶୀ, ସଂଖ୍ୟା-୮, ଆରାଧନା- ଭଗବାନ ବିଷ୍ଣୁ ।

**ତୁଳା:** ମାନସିକ ଅଶାନ୍ତି, ଅଯଥା ଖର୍ଚ୍ଚ, ଈଶ୍ୱରଙ୍କ ପ୍ରତି ଆଗ୍ରହ, ଶୁଭ ଆଲୋଚନା, ଦୂରଯାତ୍ରାରେ ସମସ୍ୟା, ଗୃହେ ସହଯୋଗ, ବନ୍ଧୁଦ୍ୱାରା କଷ୍ଟ, ହଠାତ୍ ଶରୀର କଷ୍ଟ, ସମ୍ମାନହାନି । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା- ୯, ଆରାଧନା-ମା' ବଗଳାମୁଖୀ ।

**ବିଛା:** କାର୍ଯ୍ୟ ସଫଳ, ଶୁଭ ଆଲୋଚନା, ପୈତୃକ ସମ୍ପତ୍ତିରେ ଲାଭ, ଅର୍ଥଲାଭ, ଉତ୍ସବକୁ ନେଇ ଦୂରଯାତ୍ରା, ସନ୍ତାନଲାଭ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ପ୍ରଶଂସା, ଦ୍ରବ୍ୟଲାଭ, ଦାମ୍ପତ୍ୟଖୁସି । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା- ନୃସିଂହ ଭଗବାନ ।

**ଧନୁ:** ବ୍ୟବସାୟରେ ଲାଭ, ଅଯଥା ଅଶାନ୍ତି, ଗୃହେ ଉତ୍ସବ, ବିଶିଷ୍ଟ କାର୍ଯ୍ୟରେ ଧନଖର୍ଚ୍ଚ, ପାରିବାରିକ ସାହାଯ୍ୟ, ସନ୍ତାନଖୁସି, ବିବାଦ ସମାଧାନ, ଅଶୁଭଖବରକୁ ନେଇ ଅଶାନ୍ତି, କର୍ମକ୍ଷେତ୍ରେ ପରିଶ୍ରମ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା- ୯, ଆରାଧନା- ମା' ବୃନ୍ଦାବତୀ ।

**ମକର:** ଖୁସିଖବର, ନେତୃତ୍ୱରେ ବିଜୟ, ଲୋକସମ୍ପର୍କ ବୃଦ୍ଧି, ଆୟ ଅପେକ୍ଷା ବ୍ୟୟ ଅଧିକ, ଗୁରୁଜନଙ୍କ ଆଶୀର୍ବାଦ, ଶରୀର ସୁସ୍ଥ, ସମସ୍ୟା ସମାଧାନ, ନୂତନ ଯୋଜନାରେ ଲାଭ, ସମ୍ପତ୍ତିଲାଭ । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**କୁମ୍ଭ:** ମାନସିକ ଅଶାନ୍ତି, ହେବାକାର୍ଯ୍ୟ ବିଳମ୍ବ, ଅଳ୍ପ ଅର୍ଥଲାଭ, ପାରିବାରିକ ସମସ୍ୟା, ଶୁଭକାର୍ଯ୍ୟକୁ ନେଇ ଦ୍ୱନ୍ଦ୍ୱ, ଯାତ୍ରାରେ ସତର୍କ, ଶରୀ ଅସୁସ୍ଥ, ସନ୍ତାନଚିନ୍ତା । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗେଣି, ସଂଖ୍ୟା-୨, ଆରାଧନା-ଶଙ୍କର ଭଗବାନ ।

**ମୀନ:** କର୍ମକ୍ଷେତ୍ରେ ପ୍ରଶଂସା, ଉଚ୍ଚ ପଦାଧିକାରୀଙ୍କ ସହଯାଗ, ଶୁଭଖବର, ଦୂରଯାତ୍ରାରେ ଖୁସି, ବନ୍ଧୁଲାଭ, ଦାମ୍ପତ୍ୟସୁଖ, ବ୍ୟବସାୟରେ ଲାଭ, ଶତ୍ରୁ କମ୍ ରହିବେ, ମାନସିକ ଶାନ୍ତି, । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୨, ଆରାଧନା-ପିତାମାତାଙ୍କ ସେବା ।

**ଆଶ୍ୱିନ କୃଷ୍ଣ ପକ୍ଷ ଚତୁର୍ଥୀ**
**୩୦.୯.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ନିର୍ଜୀବ ଭିତରେ ଜୀବସତ୍ତାକୁ ଉଜ୍ଜୀବିତ କରିଛନ୍ତି କବିବର ରାଧାନାଥ ରାୟ: ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ କବିବର ସାହିତ୍ୟ ଓ ସେବା ପ୍ରତିଷ୍ଠାନର ମିଳିତ ସହଯୋଗରେ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନ ଠାରେ କବିବର ରାଧାନାଥ ରାୟଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ ଏକ ସାରସ୍ୱତ ସଭା ଓ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସୂରଜ କବିବରଙ୍କ ଜୀବନୀ ଓ କବିତା ସମୂହ ଉପରେ ଆଲୋକପାତ କରିବା ସହ ରାଧାନାଥ ରାୟଙ୍କ ସାରସ୍ୱତ କୃତି ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମତପ୍ରକାଶ କରିଥିଲେ। ଏଥିସହ ଯୁବ ସାହିତ୍ୟିକମାନଙ୍କୁ କବିବରଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମନ୍ତ୍ରୀ ଶ୍ରୀ ସୂରଜ ଆହ୍ୱାନ ଦେଇଥିଲେ।




କବିବର ରାଧାନାଥ ରାୟଙ୍କ ସାରସ୍ୱତ ସର୍ଜନାରେ ଉତ୍କଳୀୟତା ଓ ଭାରତୀୟତାର ଏକ ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୁଏ। ନିଜର କବିତାରେ କବିବର ଓଡ଼ିଆ ଅସ୍ମିତାକୁ ପ୍ରସ୍ଫୁଟିତ କରିଛନ୍ତି। ନିଃସ୍ୱକୁ ବିଶ୍ୱ ସହ ସଂଯୋଗ କରିବା ସହ ନିର୍ଜୀବ ମଧ୍ୟରେ ଜୀବସତ୍ତାର ସଞ୍ଚାର କରିଛନ୍ତି କବିବର ରାଧାନାଥ ରାୟ। କବିବରଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ସାହିତ୍ୟ କୃତି ଉତ୍ତରପିଢ଼ି ପାଇଁ ମାର୍ଗଦର୍ଶକ ଭଳି କାର୍ଯ୍ୟ କରୁ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

କାର୍ଯ୍ୟକ୍ରମରେ ଖବରକାଗଜ 'ସମ୍ବାଦ'ର ପ୍ରତିଷ୍ଠାତା ତଥା ପୂର୍ବତନ ସଂପାଦକ ସୌମ୍ୟ ରଞ୍ଜନ ପଟ୍ଟନାୟକ, 'ପ୍ରମେୟ'ର ସଂପାଦକ ଗୋପାଳକୃଷ୍ଣ ମହାପାତ୍ର, 'ସୁବାର୍ତ୍ତା'ର ସଂପାଦକ ପ୍ରଦ୍ୟୁମ୍ନ ଶତପଥୀ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ଼. ଆଦିକନ୍ଦ ସାହୁ, ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡ଼. ସଂଘମିତ୍ରା ମିଶ୍ର, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ପ୍ରମୁଖ 'କାଲି ଓ ଆଜି ଖବରକାଗଜରେ ସାହିତ୍ୟ' ଶୀର୍ଷକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, କବିବର ସାହିତ୍ୟ ଓ ସେବା ପ୍ରତିଷ୍ଠାନର ସଂପାଦକ ଦେବ ନାରାୟଣ ସେଠୀ, ସଭାପତି ଗୋପୀନାଥ ବାରିକ, ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ଼. ଅରବିନ୍ଦ ଗିରି ପ୍ରମୁଖ ସଭାକାର୍ଯ୍ୟରେ ଉପସ୍ଥିତ ଥିଲେ।

# ପ୍ରଗତି ୫୦ରେ ଓଡ଼ିଶାର ଭୁବନେଶ୍ୱର, ପୁରୀ

## ଦେଶର ୫୦ ଚୟନିତ ସହର ମଧ୍ୟରେ ରାଜ୍ୟର ଦୁଇ ସହର

ଭୁବନେଶ୍ୱର (ସବ୍ୟୁ): ସହରାଞ୍ଚଳ ସ୍ୱଚ୍ଛତା ଓ ବୈଜ୍ଞାନିକ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ଜାତୀୟ ସ୍ତରରେ ଆଉ ଏକ ସ୍ୱୀକୃତି ମିଳିଛି । କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ୍-ଅର୍ବାନ୍ ୨.୦ ଅଧୀନରେ ଆରମ୍ଭ ହୋଇଥିବା । ପ୍ରଗତି ୫୦ ପଦକ୍ଷେପ ପାଇଁ ଦେଶର ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦ଟି ସହର ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ଓ ପୁରୀକୁ ଚୟନ କରାଯାଇଛି ।

ଚୟନିତ ସହରଗୁଡ଼ିକୁ "ମଡେଲ୍ ସାନିଟେସନ୍ ସିଟି' ଭାବେ ବିକଶିତ କରିବା ପ୍ରଗତି ୫୦ର ମୁଖ୍ୟ ଲକ୍ଷ୍ୟ । ଏଥିପାଇଁ ଠୋସ ବର୍ଜ୍ୟ ପରିଚାଳନା, ବ୍ୟବହୃତ ଜଳ ପରିଚାଳନା, ସ୍ୱଚ୍ଛତା, ପରିମଳ ଓ ନାଗରିକ ଅଂଶଗ୍ରହଣ ଭଳି କ୍ଷେତ୍ରରେ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନିଆଯିବ । ନିୟମିତ ତଦାରଖ, ବୈଷୟିକ ମାର୍ଗଦର୍ଶନ ଓ ସୁସଂଗଠିତ ସହଯୋଗ ମାଧ୍ୟମରେ ଚୟନିତ ସହରଗୁଡ଼ିକରେ କାର୍ଯ୍ୟକାରୀ ଓ ସ୍ଥାୟୀ ସ୍ୱଚ୍ଛତା ବ୍ୟବସ୍ଥା ଗଢ଼ି ତୋଳାଯିବ । ଆଜି କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ପ୍ରଗତି ୫୦ର ଭର୍ଚୁଆଲ୍ ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ଆଲୋଚନା କରିଥିଲେ । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ମଧ୍ୟ ଏଥିରେ ଯୋଗଦେଇଥିଲେ । ଆଲୋଚନା ସମୟରେ ଡଃ ମହାପାତ୍ର ଓଡ଼ିଶାରେ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଭୁବନେଶ୍ୱର, କଟକ ଓ ପୁରୀରେ କମ୍ପ୍ରେସ୍ଡ଼ ବାୟୋ-ଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ଦିଗରେ କାର୍ଯ୍ୟ ଚାଲିଥିବା ସେ ପ୍ରକାଶ କରିଥିଲେ । ଏଥିସହ ଭୁବନେଶ୍ୱର ଓ କଟକରେ ବର୍ଜ୍ୟରୁ ଚାରକୋଲ୍ ପ୍ରସ୍ତୁତି ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି । ପ୍ରଗତି ୫୦ ମାଧ୍ୟମରେ ଭୁବନେଶ୍ୱର ଓ ପୁରୀରେ ସ୍ୱଚ୍ଛତା ଓ ବୈଜ୍ଞାନିକ ବର୍ଜ୍ୟ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ସହ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦିଆଯିବ । ଏହି ଦୁଇ ସହରର ଅନୁଭୂତି ଓ ସଫଳ ପ୍ରଚଳନ ଭବିଷ୍ୟତରେ ଅନ୍ୟ ସହରାଞ୍ଚଳ ପାଇଁ ମଧ୍ୟ ଅନୁକରଣୀୟ ହୋଇପାରିବ ।

**ସ୍ୱଚ୍ଛତା ଓ ବର୍ଜ୍ୟ ପରିଚାଳନାରେ ମଡେଲ୍ ସହର ଭାବେ ବିକାଶ ପାଇବ**

# ପଥର ଓ ଲୁହା ରଡ୍‌ରେ ଆକ୍ରମଣ, ଜଣେ ଗିରଫ

ପୁରୀ, (ସବ୍ୟୁ): କୁମ୍ଭାରପଡ଼ା ଥାନା ଅଞ୍ଚଳର ପତିତପାବନ ଲେନ୍‌ରେ ଜଣେ ବ୍ୟକ୍ତିଙ୍କୁ ପଥର ଓ ଲୁହା ରଡ୍‌ରେ ଆକ୍ରମଣ ଅଭିଯୋଗରେ ପୁଲିସ ଜଣକୁ ଗିରଫ କରିଛି। ଏନେଇ କୁମ୍ଭାରପଡ଼ା ଥାନାରେ କେସ୍ ନମ୍ବର ୫୦୪/୨୦୨୬ରେ ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ପତିତପାବନ ଲେନ୍‌ର କାହ୍ନୁ ଓରଫ କାହ୍ନା ବେହେରା (୩୭)। ଅଭିଯୋଗ ଅନୁଯାୟୀ, ୨୯ ତାରିଖରେ ଅଭିଯୋଗକାରୀ ମନୋଜ କୁମାର ମହାପାତ୍ର ଘରକୁ ଫେରୁଥିବା ବେଳେ କାହ୍ନୁ ତାଙ୍କ ଉପରକୁ ପଥର ଫିଙ୍ଗି ଆକ୍ରମଣ କରିଥିଲେ। ପରେ ଏକ ଲୁହା ରଡ୍‌ରେ ଆକ୍ରମଣ କରିବାରୁ ମନୋଜଙ୍କ ଡାହାଣ ପାର୍ଶ୍ୱ ଛାତିରେ ରକ୍ତାକ୍ତ ଆଘାତ ଲାଗିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ମନୋଜଙ୍କୁ ଚିକିତ୍ସା ପାଇଁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପୁଲିସ ଘଟଣାରେ ବ୍ୟବହୃତ ଏକ ଧାରୁଆ ଲୁହା ରଡ୍ ଜବତ କରିଛି। ଏଏସ୍‌ଆଇ ପବିତ୍ର କୁମାର ସ୍ୱାଇଁ ଘଟଣାର ତଦନ୍ତ କରୁଛନ୍ତି।

# ପୋଖରୀରେ ବୁଡ଼ି ଛାତ୍ର ଅର୍ଣ୍ଣବଙ୍କ ମୃତ୍ୟୁ

# ପିଇଟି ନିଲମ୍ବିତ, ଏଚ୍‌ଏମ୍‌ଙ୍କୁ ନିଲମ୍ବନ ସୁପାରିଶ, ଡିପିଇଓ ଙ୍କୁ ନୋଟିସ୍

ଖୋର୍ଦ୍ଧା/ନିରାକାରପୁର (ସବ୍ୟୁ): ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁକୁ ନେଇ ଖୋର୍ଦ୍ଧାରେ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଛି। ଜଙ୍କିଆ ଥାନା ଅନ୍ତର୍ଗତ ନରଣଗଡସ୍ଥିତ ପିଏମଶ୍ରୀ ଚିନ୍ତାମଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଏହି ଘଟଣା ଘଟିଛି। ମୃତ ଛାତ୍ର ହେଲେ ତଥା ବାଲିପାଟଣା ବ୍ଲକ୍ ବାରିଲୋ ଗ୍ରାମର ମନୋଜ କୁମାର ସାହୁଙ୍କ ୧୫ ବର୍ଷିୟ ଏକମାତ୍ର ପୁଅ ବାଲିପାଟଣା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଅର୍ଣ୍ଣବ ସାହୁ। ନରଣଗଡସ୍ଥିତ ପିଏମଶ୍ରୀ ଚିନ୍ତାମଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଠାରୁ ଖୋର୍ଦ୍ଧା ଜିଲ୍ଲା ଆଥଲେଟିକ୍ ମିଟ୍ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ବ୍ଲକ୍ ରୁ ପ୍ରାୟ ୧୮୦ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ।ବାଲିପାଟଣା ଆଦର୍ଶ ବିଦ୍ୟାଳୟରୁ ଅର୍ଣ୍ଣବଙ୍କ ସମେତ ୮ଜଣ ଛାତ୍ରଛାତ୍ରୀ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେଇଥିଲେ।

ରହୁଥିବା ସ୍କୁଲରେ ପାଣି ସରିଯିବାରୁ ମଙ୍ଗଳବାର ସକାଳେ ଅର୍ଣ୍ଣବଙ୍କ ସମେତ ତିନି ଜଣ ଛାତ୍ର ସ୍କୁଲ ନିକଟସ୍ଥ ଏକ ପୋଖରୀକୁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ତେବେ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଅର୍ଣ୍ଣବ ମୁମୂର୍ଷୁ ଅବସ୍ଥାରେ ଥିବାରୁ କିଛି ଶିକ୍ଷକ-ଶିକ୍ଷୟିତ୍ରୀ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ଡାକ୍ତର ସେଠାରେ ଅର୍ଣ୍ଣବଙ୍କୁ ମୃତ ଘୋଷଣା



କରିଥିଲେ। ଚିକିତ୍ସାଳୟ କର୍ତ୍ତୃପକ୍ଷ ମୃତଦେହକୁ ବ୍ୟବଚ୍ଛେଦ ଗୃହକୁ ପଠାଇବା ସହ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଜଙ୍କିଆ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା ଚିକିତ୍ସାଳୟରେ ପହଁଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

ଅନ୍ୟପକ୍ଷରେ, ବାଲିପାଟଣା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ଠାରୁ ଘଟଣା ସମ୍ପର୍କରେ ସୂଚନା ପାଇ ଅର୍ଣ୍ଣବଙ୍କ ପରିବାରବର୍ଗ ଓ ସମ୍ପର୍କୀୟମାନେ ଚିକିତ୍ସାଳୟରେ ପହଁଚିଥିଲେ। ସେମାନେ ଘଟଣାରେ ସ୍କୁଲ କର୍ତ୍ତୃପକ୍ଷଙ୍କ ତଦାରଖ ଓ ଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଘଟଣା ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଅନ୍ୟ ଅଧିକାରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଚିକିତ୍ସାଳୟରେ ପହଁଚିଥିଲେ। ଘଟଣାକୁ ନେଇ କିଛି ସମୟ ଧରି ଚିକିତ୍ସାଳୟ ପରିସରରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ରହିଥିଲା। ପରେ ଏସ୍‌ଡିପିଓ ପଙ୍କଜ କୁମାର ଓ ଆଦର୍ଶ ଥାନା ଅଧିକାରୀ ରମେଶ କୁମାର ଦେବତା ପହଁଚି ପରିସ୍ଥିତି ସମ୍ଭାଳିଥିଲେ।ସାଇଁଟିଫିକ୍ ଟିମ୍ ମଧ୍ୟ ପହଁଚି ଆବଶ୍ୟକ ଯାଂଚ କରିଥିଲା। ମୃତ ଛାତ୍ରଙ୍କ ମାଆଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀ ଚିକିତ୍ସାଳୟରେ ପହଁଚି ରେଡକ୍ରସ ପାଣ୍ଠିରୁ ମୃତ ଛାତ୍ରଙ୍କ ପରିବାରକୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏଥିସହ ଆବଶ୍ୟକ ଅନ୍ୟାନ୍ୟ ସରକାରୀ ସହାୟତା ପାଇଁ ସହଯୋଗ କରାଯିବ ବୋଲି ସେ କହିଥିଲେ। ଘଟଣାକୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ତୁରନ୍ତ ପଦକ୍ଷେପ ନିଆଯାଇଛି। କର୍ତ୍ତବ୍ୟରେ ଅବହେଳା ସମ୍ପର୍କିତ ଅଭିଯୋଗ ଆଧାରରେ ବାଲିପାଟଣା କ୍ରୀଡା ଶିକ୍ଷକ(ପିଇଟି) ସୁନିଲ ପଣ୍ଡାଙ୍କୁ ଜିଲା ଶିକ୍ଷାଧିକାରୀ ନିଲମ୍ବିତ କରିଥିବା ବେଳେ ନରଣଗଡ ପିଏମଶ୍ରୀ ଚିନ୍ତାମଣୀ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ବିଜୟ ପ୍ରତାପ ମିଶ୍ରଙ୍କୁ ନିଲମ୍ବନ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖିଛନ୍ତି। ଏଥିସହିତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଦିଲୀପ କୁମାର ମୋଦୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

# ଭିଜିଲାନ୍ସ ହାତରେ ସମ୍ବଲପୁର ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସ ସହକାରୀ ନିର୍ଦ୍ଦେଶକ

ସମ୍ବଲପୁର,(ସବ୍ୟୁ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର ଫ୍ୟାକ୍ଟ୍ରି ଓ ବଏଲର୍ସ ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଛି । ଭିଜିଲାନ୍ସ ପକ୍ଷରୁ ଏକକାଳୀନ ସମ୍ବଲପୁର, ଭୁବନେଶ୍ୱର, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାର ପ୍ରାୟ ୭ଟି ଭିନ୍ନଭିନ୍ନ ସ୍ଥାନରେ ଚଢ଼ାଉ ହୋଇଥିଲା । ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତିଙ୍କ ପକ୍ଷରୁ ଜାରି ସର୍ଚ୍ଚ ଓ୍ୱାରେଣ୍ଟ ବଳରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଚଢ଼ାଉରେ ୮ ଜଣ ଡିଏସପି, ୧୧ ଜଣ ଇନ୍ସପେକ୍ଟର, ୧୧ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ । ସହକାରୀ ନିର୍ଦ୍ଦେଶକ ସାମନ୍ତରାୟ ଆୟର ଉତ୍ସ ଠାରୁ ବହୁ ଅଧିକ ପରିମାଣର ସମ୍ପତ୍ତି ଠୁଳ କରିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ଭିଜିଲାନ୍ସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସମ୍ବଲପୁର ସହର ଧନକଉଡ଼ା ସ୍ଥିତ ସନସିଟି ଆପାର୍ଟମେଣ୍ଟରେ ଏକ ୩ ବିଏଚକେ ଫ୍ଲାଟ୍, ଭୁବନେଶ୍ୱର ନନ୍ଦନକାନନ ରୋଡ୍ ନନ୍ଦନ ବିହାରରେ ଥିବା ଏକ ଡୁପ୍ଲେକ୍ସ, ଇଣ୍ଡସ୍ କଲେଜ ଅଫ ଇଞ୍ଜିନିଅରିଂ ଜଟଣୀ ନିକଟ ବାରକୁଡ଼ାସ୍ଥିତ କୋଠା, ପୁରୀ ତୋଟା ବେହେରା ସାହିସ୍ଥିତ ୩ମହଲା କୋଠା ଏବଂ ଖୋର୍ଦ୍ଧା ବାଲୁଗାଁ ସୁଭାଷ ମାର୍ଗରେ ଥିବା ୨ମହଲା କୋଠା ସମେତ ତାଙ୍କର ସମ୍ବଲପୁରସ୍ଥିତ କାର୍ଯ୍ୟାଳୟରେ ଏହି ତଲାସୀ କରାଯାଇଥିଲା । ଯାଞ୍ଚବେଳେ ଭୁବନେଶ୍ୱର, ଜଟଣୀ, ଖୋର୍ଦ୍ଧା, ସମ୍ବଲପୁର, ବୁର୍ଲା ଓ ରେଙ୍ଗାଲିରେ ମୋଟ ୨୪ଟି ମୂଲ୍ୟବାନ ଜମି, ୩୦୦ଗ୍ରାମ ସୁନା ଅଳଙ୍କାର, ୩୬.୭୮ଲକ୍ଷ ଜମାରାଶି, ଏକ କାର, ୩ଟି ୨ଚକିଆ ଯାନ ସହ ୭.୫ଲକ୍ଷ ଟଙ୍କାର ଆସବାବପତ୍ର ଠାବ କରାଯାଇଛି । ଏସବୁ ସାମଗ୍ରୀର ମୂଲ୍ୟ ଆକଳନ କରାଯାଇଛି ।



ଉମାକାନ୍ତ ସାମନ୍ତରାୟ ୬ଫେବୃଆରୀ, ୨୦୦୯ ମସିହାରେ ରାଉରକେଲା ଠାରେ ଫ୍ୟାକ୍ଟ୍ରି ଓ ବଏଲର ସହକାରୀ ନିର୍ଦ୍ଦେଶକ ଭାବେ ମାତ୍ର ୧୫ ହଜାର ଟଙ୍କା ପ୍ରାରମ୍ଭିକ ମାସିକ ଦରମାରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ । ସେଠାରେ ୫ ଅଗଷ୍ଟ, ୨୦୧୩ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପରେ ତାଙ୍କୁ ଅନୁଗୁଳକୁ ବଦଳି ହୋଇଥିଲା । ଏହାପରେ ୧ଡିସେମ୍ବର, ୨୦୨୦ ମସିହାରେ ସେ ବଦଳି ହୋଇ ସମ୍ବଲପୁର ଫ୍ୟାକ୍ଟ୍ରି ଓ ବଏଲର ସହକାରୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ସେ ସମ୍ବଲପୁରରେ ନିଜର ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ତାଙ୍କର ଏହି ସରକାରୀ କ୍ୟାରିୟର ମଧ୍ୟରେ ସେ ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ବେନିୟମ ଭାବେ ଅର୍ଥ ଉପାର୍ଜନ କରିଥିବା ଭିଜିଲାନ୍ସ ପକ୍ଷରୁ ଜଣାପଡିଛି । ତେବେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ସହ ଅଧିକ ପଚରାଉଚରା କରୁଥିବା ଜଣାପଡିଛି ।

# ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା : ନେଇଗଲେ ଟଙ୍କା ବ୍ୟାଗ

କେନ୍ଦୁଝର(ଜିପ୍ର): କେନ୍ଦୁଝର ଜିଲା କେନ୍ଦେଇପୋଷି-ପାଟଣା ରାସ୍ତାର ଭୀମାପଡ଼ା ଜଙ୍ଗଲ ନିକଟରେ ସୋମବାର ବିଳମ୍ବିତ ରାତିରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି । ରାତି ପ୍ରାୟ ସାଢ଼େ୧୦ଟାରେ ପାଟଣା ଓ ତୁରୁମୁଙ୍ଗା ଥାନା ସୀମାନ୍ତରେ ଥିବା ତୁରୁମୁଙ୍ଗା ଥାନା ହନୁମାନ ଛକ ରସିକ ଛକ ମଝି ଜଙ୍ଗଲ ଦୁର୍ବୃତ୍ତମାନେ ଏହି କାଣ୍ଡ ଭିଆଇଛନ୍ତି । ଜଣେ ବ୍ୟବସାୟୀଙ୍କୁ ୧ରାଉଣ୍ଡ ଗୁଳିମାଡ଼ କରିବା ସହ ବାମ ହାତକୁ ଓ ଅଣ୍ଟାକୁ ହାଣି ହତ୍ୟା କରିଛନ୍ତି । ତାଙ୍କ ନିକଟରୁ ଟଙ୍କା ବ୍ୟାଗ ଲୁଟି ନେଇଛନ୍ତି । ମୃତକ ହେଲେ କେନ୍ଦେଇପୋଷି ପଞ୍ଚାୟତ ଖଜିରାପୋଷି ଗ୍ରାମର ସାଧବ ମହାନ୍ତଙ୍କ ପୁଅ ତ୍ରିଲୋଚନ ମହାନ୍ତ(୪୨) । ରାସ୍ତା ଉପରେ ତାଙ୍କର ମୃତଦେହ ସହିତ ସ୍କୁଟି ମଧ୍ୟ ରହିଛି । ପୋଲିସର ଉଚ୍ଚସ୍ତରୀୟ ଅଧିକାରୀମାନେ ଆସି ନାକାବନ୍ଦୀ କରିଛନ୍ତି ।ଘଟଣା ସମ୍ପର୍କରେ ସୂଚନା ପାଇ ଆଡିସନାଲ ଏସ ପି ପତ୍ୟୁଷ ମହାପାତ୍ର ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ଓ ଏଏସଆଇ ଲକ୍ଷ୍ମଣ ମାଝି, ଚମ୍ପୁଆ ଏସ ଡି ପି ଓ ରଶ୍ମି ରଞ୍ଜନ ସାହୁ, ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ଏ ଏସ ଆଇ ସୁଜାତା ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ତ୍ରିଲୋଚନଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ଧରଣୀ ଧର୍ ମେଡ଼ିକାଲ କଲେଜକୁ ନେଇଥିଲେ । ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲା । ଅନ୍ୟପକ୍ଷରେ ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛନ୍ତି । ମୃତ ତ୍ରିଲୋଚନ କେନ୍ଦେଇପୋଷି ବଜାରର ବଲାଣିପୋଷି ରାସ୍ତାରେ ଏକ ଜନସେବା କେନ୍ଦ୍ର ସହ ବ୍ୟାଙ୍କିଂ ସେବା କେନ୍ଦ୍ର ଖୋଲିଥିଲେ । ତାଙ୍କ ସ୍ତ୍ରୀ ତୁଳସୀ ମହାନ୍ତ ପାଟଣା ଥାନାରେ କନଷ୍ଟେବଲ ଭାବେ କାର୍ଯ୍ୟରତ । ପ୍ରତିଦିନ ଭଳି ସୋମବାର ରାତିରେ ମଧ୍ୟ ତ୍ରିଲୋଚନ ଦୋକାନ ବନ୍ଦ କରି ବାଇକ ଯୋଗେ ଟଙ୍କା ବ୍ୟାଗ ଧରି ପାଟଣା ଥାନା କ୍ୱାର୍ଟର୍ସକୁ ଫେରୁଥିଲେ । ଏହି ସମୟରେ ଖୁଣ୍ଟା ପଡ଼ା ଆକାଶିଆ ଜଙ୍ଗଲ ଜଙ୍ଗଲ ନିକଟରେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲା ତ୍ରିଲୋଚନ ଟଙ୍କା ନଦେଇ ଦୁର୍ବୃତ୍ତଙ୍କ ସହ ଧସ୍ତି କରିବାରୁ ତାଙ୍କୁ ଗୁଳି କରିବା ସହ ହାଣି ପକାଇ ଥିଲେ । ଏହା ପରେ ଟଙ୍କା ବ୍ୟାଗ ଲୁଟି ନେଇଥିଲେ । ଏହି ଘଟଣା ପରେ ଅଞ୍ଚଳରେ ଶୋକ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ପୋଲିସ ସାଇଣ୍ଟିଫିକଫିମ ଡକାଇ ତଦନ୍ତ ଜାରି ରଖିଛି ।

# ପୋଲିସ ମାଡ଼ରେ ମହିଳା କଂଗ୍ରେସ ସଭାନେତ୍ରୀ ଡ଼ାକ୍ତରଖାନାରେ ଭର୍ତ୍ତି

ଭୁବନେଶ୍ୱର,(ସବ୍ୟୁ): ଲୋୟର ପିଏମଜିରେ ଏମଏମଡିଆର ଆଇନ ପ୍ରତ୍ୟାହାର, ଭାରତର ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ଓ ଓଡ଼ିଶାର ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବୀରେ ଇଣ୍ଡିଆ ମେଣ୍ଟ ତରଫରୁ ଏକ ବିଶାଳ ପରିବର୍ତ୍ତନ ରାଲି ଆୟୋଜନ ହୋଇଥିଲା । ଏହି ରାଲିରେ ପ୍ରଦେଶ ମହିଳା କଂଗ୍ରେସ ସରକାର ବିରୋଧୀ ସ୍ଲୋଗାନ ଦେବାବେଳେ ମହିଳା ପୋଲିସ ପକ୍ଷରୁ ହଠାତ ଆକ୍ରମଣ ହୋଇ ଧସ୍ତାଧସ୍ତି ଆରମ୍ଭ କରାଯାଇଥିଲା । ପୋଲିସର ଆକ୍ରମଣ ଫଳରେ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଗୁରୁବାର ଆହତ ହେବାରୁ ତାଙ୍କୁ ଏକ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି । ତେବେ ତାଙ୍କ ସ୍ୱାସ୍ଥ୍ୟ ସ୍ଥିର ରହିଛି ବୋଲି ସୂଚନା ମିଳିଛି ।

### ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମାମଲା

# ଅକ୍ଟୋବର ୭ରୁ ଜବାବ ସୁଆଲ ଆରମ୍ଭ

କଟକ,(ସବ୍ୟୁ): ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମାମଲାରେ ବିଧାୟକ କେ. ଅନୀଲ କୁମାରଙ୍କ ପକ୍ଷରୁ ଆଗତ ଅନ୍ତରୀଣ ପିଟିସନ୍‌କୁ ହାଇକୋର୍ଟ ଆଜି ଖାରଜ କରି ଦେଇଛନ୍ତି । ଏହି ନିର୍ବାଚନୀ ମାମଲାରେ ବିଧାୟକଙ୍କ ପକ୍ଷରୁ ଯେଉଁ ଲିଖିତ ଜବାବ ଦାଖଲ କରାଯାଇଥିଲା ସେଥିରେ ଆଉ କିଛି ତଥ୍ୟ ଯୋଗ କରାଯିବ ବୋଲି ପ୍ରାର୍ଥନା କରି ସେ ଏହି ଅନ୍ତରୀଣ ପିଟିସନ୍ ରୁଜୁ କରିଥିଲେ । ଏହାକୁ ଆବେଦନକାରୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । ଉଭୟପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ଆଜି ଏହି ମାମଲାରେ ରାୟ ପ୍ରକାଶ କରିବା ସହ ବିଧାୟକଙ୍କ ଅନ୍ତରୀଣ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ବିଧାୟକଙ୍କୁ ଝଟ୍‌କା ଲାଗିଛି । ଆସନ୍ତା ଅକ୍ଟୋବର ୭ରୁ ଏହି ମାମଲାରେ ଜବାବ ସୁଆଲ ଆରମ୍ଭ ହେବ। ବ୍ରହ୍ମପୁର ବିଧାନସଭା ଆସନର ଜଣେ ଭୋଟର ମନୋଜ କୁମାର ପଣ୍ଡା ଏହି ନିର୍ବଚନୀ ମାମଲା ରୁଜୁ କରିଥିଲେ । ବିଜେପିରୁ ଜିତିଥିବା ବିଧାୟକ କେ. ଅନୀଲ କୁମାର ସତ୍ୟପାଠରେ ଅନେକ କଥା ଲୁଚାଇଥିବା ସେ ଅଭିଯୋଗ କରିଥିଲେ । ତେଣୁ ତାଙ୍କ ବିଧାୟକ ପଦ ରଦ୍ଦ ପାଇଁ ସେ ପ୍ରାର୍ଥନା କରିଥିଲେ । ଏହି ପ୍ରାର୍ଥନାକୁ ଗ୍ରହଣ କରି ହାଇକୋର୍ଟ ବିଧାୟକଙ୍କୁ ନୋଟିସ୍ କରିଥିଲେ । ଇତି ମଧ୍ୟରେ ବିଧାୟକଙ୍କ ସାକ୍ଷ୍ୟଗ୍ରହଣ ମଧ୍ୟ ଶେଷ ହୋଇଛି । ସାକ୍ଷ୍ୟଗ୍ରହଣ ପରେ ବିଧାୟକଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରାଯାଇଥିଲା । ଯେଉଁଥିରେ ବିଧାୟକଙ୍କ ପକ୍ଷରୁ କୁହାଯାଇଥିଲା ଯେ, ପୂର୍ବରୁ ଏହି ମାମଲାରେ ତାଙ୍କ ପକ୍ଷରୁ ଯେଉଁ ଲିଖିତ ଜବାବ ଦାଖଲ କରାଯାଇଛି ସେଥିରେ ସେ ଆଉ କିଛି ତଥ୍ୟ ଯୋଗ କରିବାକୁ ଚାହୁଁଛନ୍ତି । ତେଣୁ ଏଥିପାଇଁ ତାଙ୍କୁ ଅନୁମତି ଦିଆଯାଉ। ଏହାକୁ ଆବେଦନକାରୀଙ୍କ ପକ୍ଷରୁ ଲଢୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ଦୃଢ଼ ବିରୋଧ କରିଥିଲେ । ଶ୍ରୀ ଅଗ୍ରୱାଲଙ୍କ ଯୁକ୍ତି ଥିଲା ଯେ, ଇତିମଧ୍ୟରେ ଏହି ମାମଲାରେ ସାକ୍ଷ୍ୟଗ୍ରହଣ ଶେଷ ହୋଇଛି । ଜବାବସୁଆଲ ଆରମ୍ଭ ହେବା କଥା । ତେଣୁ ବର୍ତ୍ତମାନ ସ୍ଥିତିରେ ଲିଖିତ ଜବାବରେ ଆଉ କୌଣସି ଅତିରିକ୍ତ ତଥ୍ୟ ଯୋଗକଲେ ତାହା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ବିଧାୟକଙ୍କ ଅନ୍ତରୀଣ ପିଟିସନ୍‌କୁ ରଦ୍ଦ କରି ଦେଇଛନ୍ତି ।

### ମାଲିଗୁଡା ଷ୍ଟେସନରେ ପୁନରୁଦ୍ଧାର କାର୍ଯ୍ୟକୁ ତୀବ୍ର କଲା ପୂର୍ବତଟ ରେଳପଥ

# ସମୀକ୍ଷା କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥ ରାୟଗଡ଼ା ରେଳମଣ୍ଡଳ ପରିସୀମା ମଧ୍ୟରେ ଲଗାତାର ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ, ମାଟି ଅତଡ଼ା ଧସିବା ଓ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ପ୍ରଭାବିତ ରେଳସେକ୍ସନ ଗୁଡ଼ିକରେ ପୁନରୁଦ୍ଧାର ଓ ସୁରକ୍ଷା କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ତୀବ୍ର କରାଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ୍ ସେପ୍ଟେମ୍ବର ୨୮ ତାରିଖରେ କୋରାପୁଟ–ଜୟପୁର ରେଳ ସେକ୍ସନର ଅନ୍ୟତମ ପ୍ରମୁଖ ପ୍ରଭାବିତ ସ୍ଥାନ ମାଲିଗୁଡାରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ସେ ପ୍ରଭାବିତ ଅଞ୍ଚଳଗୁଡ଼ିକ ପରିଦର୍ଶନ କରିବା ସହ ରେଳପଥର ପୁନରୁଦ୍ଧାର ଏବଂ ନିରାପତ୍ତା ସମ୍ପର୍କିତ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ବିଭିନ୍ନ ବିଭାଗୀୟ ପ୍ରମୁଖ ଅଧିକାରୀମାନଙ୍କ ମଧ୍ୟରେ ପ୍ରମୁଖ ମୁଖ୍ୟ ଯନ୍ତ୍ରୀ ଏବଂ ପ୍ରମୁଖ ମୁଖ୍ୟ ସିଗନାଲ ଓ ଟେଲିକମ୍ୟୁନିକେସନ୍ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମହାପ୍ରବନ୍ଧକଙ୍କୁ



ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟ ଏବଂ ଗ୍ରହଣ କରାଯାଉଥିବା ସୁରକ୍ଷାମୂଳକ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ।

ରାୟଗଡ଼ା ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ଙ୍କ ସହ ବରିଷ୍ଠ ମଣ୍ଡଳ ଅଧିକାରୀମାନେ ମହାପ୍ରବନ୍ଧକଙ୍କୁ ପ୍ରଭାବିତ ସ୍ଥାନର ପରିସ୍ଥିତି, ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ଏବଂ ରେଳ ଚଳାଚଳକୁ ଯଥାଶୀଘ୍ର ସ୍ୱାଭାବିକ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। କୋରାପୁଟ–ରାୟଗଡ଼ା ଏବଂ କୋରାପୁଟ–ଜୟପୁର ସେକ୍ସନର ବିଭିନ୍ନ ସ୍ଥାନରେ ଲଗାତାର ଏବଂ ଅତ୍ୟଧିକ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ, ମାଟି ଅତଡ଼ା ଓ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ମାଲିଗୁଡ଼ା ୟାର୍ଡ ବ୍ୟତୀତ ପ୍ରଭାବିତ ଅନ୍ୟ ସମସ୍ତ ସ୍ଥାନରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ କରାଯାଇ ରେଳ ଚଳାଚଳ ସ୍ୱାଭାବିକ କରାଯାଇଛି। ତେବେ, ମାଲିଗୁଡା ୟାର୍ଡରେ ଭୂସ୍ଖଳନର ପରିମାଣ ଏବଂ ରେଳ ଭିତ୍ତିଭୂମି ଉପରେ ପଡ଼ିଥିବା ବିପୁଳ ପରିମାଣର ମାଟି ଓ ଆବର୍ଜନା ଯୋଗୁଁ ପୁନରୁଦ୍ଧାର କାର୍ଯ୍ୟ ଏକ ବଡ଼ ଆହ୍ୱାନ ହୋଇ ରହିଛି। ମାଲିଗୁଡ଼ା ଷ୍ଟେସନ ନିକଟରେ ଟ୍ରାକ୍, ଓଏଚ୍‌ଇ ଏବଂ ସିଗନାଲିଂ ଭିତ୍ତିଭୂମି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଭୂସ୍ଖଳନ ପ୍ରଭାବିତ ସ୍ଥାନରେ ପୁନରୁଦ୍ଧାର କାର୍ଯ୍ୟ ଜୋରସୋରରେ ଚାଲିଛି। ଦିନରାତି ନିରବଚ୍ଛିନ୍ନ ଭାବେ ପୁନରୁଦ୍ଧାର କାର୍ଯ୍ୟ ଜାରି ରଖିବା ସହ ରାତ୍ରି ସମୟରେ ମଧ୍ୟ କାର୍ଯ୍ୟ କରାଯାଉଛି। ଏଥିପାଇଁ ଅତିରିକ୍ତ ମାନବ ସମ୍ବଳ, ଭାରୀ ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ସାଧନ ନିୟୋଜିତ କରାଯାଉଛି। ସମସ୍ତ ପୁନରୁଦ୍ଧାର କାର୍ଯ୍ୟରେ ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ମାଲିଗୁଡାରେ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଅଧିକାରୀ ଓ କର୍ମଚାରୀଙ୍କ ସମେତ ୬୦୦ରୁ ଅଧିକ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ, ସିଗନାଲ୍ ଓ ଟେଲିକମ୍ୟୁନିକେସନ୍, ଅପରେଟିଂ, ମେକାନିକାଲ, କମର୍ସିଆଲ୍ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ରାୟଗଡ଼ା ଡିଆରଏମ୍‌ଙ୍କ ନେତୃତ୍ୱରେ ପ୍ରଭାବିତ ସ୍ଥାନରେ ଉପସ୍ଥିତ ରହି ପୁନରୁଦ୍ଧାର କାର୍ଯ୍ୟର ନିରନ୍ତର ତଦାରଖ କରୁଛନ୍ତି। ମୁଖ୍ୟାଳୟ ଏବଂ ଡିଭିଜନ ସ୍ତରରେ ପରିସ୍ଥିତି ଉପରେ ଘନିଷ୍ଠ ନଜର ରଖାଯାଉଛି। ଯାତ୍ରୀ ଏବଂ ରେଳ କର୍ମଚାରୀଙ୍କ ସର୍ବୋଚ୍ଚ ନିରାପତ୍ତା ସୁନିଶ୍ଚିତ କରିବା ସହିତ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ରେଳ ଚଳାଚଳ ସ୍ୱାଭାବିକ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସମସ୍ତ ପ୍ରକାରର ପ୍ରୟାସ କରାଯାଉଛି।

### ମିଳନ ପରିବାର ପକ୍ଷରୁ ଦିଲ୍ଲୀରେ ନୂଆଁଖାଇ ଭେଟଘାଟ୍

# ଦୁଇ ହଜାରରୁ ଅଧିକ ଲୋକଙ୍କ ସମାଗମରେ ପାରମ୍ପରିକ ବାଜା ଦୁଲଦୁଲିରେ ଝୁମିଲା ଦିଲ୍ଲୀ

ନୂଆଦିଲ୍ଲୀ, (ସବ୍ୟୁ): ମିଳନ ପରିବାର, ନୂଆଦିଲ୍ଲୀ ପକ୍ଷରୁ ରବିବାର ଆୟୋଜିତ ନୂଆଁଖାଇ ଭେଟଘାଟ୍ ସମାରୋହରେ ପଶ୍ଚିମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ଲୋକକଳାର ମନୋରମ ଝଲକ ଦେଖିବାକୁ ମିଳିଥିଲା। ପଣ୍ଡାରା ପାର୍କଠାରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଦିଲ୍ଲୀ-ଏନ୍‌ସିଆରରୁ ପ୍ରାୟ ୨୦୦୦ରୁ ୨୫୦୦ ପ୍ରବାସୀ ଓଡ଼ିଆ ଯୋଗଦେଇଥିଲେ। ସମାରୋହ ପାଇଁ ଓଡ଼ିଶାରୁ ୪୦ରୁ ଅଧିକ ଲୋକକଳାକାରଙ୍କୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରଣ କରାଯାଇଥିଲା। କଳାକାରମାନେ ଲୋକଗୀତ, ଲୋକନୃତ୍ୟ ଓ ପାରମ୍ପରିକ ବାଦ୍ୟଯନ୍ତ୍ରର ମନୋମୁଗ୍ଧକର ପ୍ରଦର୍ଶନ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ମିଳନ ପରିବାରର ସମସ୍ତ ସଦସ୍ୟ ଓ ଅତିଥିମାନେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ସମ୍ବଲପୁରୀ ଶାଢ଼ି, କୁର୍ତ୍ତା ଓ ଅନ୍ୟାନ୍ୟ ପାରମ୍ପରିକ ପୋଷାକ ପରିଧାନ କରି ଯୋଗଦେବା। ଫଳରେ ସମଗ୍ର ପରିବେଶ ପଶ୍ଚିମ ଓଡ଼ିଶାର ରଙ୍ଗରେ ରଙ୍ଗୀନ ହୋଇଉଠିଥିଲା।



କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ସୁଧୀର ନାଏକ ଓ ଜଗଦୀଶ ହଂସ ସଫଳତାର ସହ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରସିଦ୍ଧ ଲୋକଗାୟକ ତ୍ରିଲୋଚନ ସୁନା, ଦୁଷ୍ମନ୍ତ ସୁନା, ସୁଚିତ୍ରା ଦାସ, ସମୀର ଲୁହା ଏବଂ ପଶ୍ଚିମ ଓଡ଼ିଶାର ଖ୍ୟାତନାମା ଗାୟିକା ସଞ୍ଜୁ ମହାନ୍ତି ନିଜର ସୁମଧୁର କଣ୍ଠରେ ପରିବେଶକୁ ସଙ୍ଗୀତମୟ କରିଦେଇଥିଲେ। କଳାକାରମାନଙ୍କ ଦ୍ୱାରା ପରିବେଷିତ ଦୁଲଦୁଲି ବାଦ୍ୟର ତାଳେ ଦର୍ଶକମାନେ ନିଜକୁ ନାଚିବାରୁ ରୋକି ପାରିନଥିଲେ। ଦୁଲଦୁଲିର ତାଳେ ଡାଲଖାଇ, ରଙ୍ଗବତୀ, ରସରକେଳି, ମାଏଲଜଡ଼, ସିଂଘାରୀ ଓ ବଜ୍ନିଆ ଭଳି ଲୋକପ୍ରିୟ ଲୋକବାଦ୍ୟରେ ଲୋକେ ମନଭରି ନୃତ୍ୟ କରିଥିଲେ। ବିଶେଷକରି ସଞ୍ଜୁ ମହାନ୍ତିଙ୍କ ଗୀତରେ ଦର୍ଶକଙ୍କ ମଧ୍ୟରେ ଅତ୍ୟନ୍ତ ଉତ୍ସାହ ପରିଲକ୍ଷିତ ହୋଇଥିଲା ଏବଂ ବହୁ ସଂଖ୍ୟାରେ ଲୋକେ ମଞ୍ଚ ସମ୍ମୁଖରେ ନୃତ୍ୟ କରିଥିଲେ।

ସମାରୋହରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ବ୍ୟଞ୍ଜନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହ୍ୱେଲ୍ ଅଫ୍ କଳାହାଣ୍ଡି ଓର୍କେଷ୍ଟ୍ରା ଏବଂ ମୃଣ୍ମୟୀ କଲ୍ଚରାଲ ସୋସାଇଟି, ଭବାନୀପାଟଣା ପକ୍ଷରୁ ସାଂସ୍କୃତିକ ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ଶିକ୍ଷ୍ୟା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ବୈଜୟନ୍ତ ପଣ୍ଡା, ବିକାଶ ଫାଉଣ୍ଡେସନ ଅଧ୍ୟକ୍ଷା ଶ୍ରୀମତୀ ମୃଦୁଳା ଠାକୁର ପ୍ରଧାନ ଏବଂ ଦିଲ୍ଲୀ ପ୍ରଦେଶ ଉପ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ ଶ୍ରୀମତୀ ସ୍ୱାତୀ ସିଂହ ବର୍ମା ଉପସ୍ଥିତ ରହିଥିଲେ। ସେମାନଙ୍କ ଉପସ୍ଥିତି ସମାରୋହର ଗରିମାକୁ ଆହୁରି ବଢ଼ାଇଥିଲା। ମିଳନ ପରିବାରର ସଭାପତି ଶଶି ଭୂଷଣ ମହାନନ୍ଦ ଏବଂ ସମ୍ପାଦକ ବିଶ୍ୱନାଥ ନାଗ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ସଦସ୍ୟ, ସଦସ୍ୟା, କଳାକାର ଓ ଉପସ୍ଥିତ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ। ସେମାନେ କହିଥିଲେ, "ଏଭଳି ଆୟୋଜନ କେବଳ ଆମର ସଂସ୍କୃତି ଓ ପରମ୍ପରାକୁ ସୁଦୃଢ଼ କରେ ନାହିଁ, ବରଂ ନୂଆ ପିଢ଼ିକୁ ନିଜ ମାଟି ଓ ମୂଳ ସହିତ ଯୋଡ଼ିବା ସହିତ ଭାଇଚାରାକୁ ମଧ୍ୟ ସୁଦୃଢ଼ କରିଥାଏ। ମିଳନ ପରିବାରର ସମସ୍ତ ସଦସ୍ୟଙ୍କ ପାରସ୍ପରିକ ସହଯୋଗ ଓ ସହଭାଗିତାରେ ଏହି ଭବ୍ୟ ନୂଆଁଖାଇ ଭେଟଘାଟ୍ ସମାରୋହ ସଫଳତାର ସହ ସମ୍ପନ୍ନ ହୋଇଥିଲା।

### ଆପୋଲୋ ହସପିଟାଲ୍ ପକ୍ଷରୁ ବିଶ୍ୱ ହୃଦୟ ଦିବସ

# ଡୋଣ୍ଟ ମିସ୍ ଏ ବିଟ୍ ପାଇଁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ହୃଦୟ ଦିବସ ଅବସରରେ ଆପୋଲୋ ହସପିଟାଲ୍ ଭୁବନେଶ୍ୱର ପକ୍ଷରୁ ହୃଦ୍‌ରୋଗ ସମ୍ବନ୍ଧୀୟ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ବ୍ୟାପକ ସଚେତନତା କରାଯାଇଛି। ଏଥିରେ ବ୍ୟକ୍ତି, ପରିବାର ଓ ସମାଜକୁ ହୃଦୟ ଯନ୍ତ୍ରକୁ ପ୍ରାଥମିକତା ଦେବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ଚଳିତ ବର୍ଷର ବିଷୟବସ୍ତୁ ଡୋଣ୍ଟ ମିସ୍ ଏ ବିଟ୍, ହୃଦୟ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ବ୍ୟାପକ ସଚେତନତା ଓ ମିଳିତ ପଦକ୍ଷେପ ନେବାକୁ ହସପିଟାଲ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଆପୋଲ ହସପିଟାଲର ସିଇଓ ଡାକ୍ତର ଆଲୋକ ଶ୍ରୀବାସ୍ତବ ଯୋଗଦେଇ କହିଥିଲେ ଏହି ବିଶ୍ୱ ହୃଦୟ ଦିବସରେ "ଡୋଣ୍ଟ ମିସ୍ ଏ ବିଟ୍ ଆମକୁ ମନେ ପକାଇଦିଏ ଯେ ହୃଦୟର ସ୍ୱାସ୍ଥ୍ୟ ପାଇଁ ସଚେତନତା, ପ୍ରତିଷେଧକ ବ୍ୟବସ୍ଥା ଏବଂ ସମୟୋଚିତ ପଦକ୍ଷେପ ଅତ୍ୟନ୍ତ ଜରୁରୀ। ହୃଦରୋଗ ଯେକୌଣସି ବୟସର ବ୍ୟକ୍ତିଙ୍କୁ ପ୍ରଭାବିତ କରିପାରେ। ଏହି ରୋଗର ବିପଦ କାରକ ଗୁଡ଼ିକୁ ବୁଝିବା, ସୁସ୍ଥ ଅଭ୍ୟାସ ଆପଣାଇବା ଏବଂ ଆବଶ୍ୟକ ସମୟରେ ଚିକିତ୍ସା ସେବା ନେବା ଗୁରୁତ୍ୱପୂର୍ଣ୍ଣ। ହୃଦୟର ସ୍ୱାସ୍ଥ୍ୟ ରକ୍ଷା କରିବା ଜୀବନସାରାର ଦାୟିତ୍ୱ। ସେହିପରି ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଚିହ୍ନିବା ଏବଂ ବିନା ବିଳମ୍ବରେ ଚିକିତ୍ସକଙ୍କ ପରାମର୍ଶ ନେବା ଅତ୍ୟନ୍ତ ଆବଶ୍ୟକ। ଆଜିର ଆଧୁନିକ ଚିକିତ୍ସା ପଦ୍ଧତି ଓ ଅସ୍ତ୍ରୋପଚାର ଦ୍ୱାରା ସମୟୋଚିତ ନିରୂପଣ ଏବଂ ସଠିକ୍ ଚିକିତ୍ସା ରୋଗୀଙ୍କ ଜୀବନ ବଞ୍ଚାଇବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ଏହି ବିଶ୍ୱ ହୃଦୟ ଦିବସରେ, ଆମେ ସମସ୍ତଙ୍କୁ ନିଜ ହୃଦୟର ଯନ୍ତ୍ର ନେବାକୁ ଏବଂ ସତରେ "ଡୋଣ୍ଟ ମିସ୍ ଏ ବିଟ୍ ବୋଲି ପ୍ରୋତ୍ସାହିତ କରୁଛୁ। ନିୟମିତ ବ୍ୟାୟାମ, ସନ୍ତୁଳିତ ଆହାର, ବିପଦ କାରକ ସମ୍ପର୍କରେ ସଚେତନତା, ସଠିକ୍ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସମୟୋଚିତ ଚିକିତ୍ସା ଦ୍ୱାରା ହୃଦୟକୁ ସୁସ୍ଥ ରଖାଯାଇପାରିବ। ଆପୋଲୋ ହସପିଟାଲ୍ ଭୁବନେଶ୍ୱର ନିଜର ଅଭିଜ୍ଞ ହୃଦରୋଗ ବିଶେଷଜ୍ଞ, ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ, ଇଲେକ୍‌ଟ୍ରୋ ଫିଜିଓଲୋଜିଷ୍ଟ କାର୍ଡିଓ ଭାସ୍କୁଲାର ସର୍ଜନ ଏବଂ ଶିଶୁ ହୃଦରୋଗ ବିଶେଷଜ୍ଞଙ୍କ ଦଳ ସହିତ ଆଧୁନିକ ନିରୂପଣ ଓ ଚିକିତ୍ସା ସୁବିଧା ମାଧ୍ୟମରେ ନିଜର ହୃଦରୋଗ ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିଚାଲିଛି।



# ରାୟଗଡ଼ା ଡିଭିଜନରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ନିୟନ୍ତ୍ରଣ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍



ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍‌କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ। ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ବାତିଲ ରହିବ: ୨୯ ଏବଂ ୩୦ ସେପ୍ଟେମ୍ବର ୨୦୨୬ ଟ୍ରେନ୍ ନଂ. ୧୮୧୦୭ ରାଉରକେଲା–ଜଗଦଲପୁର ଏକ୍ସପ୍ରେସ୍, ୩୦ ସେପ୍ଟେମ୍ବର ଏବଂ ୦୧ ଅକ୍ଟୋବର ୨୦୨୬ରେ ଟ୍ରେନ୍ ନଂ. ୫୮୫୦୨ କିରଣ୍ଡୁଲ–ବିଶାଖାପାଟଣା ପାସେଞ୍ଜର୍, ଟ୍ରେନ୍ ନଂ. ୫୮୫୦୧ ବିଶାଖାପାଟଣା–କିରଣ୍ଡୁଲ ପାସେଞ୍ଜର୍, ଟ୍ରେନ୍ ନଂ. ୧୮୫୧୬ କିରଣ୍ଡୁଲ–ବିଶାଖାପାଟଣା ଏକ୍ସପ୍ରେସ୍, ଟ୍ରେନ୍ ନଂ. ୧୮୫୧୫ ବିଶାଖାପାଟଣା–କିରଣ୍ଡୁଲ ଏକ୍ସପ୍ରେସ୍, ଟ୍ରେନ୍ ନଂ. ୧୮୧୦୮ ଜଗଦଲପୁର–ରାଉରକେଲା ଏକ୍ସପ୍ରେସ୍। କୋରାପୁଟଠାରେ ଯାତ୍ରା ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ: ଟ୍ରେନ୍ ନଂ. ୧୮୦୦୫ ହାୱଡ଼ା–ଜଗଦଲପୁର ଏକ୍ସପ୍ରେସ୍, ଯାହା ୨୮ ଏବଂ ୨୯ ସେପ୍ଟେମ୍ବର ୨୦୨୬ରେ ହାୱଡ଼ାରୁ ଯାତ୍ରା ଆରମ୍ଭ କରିଛି, ଏହାର ଯାତ୍ରା କୋରାପୁଟଠାରେ ସମାପ୍ତ ହେବ। କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ସେହିଭଳି ଟ୍ରେନ୍ ନଂ. ୧୮୦୦୬ ଜଗଦଲପୁର–ହାୱଡ଼ା ଏକ୍ସପ୍ରେସ୍, ଯାହା ୩୦ ସେପ୍ଟେମ୍ବର ଏବଂ ୨୯ ନଭେମ୍ବର ୨୦୨୬ରେ ଜଗଦଲପୁର ପରିବର୍ତ୍ତେ ଏହା କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ।

ଟ୍ରେନ୍ ନଂ. ୧୮୪୪୭ ଭୁବନେଶ୍ୱର–ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍, ଯାହା ୨୯ ଏବଂ ୩୦ ସେପ୍ଟେମ୍ବର ୨୦୨୬ରେ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିବ, ଏହାର ଯାତ୍ରା କୋରାପୁଟଠାରେ ସମାପ୍ତ ହେବ। କୋରାପୁଟ-ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନଂ. ୧୮୪୪୮ ଜଗଦଲପୁର–ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍, ଯାହା ୩୦ ସେପ୍ଟେମ୍ବର ଏବଂ ୦୧ ନଭେମ୍ବର ୨୦୨୬ରେ ଜଗଦଲପୁର ପରିବର୍ତ୍ତେ ଏହା କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ। ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍' କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

# ଅପହୃତା ନାବାଳିକା ଉଦ୍ଧାର, ଅପହର୍ତ୍ତା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଅପହରଣର ୧୫ଦିନ ପରେ ଅପହୃତା ୧୨ବର୍ଷୀୟା ନାବାଳିକାଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଉଦ୍ଧାର କରିବା ସହ ଅପହର୍ତ୍ତା ମାନସ କାଣ୍ଡି (୨୭)କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗତ ୧୬ ତାରିଖ ଦିନ ୨ଟା ବେଳେ ଅଭିଯୋଗକାରିଣୀଙ୍କ ୧୨ବର୍ଷୀୟା ଝିଅ ଦୋକାନକୁ କୁରକୁରି କିଣିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କଲା ପରେ କୌଣସି ସନ୍ଧାନ ନପାଇବାରୁ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ ପ୍ରେମ ସମ୍ପର୍କର ଆଳ ଦେଖାଇ ଅଭିଯୁକ୍ତ ମାନସ କାଣ୍ଡି ନାବାଳିକାଙ୍କୁ ମଞ୍ଚେଶ୍ୱର ରେଳ ଷ୍ଟେସନକୁ ଡକାଇ ଅପହରଣ କରିଥିଲା। ଭୋଟପଡାରେ ଥିବା ଅଭିଯୁକ୍ତର ଜଣେ ସମ୍ପର୍କୀୟ ଘରେ ନାବାଳିକାଙ୍କୁ ଲୁଚାଇ ରଖିବା ସହ ବାହାରକୁ ଆସିବାକୁ ତାଙ୍କୁ ମନା କରିଥିଲା। ତଦନ୍ତ ଜାରି ରହିଥିବା ବେଳେ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଭୋଟପଡା ସ୍ଥିତ ହନୁମାନ ବେହେରାଙ୍କ ଘରେ ଚଢାଉ କରିଥିଲା। ନିଖୋଜ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ଅପହର୍ତ୍ତା ମାନସ କାଣ୍ଡିକୁ ଗିରଫ କରିବାରେ ସଫଳ ହୋଇଛି। ଉଦ୍ଧାର ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ଅପହର୍ତ୍ତା ମାନସକୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

### ୨୦ଗ୍ରାମ ବ୍ରାଉନ୍‌ସୁଗର ଜବତ; ୨ଗିରଫ

# ବାଇକ୍, ମୋବାଇଲ ଓ ପୁଡ଼ିଆ ପ୍ରସ୍ତୁତି ପାଇଁ କାଗଜ ଜବତ

ଖୋର୍ଦ୍ଧା, (ସବ୍ୟୁ): କୁଶପଲ୍ଲୀସ୍ଥିତ ଲୋକେଶ୍ୱର ଶିବ ମନ୍ଦିର ପରିସରରୁ ୨୦ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଛି ବେଗୁନିଆ ପୁଲିସ। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଦ୍ୱୟ ହେଲେ ବାଘମାରୀ ଥାନା କଂଟାମଲିମ ଗ୍ରାମର ଦିନେଶ କୁମାର ପାଇକରାୟ (୨୩) ଓ କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ବାରପୁଟ ର ଜୟପ୍ରକାଶ ପଣ୍ଡା (୩୩)। ଜବତ ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୨ଲକ୍ଷ ୫୦ହଜାର ଟଙ୍କା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। କୁସପଲ୍ଲୀ ଲୋକେଶ୍ୱର ଶିବ ମନ୍ଦିର ନିକଟରେ ବ୍ରାଉନ୍‌ସୁଗର ବିକ୍ରୀ ହେଉଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ପରମାର ସ୍ମିତ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ ଓ ବେଗୁନିଆ ଥାନା ଅଧିକାରୀ ସୁକାନ୍ତ ଦଳାଇଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ଉଷାରାଣୀ ଦାଶଙ୍କ ନେତୃତ୍ୱରେ ଟିମ୍ ଚଢଉ କରି ଦିନେଶ ଓ ଜୟପ୍ରକାଶକୁ କାବୁ କରିଥିଲା। ତଲାସୀ ବେଳେ ଜୟପ୍ରକାଶଙ୍କ ନିକଟରୁ ୨୦ଗ୍ରାମ ବ୍ରାଉନ୍‌ସୁଗର ପୁଲିସ ଜବତ୍ କରିଥିଲା। ଏଥିସହ ଏକ ବାଇକ୍ (ନଂ. ଓଡ଼ି.୦୨.ବିୱାଇ - ୩୦୪୭), ଗୋଟିଏ ଫୋନ୍ ଏବଂ ଛୋଟ ଛୋଟ ପୁଡ଼ିଆ ପ୍ରସ୍ତୁତ କରିବାରେ ବ୍ୟବହୃତ ହେଉଥିବା କଟା କାଗଜ ଖଣ୍ଡ କୁ ମଧ୍ୟ ପୁଲିସ ଜବତ କରିଛି। ଜବତ କାଗଜଗୁଡ଼ିକ ମଧ୍ୟରେ ନୀଳ ରଙ୍ଗର ଛପା ଥିବା ଛୋଟ ଆୟତାକାର କାଗଜ ଖଣ୍ଡ ରହିଥିବା ପୁଲିସ ସୂଚନା ଦେଇଛି। ଏନେଇ ପୁଲିସ ୪୧୭/୨୬ରେ ଏକ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

### ସଂଶୋଧିତ ଏମ୍‌ଏମ୍‌ଡିଆର ଆଇନ ଓଡିଶା ଏବଂ ଓଡିଶାବାସୀଙ୍କ ସ୍ୱାର୍ଥରେ: ଡା.ସମ୍ବିତ ପାତ୍ର

# ରାଜସ୍ୱ ଟିକସ ଆଦାୟ ଅଧିକାର ହ୍ରାସ ପାଇବା ଅଭିଯୋଗ ସଂପୂର୍ଣ୍ଣ ନିରାଧାର ଓ ମିଛ

ଭୁବନେଶ୍ୱର, (ସବ୍ୟୁ): ୨୦୧୫ ମସିହାରେ ଏହି ଏମଏମଡିଆର ଆଇନରେ ବୈପ୍ଳବିକ ସଂସ୍କାର ଆସିଥିଲା। ୨୦୧୫ ମସିହା ପୂର୍ବରୁ ଖଣି ଖାଦାନ କହିଲେ କେବଳ 'ଦୁର୍ନୀତି ଓ ଚୋରୀ'କୁ ବୁଝାଯାଉଥିଲା। ୨୦୧୫ ମସିହା ପୂର୍ବରୁ ଖଣି ଆବଂଟନରେ ସ୍ୱଚ୍ଛତା ନଥିଲା ଏବଂ ପ୍ରିୟାପ୍ରିତୀ, ପରିବାର ପ୍ରୀତି ତଥା ଦୁର୍ନୀତିର ଅଭିଯୋଗ ଆସୁଥିଲା। ୨୦୧୫ ସଂସ୍କାର ପରେ ଇ-ନିଲାମି ପ୍ରକ୍ରିୟା ଲାଗୁ କରାଗଲା, ଯାହା ଦ୍ୱାରା ରାଜ୍ୟ ଓ ଗରୀବଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବା ବ୍ୟକ୍ତି ବା ସଂସ୍ଥାକୁ ଖଣି ଖନନ ପାଇଁ ଅନୁମତି ମିଳିଲା। ଏହା ଦ୍ୱାରା ଓଡିଶାର ରାଜସ୍ୱ ଅଭୁତପୂର୍ବ ବୃଦ୍ଧି ପାଇଲା। ୨୦୧୪-୧୫ ମସିହା ପୂର୍ବରୁ ଓଡିଶା ସରକାର ଖଣି କ୍ଷେତ୍ରରୁ ବାର୍ଷିକ ମାତ୍ର ୩୩୦୦ କୋଟିରୁ ୫୦୦୦ କୋଟି ଟଙ୍କା ପାଉଥିବାବେଳେ ୨୦୧୫ ପରେ କ୍ରମାଗତ ଭାବେ ଏହି ପରିମାଣ ପ୍ରାୟ ୧୦ ଗୁଣା ବୃଦ୍ଧି ପାଇଁ ବର୍ତ୍ତମାନ ୫୫ ରୁ ୬୦ ହଜାର କୋଟି ଟଙ୍କାରେ ପହଂଚି ସାରିଛି ଏବଂ ଆଗାମୀ ବର୍ଷମାନଙ୍କରେ ଏହି ପରିମାଣ ଆହୁରି ବୃଦ୍ଧି ପାଇବ। ଏହା ବ୍ୟତୀତ ପ୍ରଥମ ଥର ପାଇଁ ଡିଏମଏଫ ପାଂଠି ଗଠନ କରାଯିବା କାରଣରୁ ଓଡିଶାକୁ ପ୍ରାୟ ୩୭ ହଜାର କୋଟି ଟଙ୍କା ମିଳିଛି। ୨୦୧୫ ମସିହାରୁ ନିଲାମୀ ପ୍ରିମିୟମ ୧୫୦




ପ୍ରତିଶତ ବୃଦ୍ଧି ପାଇଛି ଏବଂ ରୟାଲ୍ଟିକୁ ୧୦ ପ୍ରତିଶତରୁ ୧୫ ପ୍ରତିଶତ ବୃଦ୍ଧି କରାଯାଇଛି। ୨୦୧୫ ଏମଏମଡିଆର ଆଇନ ସଂଶୋଧନ କାରଣରୁ ଓଡିଶା ଭଳି ରାଜ୍ୟ ସର୍ବାଧିକ ଲାଭାନ୍ୱିତ ହୋଇଛି। ସଂଘୀୟ ଢାଞ୍ଚା କ୍ଷୁର୍ଣ୍ଣ ହେବା ଓ ରାଜସ୍ୱ ଟିକସ ଆଦାୟ ଅଧିକାର ହ୍ରାସ ପାଇବା ଭଳି ବିରୋଧୀଙ୍କ ଅଭିଯୋଗ ସଂପୂର୍ଣ୍ଣ ନିରାଧାର ଓ ମିଛ। ସଂଶୋଧିତ ଏମଏମଡିଆର ଆଇନ ଓଡିଶା ଏବଂ ଓଡିଶାବାସୀଙ୍କ ସ୍ୱାର୍ଥରେ ବୋଲି ପୁରୀ ସାଂସଦ ଡା.ସମ୍ବିତ ପାତ୍ର କହିଛନ୍ତି। ଖଣି ଅଂଚଳବାସୀ ତଥା ଆଦିବାସୀ ଓ ଗରୀବଙ୍କ କଲ୍ୟାଣ ପାଇଁ ୨୦୦୪ ମସିହାରେ ଓଡିଶା ସରକାର ଓରିସେଡ ଆଇନ ଆଣିଥିଲେ, ଯେଉଁଥିରେ ବକ୍ସାଇଟ (୨୦%), ଲୁହାପଥର (୧୫%) ଭଳି ଖଣିଜ ଉପରେ ଅତିରିକ୍ତ ଟିକସ ଲଗାଇବାର ପ୍ରାବଧାନ ଥିଲା। ଓରିସେଡ ଆଇନ ବିରୋଧରେ କେନ୍ଦ୍ରୀୟ ସଂସ୍ଥା ନାଲକୋ ମାନ୍ୟବର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଏବଂ ସେତେବେଳେ କେନ୍ଦ୍ରରେ କଂଗ୍ରେସ ସରକାର ଥିଲା। ମାତ୍ର ଓଡିଶା ହାଇକୋର୍ଟ ୨୦୦୫ ମସିହା ଡିସେମ୍ବର ମାସରେ ଉକ୍ତ ଆଇନ ଉପରେ ରହିତାଦେଶ ଲଗାଇଥିଲେ। ୨୦୦୬ ମସିହାରେ ତତ୍କାଳୀନ ଓଡିଶା ସରକାର ସୁପ୍ରିମକୋର୍ଟରେ ଏକ ଏସଏଲପି (ବିଶେଷ ଅନୁମତି ଯାଚନା) ଦାୟର କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଏକ ସିଭିଲ ସୁଟ୍ ରେ ପରିଣତ ହୋଇଥିଲା। ଏହି ସିଭିଲ ସୁଟ୍ ଟି ୨୦୦୬ ମସିହାରୁ ୨୦୨୪ ପର୍ଯ୍ୟନ୍ତ ଦୀର୍ଘ ୧୮ ବର୍ଷ ଧରି ମାନ୍ୟବର କୋର୍ଟରେ ବିଚାରଧିନ ହୋଇ ରହିଥିଲା। ତାଙ୍କ ଆଡଭୋକେଟ ଜେନେରାଲ କଣ କରୁଥିଲେ ? ଏହି ସମୟ ଅବଧିରେ ମାନ୍ୟବର ହାଇକୋର୍ଟ ଆଇନକୁ ସଂଶୋଧନ କରି ପୁନଃସ୍ଥାପିତ କରିବାକୁ ସୁଯୋଗ ଦେଇଥିଲେ ମଧ୍ୟ ତତ୍କାଳୀନ ବିଜେଡି ସରକାର ଆଇନରେ ଆବଶ୍ୟକ ସୁଧାର ଆଣିନଥିଲେ କାହିଁକି ଏବଂ କାହା ସ୍ୱାର୍ଥରେ ବୋଲି ଡା.ପାତ୍ର ପ୍ରଶ୍ନ କରିଛନ୍ତି? ରାଜ୍ୟଗୁଡିକ ୧ ଏପ୍ରିଲ ୨୦୦୫ ରୁ ୧ ଏପ୍ରିଲ ୨୦୨୬ ମଧ୍ୟରେ ଥିବା ବକେୟା ଜୋରିମାନା ଅର୍ଥ ଖିଲାପକାରୀଙ୍କଠାରୁ ଆଦାୟ କରିପାରିବେ ବୋଲି ଗତ ୨୫ ଜୁଲାଇ ୨୦୨୪ ମସିହାରେ 'ମାଡା ବନାମ ସେଲ' କେସର ଶୁଣାଣୀ କରି ମାନ୍ୟବର ସୁପ୍ରିମକୋର୍ଟଙ୍କ ୯ ଜଣିଆ ଜଜ୍‌ଙ୍କ ଖଣ୍ଡପୀଠ ରାୟ ଦେଇଥିଲେ। ଏହାକୁ ଆଧାର କରି ବର୍ତ୍ତମାନ ବିରୋଧୀ ଦଳଗୁଡିକ ରାଜ୍ୟ ୧ ଲକ୍ଷ କୋଟି ଟଙ୍କା ହରାଇବାର ଅଭିଯୋଗ କରୁଛନ୍ତି, ତାହା ବାସ୍ତବରେ ସଂପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି।

# ପୁରୀ ପୋଲିସ ପକ୍ଷରୁ ଟାଉନ ଥାନାରେ ମିସିଂ ମୋବାଇଲ ମେଳା ଅନୁଷ୍ଠିତ

ପୁରୀ, (ସବ୍ୟୁ): ମଙ୍ଗଳବାର ଦିନ ପୁରୀ ପୁଲିସ ପକ୍ଷରୁ ଟାଉନ ଥାନା ସମ୍ମେଳନ କକ୍ଷରେ ଏକ ମିସିଂ ମୋବାଇଲ ଫୋନ ମେଳା ଅନୁଷ୍ଠିତ ହୋଇଯାଇଛି। ଏସପି ପ୍ରତୀକ ସିଂ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସେ ଏହି ଅବସରରେ କହିଥିଲେ ପୁରୀ ପୁଲିସର ସ୍ୱତନ୍ତ୍ର ଅଭିଯାନ 'ମିସିଂ ମୋବାଇଲ ମେଳା' ଜରିଆରେ ୯୬ ଟି ହଜିଯାଇଥିବା ମୋବାଇଲ ଫୋନ୍ ଉଦ୍ଧାର କରାଯାଇଛି। କେନ୍ଦ୍ରୀୟ ଉପକରଣ ପରିଚୟ ପଞ୍ଜୀକରଣ ବ୍ୟବସ୍ଥା ପୋର୍ଟାଲର ସହାୟତାରେ ପୁଲିସ ଏହି ସଫଳତା ହାସଲ କରିଛି। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ଥାନା ସାଇବର ପୁଲିସ ଥାନା ସହ ସମନ୍ୱୟ ରକ୍ଷା କରି ହଜିଯାଇଥିବା ମୋବାଇଲ ଫୋନ୍‌ଗୁଡ଼ିକୁ ଠାବ କରିବା ପାଇଁ ତଦନ୍ତ ଓ ଚଢ଼ଉ କରିଥିଲେ। ପୁରୀ ସମେତ ପଡ଼ୋଶୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୯୬ଟି ମୋବାଇଲ ଫୋନ୍ ଉଦ୍ଧାର କରାଯାଇଥିଲା। 'ମିସିଂ ମୋବାଇଲ ମେଳା' ଅବସରରେ ଉଦ୍ଧାର ହୋଇଥିବା ମୋବାଇଲ ଫୋନ୍‌ଗୁଡ଼ିକ ମଧ୍ୟରୁ ଅନେକ ଫୋନ୍ ସେମାନଙ୍କ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ମୋବାଇଲ ହଜିଯାଇଥିବା ଏବଂ ଏପର୍ଯ୍ୟନ୍ତ ମିଳିନଥିବା ଲୋକଙ୍କୁ ଅଭିଯୋଗ ଦାଖଲ କରିବା ସହ ଆବଶ୍ୟକ ବିବରଣୀ ପୁରୀ ପୁଲିସର 'ସହାୟକ' ହ୍ୱାଟ୍ସଆପ୍ ଚାଟ୍‌ବଟ୍ ୮୭୬୩୧୯୯୪୦୦ ନମ୍ବରରେ ପ୍ରଦାନ କରିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ଓଡ଼ିଶାର ଯାଦବ ସମାଜର ବନ୍ଧୁ ମିଳନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଯାଦବ ସମାଜ ମଧ୍ୟରେ ଏକତା, ପରସ୍ପର ସମନ୍ୱୟ, ଆଲୋଚନା ଓ



ସାମୂହିକ ପ୍ରଗତିର ଉଦ୍ଦେଶ୍ୟ ନେଇ ଭୁବନେଶ୍ୱରରେ "ଯାଦବ ବନ୍ଧୁ ମିଳନ" ଅନୁଷ୍ଠିତ ହୋଇଯାଇଛି। ଇଞ୍ଜିନିୟର ଅଭିମନ୍ୟୁ ବାରିକଙ୍କ ଆବାହକତ୍ୱରେ ଆୟୋଜିତ ଏହି ମିଳନରେ ଓଡ଼ିଶାର ୨୪ଟି ଜିଲ୍ଲାରୁ ୨୦୦ରୁ ଅଧିକ ପ୍ରତିନିଧି ଯୋଗଦେଇ ରାଜ୍ୟରେ ଯାଦବ ସମାଜର ଏକତା ଓ ଭବିଷ୍ୟତ ଦିଗ ସମ୍ପର୍କରେ ନିଜ ନିଜ ମତାମତ ଓ ପରାମର୍ଶ ରଖିଥିଲେ। ସଭାରେ ଯାଦବ ସମାଜର ବିଭିନ୍ନ ବର୍ଗ, ସଂଗଠନ ଓ ଅଞ୍ଚଳର ପ୍ରତିନିଧିମାନେ ଯୋଗଦେଇ ସମାଜର ବର୍ତ୍ତମାନ ସ୍ଥିତି, ଯୁବପିଢ଼ିର ଭବିଷ୍ୟତ, ଶିକ୍ଷା, ନିଯୁକ୍ତି, ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ, ଅର୍ଥନୈତିକ ପ୍ରଗତି ଓ ସାମାଜିକ ସଚେତନତା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ। ସଭାରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଥିଲା ଯେ, ଏହି ମିଳନର ଉଦ୍ଦେଶ୍ୟ କୌଣସି ବ୍ୟକ୍ତି, ସଂଗଠନ କିମ୍ବା ପ୍ରଚଳିତ ସଂସ୍ଥାର ବିରୋଧ କରିବା ନୁହେଁ। ବରଂ ଯାଦବ ସମାଜର ବିଭିନ୍ନ ବ୍ୟକ୍ତି, ସଂଗଠନ ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ସୁସମ୍ପର୍କ, ସମନ୍ୱୟ ଓ ସହଯୋଗର ଏକ ସାଧାରଣ ମଞ୍ଚ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଆଗାମୀ ଜନଗଣନା ପ୍ରକ୍ରିୟା ଓ ଜାତି ସମ୍ପର୍କିତ ତଥ୍ୟ ସଂଗ୍ରହ ପରିପ୍ରେକ୍ଷିତରେ ସମାଜରେ ସଠିକ୍ ସୂଚନା ଓ ସଚେତନତା ସୃଷ୍ଟି କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଅଶୋକ କୁମାର ଗୌଡ଼ ସଚେତନତା ଓ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ। ନିଲୁ ଖୁଣ୍ଟିଆ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୫ ବର୍ଷ ପରେ ଏନ୍‌ଡ଼ିପିଏସ୍ ମାମଲାର ଫେରାର ଅଭିଯୁକ୍ତ ଗିରଫ

ପୁରୀ, (ସବ୍ୟୁ): ଦୀର୍ଘ ୫ ବର୍ଷ ଧରି ଫେରାର ଥିବା ଏକ ଏନଡ଼ିପିଏସ ମାମଲାର ଅଭିଯୁକ୍ତଙ୍କୁ କୁମ୍ଭାରପଡ଼ା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସି. ଚନ୍ଦ୍ରାୟା ରେଡ୍ଡୀ (୩୫)। ସେ ପୁରୀ ଜିଲ୍ଲାର ଧୋବାସାହି ଅଞ୍ଚଳର ବାସିନ୍ଦା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ପୁଲିସ ସୂଚନା ଅନୁଯାୟୀ, କୁମ୍ଭାରପଡ଼ା ଥାନା କେସ୍ ନମ୍ବର ୨୮୬, ତାରିଖ ୧୯.୦୮.୨୦୨୧ରେ ଘଉଟଙ୍ଗ ଆଇନର ଧାରା ୨୧(ବି)/୨୯ରେ ମାମଲା ରୁଜୁ ହୋଇଥିଲା। ୨୦୨୧ ଅଗଷ୍ଟ ୧୯ରେ କୁମ୍ଭାରପଡ଼ା ଥାନା ଏସ୍‌ଆଇ ବେଣୁଧର ରାୟ ତାରିଣୀ ଛକ ନିକଟରେ ଯାନବାହନ ଯାଞ୍ଚ କରୁଥିବା ସମୟରେ ବ୍ରାଉନସୁଗାର ଚାଲାଣ ସମ୍ପର୍କରେ ସୂଚନା ପାଇଥିଲେ। ଏହାପରେ ଚଢ଼ଉ କରାଯାଇ ରୁପେଶ ବେହେରା, ଆର୍. ଶ୍ରୀନିବାସ ରାଓ ଓ କେ. ରମେଶ ରେଡ୍ଡୀଙ୍କୁ ଗିରଫ କରାଯାଇଥିଲା। ତେବେ ଏହି ମାମଲାରେ ଅଭିଯୁକ୍ତ ସି. ଚନ୍ଦ୍ରାୟା ରେଡ୍ଡୀ ଦୀର୍ଘଦିନ ଧରି ଫେରାର ଥିଲେ। ଆଜି କୁମ୍ଭାରପଡ଼ା ଥାନା ଆଇଆଇସି ବିଜୟ କେତନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁଲିସ ତାଙ୍କୁ ଗିରଫ କରିଛି। ପରେ ତାଙ୍କୁ ପୁରୀ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଛି।

# କିମ୍‌ସରେ ବିଶ୍ୱ ହୃଦୟ ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମସ) ପକ୍ଷରୁ ସୋମବାର ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ସହ ବିଶ୍ୱ ହୃଦୟ ଦିବସ ପାଳନ କରାଯାଇଛି। ଏହି ଅବସରରେ କିମସ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ କିମ୍‌ସର କାର୍ଡିଓଲୋଜି ବିଭାଗର ଡାକ୍ତର, କର୍ମଚାରୀ, ଛାତ୍ରଛାତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ହୃଦୟସୁସ୍ଥତାର ଗୁରୁତ୍ୱ ସଂପର୍କରେ ଲୋକଙ୍କୁ ସଚେତନ କରିବା ସହ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ପ୍ରୋତ୍ସାହିତ କରିବା ଏହି ସଚେତନତା ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ସାମୂହିକ ସିପିଆର ପ୍ରଶିକ୍ଷଣ। ଏଥିରେ କିସରୁ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ହୃଦ୍‌ଘାତଜନିତ ଜରୁରୀ ପରିସ୍ଥିତିରେ କାର୍ଡିଓପଲମୋନାରି ରିସସିଟେସନ୍ (ସିପିଆର)ର ଗୁରୁତ୍ୱ ଏବଂ ଏହାର ପ୍ରାଥମିକ ପଦକ୍ଷେପ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।



କୌଣସି ବ୍ୟକ୍ତି ହୃଦ୍‌ଘାତର ଶିକାର ହୋଇ ଅଚେତ ହୋଇପଡ଼ିଲେ କିମ୍ବା ସ୍ୱାଭାବିକ ଭାବେ ନିଃଶ୍ୱାସ ନେଉନଥିଲେ, ଡାକ୍ତରୀ ସହାୟତା ପହଞ୍ଚିବା ପୂର୍ବରୁ ସିପିଆର ତୁରନ୍ତ ଜୀବନ ରକ୍ଷାରେ ସହାୟକ ହୋଇପାରେ। ଏହି ପ୍ରଶିକ୍ଷଣ ମାଧ୍ୟମରେ ଜରୁରୀ ସମୟରେ ତୁରନ୍ତ ସହାୟତା ଯୋଗାଇପାରୁଥିବା ପ୍ରଶିକ୍ଷିତଙ୍କ ଏକ ଗୋଷ୍ଠୀ ସୃଷ୍ଟି କରିବା ଲକ୍ଷ୍ୟ ରହିଥିଲା। ଏହି କାର୍ଯ୍ୟକ୍ରମରେ କିସର ପ୍ରତିଷ୍ଠାତାଙ୍କ ପରାମର୍ଶଦାତା ଡା. ଆର.ଏନ୍. ସାମନ୍ତ, କାର୍ଡିଓଲୋଜି ବିଭାଗ ମୁଖ୍ୟ ଡା. ସୁବାଶିଷ ମିଶ୍ର, ପ୍ରଫେସର ଡା. ପଞ୍ଚାନନ ସାହୁ, ନିଶ୍ଚେତକ ବିଭାଗର ଡା. ଅଶୋକ କୁମାର ବଡ଼ମାଳୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମୁଣ୍ଡାରୀ ସମାଜ ପ୍ରତିନିଧିମଣ୍ଡଳୀଙ୍କ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ

# ବିଭିନ୍ନ ଦାବି ନେଇ ପ୍ରଦାନ କଲେ ଦାବିପତ୍ର



ବାରିପଦା, (ସବ୍ୟୁ): ମୁଣ୍ଡାରୀ ସମାଜ ସାଓ୍ୱାଁର ଜାମଡା, ଓଡ଼ିଶା ପ୍ରଦେଶର ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ବିଭିନ୍ନ ଦାବି ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେପ୍ଟେମ୍ବର ୨୭ ତାରିଖ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ଆବାସରେ ଅନୁଷ୍ଠିତ ଏହି ସାକ୍ଷାତକାର ସମୟରେ ପ୍ରତିନିଧିମଣ୍ଡଳୀ ପକ୍ଷରୁ ପାରମ୍ପରିକ ସାଲ ଓ କିଛି ମୁଣ୍ଡାରୀ ପୁସ୍ତକ ମଧ୍ୟ ପ୍ରଦାନ କରାଯାଇଥିଲା । ଦାବିଗୁଡ଼ିକ ମଧ୍ୟରେ ମୁଣ୍ଡାରୀ କଲଚୁରାଲ୍ ଫାଉଣ୍ଡେସନ୍ ଗୃହ ନିର୍ମାଣ ପାଇଁ ବାରିପଦା ଉପଖଣ୍ଡରେ ଜମି ଯୋଗାଇଦେବା, ମୁଣ୍ଡାରୀ ବାନି ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଆର୍ଥିକ ସହାୟତା, ମୁଣ୍ଡାରୀ ବାନି ଲିପି ଛାପିବା ପାଇଁ ପ୍ରେସ୍ ସ୍ଥାପନ ଏବଂ ଲିପିର ପାଠ୍ୟପୁସ୍ତକ ସହ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଣ ଆଦି ରହିଛି । ଏଥିସହ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ମୁଣ୍ଡାରୀ ବାନିର ଏକ ସ୍ୱତନ୍ତ୍ର ବିଭାଗ ଖୋଲି ପାଠ୍ୟକ୍ରମ ଆରମ୍ଭ କରିବା ଏବଂ ମୁଣ୍ଡାରୀ ବାନି/ଲିପିକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିବାକୁ ପଦକ୍ଷେପ ନେବା ପାଇଁ ଦାବି କରାଯାଇଛି ।

ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୁଣ୍ଡାରୀ ସମାଜର ଇତିହାସ, ଭାଷା, ସଂସ୍କୃତି ଓ ପାରମ୍ପରିକ ରୀତିନୀତି ସମ୍ପର୍କରେ ବିସ୍ତୃତ ଭାବେ ପଚାରି ବୁଝିଥିଲେ। ସମାଜର ସଭାପତି ନନ୍ଦଲାଲ ସିଂ, ସାଧାରଣ ସମ୍ପାଦକ ବଂଶୀଧର ସିଂ, ଉପଦେଷ୍ଟା କମିଟି ସଦସ୍ୟ ରାଜେନ୍ଦ୍ର ସିଂ, ବଳରାମ ସିଂ, ମହେନ୍ଦ୍ର ସିଂ, ଦେବେନ୍ଦ୍ର ସିଂ ଓ ମହିଳା ସଦସ୍ୟ ଭାନୁମତୀ ସିଂ ପ୍ରମୁଖ ମୁଣ୍ଡାରୀ ସମାଜ ସମ୍ପର୍କିତ ବିଭିନ୍ନ ତଥ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ମୁଣ୍ଡାରୀ ଭାଷା ଓ ସଂସ୍କୃତିର ବିକାଶ ଦିଗରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସହଯୋଗ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସମାଜ ପକ୍ଷରୁ କୁହାଯାଇଛି । ବୈଠକରେ ଫକୀର ସିଂ ସମସ୍ତଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବନ୍ଦିରାମ ସିଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ପଟାଶାଳରେ ଝାଡ଼ାବାନ୍ତି : ୭ ଆକ୍ରାନ୍ତ, ଜଣେ ମୃତ



ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକ ଅନ୍ତର୍ଗତ ସବା ପଞ୍ଚାୟତର ପଟାଶାଳ ମାଳିକ ସାହିରେ ଝାଡ଼ାବାନ୍ତିରେ ୭ ଜଣ ଆକ୍ରାନ୍ତ ହୋଇଥିବା ବେଳେ ସୁଶାନ୍ତ ମାଳିକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଧରାକୋଟ ଡାକ୍ତରୀ ଦଳ ଏବଂ ମାଣିକ୍ୟପୁର ଉପ-ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରିଥିଲେ ।

ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଧରାକୋଟ ବିଡିଓ ତୃପ୍ତିମୟୀ ଜେନା, ଆର ଡବ୍ଲ୍ୟୁଏସ୍ଏସ୍ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତଙ୍କ ସମେତ ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ଗ୍ରାମରେ ପହଞ୍ଚିଥିଲେ । ଗ୍ରାମର ବିଭିନ୍ନ ସ୍ଥାନରେ ବ୍ଲିଚିଂ ପକାଇବା ସହ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲାବରେଟୋରୀକୁ ପଠାଯାଇଛି । ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, ଆକ୍ରାନ୍ତ ବ୍ୟକ୍ତିମାନେ ଏକ ଭୋଜିରେ ଯୋଗଦେବା ପାଇଁ ପୋଡ଼ାମାରି ଯାଇଥିଲେ ।

ସେଠାରୁ ଫେରିବା ପରେ ସେମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା କୁହାଯାଉଛି । ଘଟଣା ସ୍ଥଳରେ ପହଞ୍ଚିଥିବା ଡାକ୍ତରୀ ଦଳ ପ୍ରାଥମିକ ଭାବେ ଏହା ଖାଦ୍ୟ ବିଷକ୍ରିୟା ଜନିତ ଘଟଣା ହୋଇପାରେ ବୋଲି ସନ୍ଦେହ ପ୍ରକାଶ କରିଥିବା ଜଣାପଡ଼ିଛି। ତେବେ ପାଣି ଓ ଅନ୍ୟାନ୍ୟ ନମୁନାର ପରୀକ୍ଷା ରିପୋର୍ଟ ଆସିବା ପରେ ହିଁ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ।

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ବିଜେପିର ବିଧାୟକ ପ୍ରାର୍ଥୀ ଉତ୍ତମ ପାଣିଗ୍ରାହୀ ଘଟଣା ସ୍ଥଳରେ ପହଞ୍ଚି ଆକ୍ରାନ୍ତଙ୍କ ଅବସ୍ଥା ପଚାରି ବୁଝିବା ସହ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ୪୦ ଜଣିଆ ମହାରାଷ୍ଟ୍ର ପର୍ଯ୍ୟଟକ ଦଳଙ୍କ ବୌଦ୍ଧ ପୀଠ ପରିଦର୍ଶନ



ବାଲିଚନ୍ଦ୍ରପୁର, (ସବ୍ୟୁ): ସୁଦୂର ମହାରାଷ୍ଟ୍ରର ପୁନେ ଓ ମୁମ୍ବାଇରୁ ୪୦ଜଣ ମନ୍ଦିର ସ୍ଥପତି ଏବଂ ଐତିହ୍ୟ ପ୍ରେମୀ ପର୍ଯ୍ୟଟକ ପାଞ୍ଚଦିନିଆ ଓଡିଶା ଗସ୍ତରେ ଆସି ହୀରକ ତ୍ରିଭୁଜ ବୌଦ୍ଧପୀଠ ପରିଦର୍ଶନ କରିଛନ୍ତି ।

ଭୁବନେଶ୍ୱର ଠାରେ ଗତକାଲି ବିମାନଯୋଗେ ପହଞ୍ଚି ସେମାନେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ସହଯୋଗରେ ବିଶ୍ୱବିଖ୍ୟାତ ବୌଦ୍ଧମହାବିହାର ରତ୍ନଗିରି, ଉଦୟଗିରି ଓ ଲଳିତଗିରିର ବିଭିନ୍ନ କୀର୍ତ୍ତିରାଜି ଏବଂ ବୌଦ୍ଧ ସଂଗ୍ରହାଳୟ ପରିଦର୍ଶନ କରିଥିଲେ ।

ଯାଜପୁର-କଟକ ଜିଲ୍ଲାର ସୀମାନ୍ତବର୍ତ୍ତୀ ପୁରାତନ ପଞ୍ଚୁପାଣ୍ଡବ ମନ୍ଦିରର ଗଠନ କଳା ସେମାନଙ୍କୁ ବିଶେଷ ଭାବରେ ଅଭିଭୂତ କରିଥିଲା । ଓଡ଼ିଶାର ଗୌରବମୟ ମନ୍ଦିରଗଠନର ଶୈଳୀ ଏବଂ ବିଶେଷକରି ବୌଦ୍ଧ ସ୍ଥାପତ୍ୟର କଳାକାରିଗରୀରେ ପ୍ରଭାବିତ ହୋଇ ଏହି ପର୍ଯ୍ୟଟକମାନଙ୍କୁ ନେଇ ଗତ କିଛିବର୍ଷ ହେବ ଯୁବଗବେଷକ ଶାନ୍ତନୁ ପରାଞ୍ଜପେଙ୍କ ନେତୃତ୍ୱରେ ପର୍ଯ୍ୟଟକମାନେ ପ୍ରତିବର୍ଷ ଦୁଇତିନିଥର ଓଡିଶା ଭ୍ରମଣରେ ଆସୁଛନ୍ତି ।

ପ୍ରବାସୀ ପର୍ଯ୍ୟଟକମାନଙ୍କୁ ଉଦୟଗିରି- ରତ୍ନଗିରି ଠାରେ ସ୍ଥାନୀୟ ବୌଦ୍ଧଐତିହ୍ୟପ୍ରେମୀ ତଥା ଉଦୟଗିରି ବୁଦ୍ଧ ମହୋତ୍ସବ ସମିତିର ବରିଷ୍ଠ ସଦସ୍ୟ ସ୍ନେହାଂଶୁ ମହାନ୍ତି, ସଙ୍ଗଠନ ସମ୍ପାଦକ ଉମେଶ ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ରାୟ, ଗୋପାଳପୁର ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଚିନ୍ମୟ କୁମାର ଶାନ୍ତି, ସଦସ୍ୟ ଜ୍ଞାନରଞ୍ଜନ ପ୍ରଧାନ, ଗୋବର୍ଦ୍ଧନ ମହାପାତ୍ର, ଅଶୋକ ଜେନା, ପ୍ରଭାକର ଜେନା ପ୍ରମୁଖ କଳା-ଐତିହ୍ୟପ୍ରେମୀ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ସହିତ ବୌଦ୍ଧପୀଠ ପରିଦର୍ଶନ କରାଇଥିଲେ ।

## ଜାତୀୟ କନିଷ୍ଠ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଭାଗନେବେ ବିଶ୍ୱଜିତ

# ସମ୍ବର୍ଦ୍ଧିତ କରି ଉତ୍ସାହିତ କଲେ ଜିଲ୍ଲାପାଳ

ବାରିପଦା, (ସବ୍ୟୁ) : ଦୃଢ଼ ଇଚ୍ଛାଶକ୍ତି ଓ କଠୋର ପରିଶ୍ରମ ଆଗରେ ପ୍ରତିବନ୍ଧକ ହୋଇପାରିନି ଦାରିଦ୍ର୍ୟ । ଏହାର ଉଦାହରଣ ସାଜିଛନ୍ତି ଶାମାଖୁଣ୍ଟା ବ୍ଲକ ଚିପଟଅସ୍ତିଆ ଗ୍ରାମର ବିଜୟ ଦାସଙ୍କ ପୁଅ ବିଶ୍ୱଜିତ ଦାସ। ରାଇରଙ୍ଗପୁରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ସେ ୩୭ତମ ପୂର୍ବାଞ୍ଚଳ କନିଷ୍ଠ ଏଥଲେଟିକ୍ସ ଚାମ୍ପିୟନସିପ୍‌ରେ ସଫଳତା ହାସଲ କରିଛନ୍ତି। ୧୧୦ ମିଟର ହର୍ଡଲ୍ସ ଓ ଲମ୍ବଡିଆଁରେ କାଂସ୍ୟ ପଦକ ସହ ୪୧୦୦ ମିଟର ରିଲେରେ ରୌପ୍ୟ ପଦକ ହାସଲ କରି ବିଶ୍ୱଜିତ ଆସନ୍ତା ଜାତୀୟ ଏଥଲେଟିକ୍ସ ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ।

ଚେନ୍ନାଇରେ ହେବାକୁ ଥିବା ଏହି ଜାତୀୟ ପ୍ରତିଯୋଗିତାରେ ସେ ମୟୂରଭଞ୍ଜର ପ୍ରତିନିଧିତ୍ୱ କରିବେ । ବିଶ୍ୱଜିତଙ୍କ ସଫଳତାର ଖବର ପାଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାୟ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ । ଜାତୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଜିଲ୍ଲାର ଗୌରବ ବଢ଼ାଇବାକୁ ସେ ବିଶ୍ୱଜିତଙ୍କୁ ଉତ୍ସାହିତ କରିବା ସହ ସଫଳତା କାମନା କରିଥିଲେ । ବର୍ତ୍ତମାନ ବିଶ୍ୱଜିତ କେଉଁଝରସ୍ଥିତ କ୍ରୀଡ଼ା ଛାତ୍ରାବାସରେ ରହି +୩ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି ।

ଏହି ଅବସରରେ ମୟୂରଭଞ୍ଜ ଆଥଲେଟିକ୍ସ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ, ସହସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ, ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଓ କୋଚ୍ ଦଳନ ଚନ୍ଦ୍ର କୁଁଅର ଦେବ ପ୍ରମୁଖ ଉପସ୍ଥିତ ଥିଲେ ।

## ଚିକିଟିରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

ଚିକିଟି, (ସବ୍ୟୁ) : ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏବଂ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକରଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଆଜି ଚିକିଟି ବ୍ଲକ ମୁଖ୍ୟାଳୟଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୧୧୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୦୧ଟି ବ୍ୟକ୍ତିଗତ ସମସ୍ୟା ଏବଂ ୧୫ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଥିଲା । ଏଥିସହ ରେଡକ୍ରସ ସହାୟତା ପାଇଁ ୨ଟି ଆବେଦନ ଗ୍ରହଣ କରାଯାଇଥିଲା । ଶିବିରରେ ୨୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ମହାକାଳୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ବିହନ ଅର୍ଥ ଓ ଆବର୍ତ୍ତୀ ପାଣ୍ଠି ବାବଦରେ ୨୫,୦୦୦ ଟଙ୍କା, ୬ ଜଣଙ୍କୁ ନିର୍ମାଣ ଶ୍ରମିକ କାର୍ଡ, ୧୦ ଜଣଙ୍କୁ ରାସନ କାର୍ଡ ଏବଂ ୩ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କାର୍ଡ ପ୍ରଦାନ କରାଯାଇଥିଲା । ଓଡ଼ିଶା ଜୀବିକା ମିଶନ ପକ୍ଷରୁ ୩ ଜଣଙ୍କୁ ଲକ୍ଷପତି ଦିଦି ଋଣ ମଞ୍ଜୁର କରାଯାଇଥିଲା । ମତ୍ସ୍ୟ ବିଭାଗ ପକ୍ଷରୁ ଜଣେ ହିତାଧିକାରୀଙ୍କୁ ବାୟୋଫ୍ଲକ୍ ଏବଂ ଜଣେ ହିତାଧିକାରୀଙ୍କୁ ମତ୍ସ୍ୟ ପୋଖରୀ ଯୋଜନାର ସୁଫଳ ପ୍ରଦାନ କରାଯାଇଥିଲା । ପଶୁ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଜୀବିକାଭିତ୍ତିକ ଯୋଜନାରେ ୨ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆମ୍ବ ଚାଷ ପାଇଁ ୨ ଜଣ ହିତାଧିକାରୀଙ୍କୁ ସବସିଡ ପ୍ରଦାନ କରାଯାଇଥିଲା । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଭିବି-ଜି ରାମ ଜି ଯୋଜନା ଅଧୀନରେ ୩ ଜଣଙ୍କୁ ନୂତନ ଜବ୍ କାର୍ଡ ପ୍ରଦାନ କରାଯାଇଥିବାବେଳେ ୪ ଜଣ ହିତାଧିକାରୀଙ୍କୁ ନୂତନ ପେନସନ ପ୍ରଦାନ କରାଯାଇଥିଲା ।

## ଗେଟ୍ ବଜାର ଫ୍ଲାଏ ଓଭର କାର୍ଯ୍ୟର ଗୁଣାତ୍ମକ ମାନ ପରୀକ୍ଷଣ ନେଇ କାର୍ଯ୍ୟସ୍ଥଳରେ ୯ ଜଣିଆ ଟିମ୍



ବ୍ରହ୍ମପୁର, (ସବ୍ୟୁ): ଗେଟ ବଜାର ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବ୍ରହ୍ମପୁର ସଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ ଏହି ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି କରିଥିବା ବେଳେ ଏହି କାର୍ଯ୍ୟନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଗତ ଦୁଇ ଦିନ ତଳେ ସମୀକ୍ଷା କରି ଫେରିଥିଲେ ।

ଆଜି ବ୍ରହ୍ମପୁର ଗେଟ ବଜାର ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ ଏହାର ଗୁଣାତ୍ମକମାନ ତଥ୍ୟ ସଂଗ୍ରହ ନିମନ୍ତେ ମାନ ନିୟନ୍ତ୍ରଣ ଅଧିକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ପିନାକ ପ୍ରସାଦ ସ୍ୱାଇଁଙ୍କ ନେତୃତ୍ୱରେ ୯ ଜଣିଆ ଟିମ ବିଭିନ୍ନ ପ୍ରକାର ସାମଗ୍ରୀ ଧରି ପହଞ୍ଚି ସମସ୍ତ ପ୍ରକାର ତଥ୍ୟ ସଂଗ୍ରହ କରି ଥିବା ଜଣାପଡିଛି । ଗେଟ ବଜାର ଠାରୁ ଆସିକା ରୋଡ ରେଡ୍ଡୀ ଗ୍ୟାରେଜ ଛକ ମଧ୍ୟରେ ନିର୍ମାଣ ହୋଇଥିବା ପିଲାର, ଉପରେ ପଡ଼ିଥିବା ଟ୍ରାକରୁ କିଛି ମାନ ସଂଗ୍ରହ କରିଥିବା ବେଳେ ଲୁହା ସିମେଣ୍ଟର ମାନ ମଧ୍ୟ ପରିକ୍ଷଣ ନିମନ୍ତେ କିଛି ସାମଗ୍ରୀ ନେଇ ଥିଲେ । ପ୍ରାୟ ୧୩୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଫ୍ଲାଏ ଓଭରର ୩୬ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ସମୀକ୍ଷା ସମୟରେ ପର୍ଯ୍ୟାପ୍ତ ମାନବ ସମ୍ବଳ, ଆଧୁନିକ ଯନ୍ତ୍ରପାତି ଓ ଟେକନୋଲୋଜିର ବ୍ୟବହାର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ

## ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ୭୨ ତମ ବନ୍ୟପ୍ରାଣୀ ସପ୍ତାହ

ଭଂଜନଗର, (ସବ୍ୟୁ) : ଭଂଜନଗର ସ୍ଥିତ ସ୍ଥାୟୀ ଚାରା ଉଦ୍ୟାନ କେନ୍ଦ୍ର ଠାରେ ୭୨ ତମ ବନ୍ୟପ୍ରାଣୀ ସପ୍ତାହ ଉତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ, ଉଭୟ ବନଖଣ୍ଡର ଅଧିକାରୀ ସମେତ, ବିଭାଗୀୟ କର୍ମଚାରୀ, ବନ ସୁରକ୍ଷା ସମିତି ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟ ମାନେ ଯୋଗ ଦେଇଥିଲେ ।

ମୁଖ୍ୟତଃ ଏହି ବନଖଣ୍ଡରେ ଦେଖାଯାଉଥିବା କୃଷ୍ଣସାର ମୃଗ, ହାତୀ ଏବଂ ମୟୂର ସମେତ ବିଭିନ୍ନ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଅଭିନବ ପ୍ରୟାସ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ଏଥିରେ ଅଭିଜ୍ଞ ସମ୍ପନ୍ନ ବୁଦ୍ଧିଜୀବୀ ମାନେ ଯୋଗ ଦେଇ, ବନ୍ୟପ୍ରାଣୀଙ୍କ ବିଶେଷତ୍ୱ ସମ୍ପର୍କରେ ମତ ରଖିଥିଲେ ।

## ନିଉ ମଡର୍ଣ୍ଣ ଟେକ୍ନୋମେକ ଶ୍ରମିକଙ୍କ ସମସ୍ୟା

# ସମାଧାନ ପାଇଁ ପ୍ରଶାସନର ହସ୍ତକ୍ଷେପ




ବାରିପଦା, (ସବ୍ୟୁ) : ବାରିପଦାସ୍ଥିତ ନିଉ ମଡର୍ଣ୍ଣ ଟେକ୍ନୋମେକ ପ୍ରାଇଭେଟ୍ ଲିମିଟେଡ୍ ଶିଳ୍ପ ସଂସ୍ଥାରେ ଶ୍ରମିକ ଓ ମାଲିକ ପକ୍ଷ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ମଜୁରୀ ବିବାଦର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିଛି । ଏନେଇ ମଙ୍ଗଳବାର ଜିଲ୍ଲା ଶ୍ରମ ଦପ୍ତରରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା । ବୈଠକରେ ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ସାଥୀ କାହ୍ନୁଚରଣ ବେହେରା, ସଂଘ ସଭାପତି ବସନ୍ତ କୁମାର ନାଏକ, ସମ୍ପାଦକ ମଧୁସୂଦନ ଦଳ ନାଏକ, ଶିଳ୍ପ ସଂସ୍ଥା ପକ୍ଷରୁ ଚନ୍ଦ୍ରକାନ୍ତ ଦାସ ଓ ପ୍ରଭାତ ରଞ୍ଜନ ଆଚାର୍ଯ୍ୟଙ୍କ ସମେତ ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ ଓ ସହକାରୀ ଶ୍ରମ ଅଧିକାରୀ ପାନମଣି ସୋରେନ୍ ଯୋଗଦେଇଥିଲେ ।

ଦୁଇ ପକ୍ଷର ଅଭିଯୋଗ ଓ ଦାବି ଉପରେ ଆଲୋଚନା କରାଯାଇ ଆସନ୍ତା ଅକ୍ଟୋବର ୧୦ତାରିଖ ମଧ୍ୟରେ ସମାଧାନର ସୂତ୍ର ବାହାର କରିବାକୁ ନିଷ୍ପତ୍ତି ହୋଇଛି । ଏଥିସହ ଲକ୍ଆଉଟ୍ ଓ ଅନ୍ୟାନ୍ୟ ଆଇନଗତ ଦାବି ଉପରେ ଆଲୋଚନା କରି ନିଷ୍ପତ୍ତି ସମ୍ପର୍କରେ ଶ୍ରମ ବିଭାଗକୁ ଅବଗତ କରାଯିବ । ବୈଠକର ନିଷ୍ପତ୍ତି ସମ୍ପର୍କରେ ଶ୍ରମିକମାନଙ୍କୁ ଅବଗତ କରାଇବା ପାଇଁ ସଂଘ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଆଉ ଏକ ବୈଠକ ହୋଇଥିଲା। ଏଥିରେ ସୁବାଷ ଚନ୍ଦ୍ର ମହାନ୍ତ, ବିଜୟ ମହାନ୍ତ, ଦେବେନ୍ଦ୍ର ବେହେରା, ପ୍ରଦୀପ କୁମାର ମହାନ୍ତ, ସଦାନନ୍ଦ ପାତ୍ର, ବୁଧୁରାମ ସିଂ ଓ ଶ୍ରୀକାନ୍ତ ମହାନ୍ତ ପ୍ରମୁଖ ସଂଘ ସଦସ୍ୟ ଉପସ୍ଥିତ ଥିଲେ ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଗେଟ୍ ଓ ଜାମ୍ ପରୀକ୍ଷା

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଗେଟ୍ ଓ ଜାମ୍ ପରୀକ୍ଷାର ସୁଯୋଗ, ପ୍ରସ୍ତୁତି ଓ ସଫଳତା ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କ୍ୟାରିଅର କାଉନସେଲିଂ ଓ ପ୍ଲେସ୍‌ମେଣ୍ଟ ସେଲ୍ ଓ ଆଇଆଇଟି ଖଡଗପୁର ଜୋନାଲ୍ ଅଫିସ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇ ନିଜେ ଆଇଆଇଟିରେ ପାଠ ପଢ଼ିଥିବାର ଉପଯୋଗିତା ଉପରେ ଆଲୋକପାତ ପୂର୍ବକ ଏହାର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଆଇଆଇଟି ଖଡଗପୁରର ପ୍ରଫେସର ତଥା ଗେଟ-ଜାମ୍ ୨୦୨୭ର ଅଧ୍ୟକ୍ଷ ପ୍ରଃ ଅଜୟ ସିଦ୍?ପାରା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ଗେଟ୍ ଓ ଜାମ୍ ପରୀକ୍ଷାର ପ୍ରକ୍ରିୟା, ପରୀକ୍ଷା ପଦ୍ଧତି ଓ ସର୍ବୋପରି ଗେଟ୍ ପରୀକ୍ଷାର ଫଳାଫଳ ବା ଗେଟ୍ ସ୍କୋରର ଉପକାରିତା ସମ୍ପର୍କରେ ଦୀର୍ଘ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ପ୍ରଫେସର ସିଦ୍‌ପାରା ଗେଟ୍ ସ୍କୋର ଦ୍ୱାରା କେବଳ ବିଭିନ୍ନ ଶ୍ରେଷ୍ଠ ପ୍ରତିଷ୍ଠାନରେ ଉଚ୍ଚଶିକ୍ଷା ନୁହେଁ ବରଂ ବିଭିନ୍ନ ନିଯୁକ୍ତି, ଫେଲୋସିପ, ସ୍କଲାରଶିପ୍, ବାହାର ଦେଶରେ ଉଚ୍ଚଶିକ୍ଷାର ସୁଯୋଗ ରହିଛି, ସେ ବିଷୟରେ ସବିଶେଷ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ କ୍ୟାରିଅର କାଉନସେଲିଂ ଓ ପ୍ଲେସ୍‌ମେଣ୍ଟ ସେଲ୍‌ର ସଂଯୋଜକ ପ୍ରଫେସର ବିଶ୍ୱଜିତ ରଥ, ପ୍ଲେସ୍‌ମେଣ୍ଟ ସେଲ୍‌ର ସଦସ୍ୟ ଡଃ ଅମର କୁମାର ଦୋରା, କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡଃ ଶାନ୍ତିସ୍ୱରୂପ ବସା, ବ୍ୟବସାୟ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଡଃ ସୀତାରାମ ଦାସ ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଭୁତପୂର୍ବ ଉତ୍ସାହ ସହ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

## ଆନ୍ତଃରାଜ୍ୟ ମୋବାଇଲ ଲୁଟେରା ଗ୍ୟାଙ୍ଗ୍‌କୁ ଧରିଲା ପୋଲିସ



ବାରିପଦା, (ସବ୍ୟୁ): ବାରିପଦା ସହରରେ ମୋବାଇଲ ଲୁଟ୍ କରୁଥିବା ଏକ ଆନ୍ତରାଜ୍ୟ ଗ୍ୟାଙ୍ଗ୍‌କୁ ଧରିଛି ଟାଉନ ଥାନା ପୋଲିସ । ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ସେମାନଙ୍କ ନିକଟରୁ ୧୪ଟି ମୋବାଇଲ ଫୋନ୍ ଜବତ କରାଯାଇଛି । ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଝାଡ଼ଖଣ୍ଡରେ ଯୋଜନା ପ୍ରସ୍ତୁତ କରି ଗ୍ରୁପ୍ ହୋଇ ବସ୍ ଯୋଗେ ଓଡ଼ିଶାକୁ ଆସୁଥିଲେ । ବାରିପଦା ସହରର ଭିଡ଼ ଅଞ୍ଚଳ, ହାଟ ଓ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନକୁ ଟାର୍ଗେଟ୍ କରି ମୋବାଇଲ ଲୁଟ୍ କରୁଥିବା ଜଣାପଡ଼ିଛି ।

ମୋବାଇଲ ହଜିବା ନେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ ଟ୍ରାକିଂ ମାଧ୍ୟମରେ ତଦନ୍ତ ଆରମ୍ଭ କରିଥିଲା। ଏହା ପରେ ବାରିପଦା ସହରର ପାଲବଣି ଗୋଲେଇ ନିକଟରୁ ଗ୍ୟାଙ୍ଗ୍‌ର ସଦସ୍ୟମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି ।

ଅଟକ ଥିବା ସମସ୍ତେ ଝାଡ଼ଖଣ୍ଡର ଆସାନସୋଲ ଅଞ୍ଚଳର ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି । ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟ ଓ ପୂର୍ବରୁ କରିଥିବା ଲୁଟ୍ ସମ୍ପର୍କରେ ପୋଲିସ ଖୋଳତାଡ଼ କରୁଛି ।

# ପର୍ଯ୍ୟଟନ ବିକାଶ ନେଇ ସମୀକ୍ଷା ବୈଠକ

ଭଞ୍ଜନଗର, (ସବ୍ୟୁ) : ଭଞ୍ଜନଗର ଉପଖଣ୍ଡରେ ପର୍ଯ୍ୟଟନର ସାମଗ୍ରିକ ବିକାଶ, ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ପର୍ଯ୍ୟଟକମାନଙ୍କୁ ଉନ୍ନତ ସୁବିଧା ପ୍ରଦାନ ନେଇ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି ।

ବୈଠକରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ବିଧାୟକ ନୀଳମଣି ବିଷୋୟୀ ଏବଂ ଭଞ୍ଜନଗର ପୌରପାଳିକାର ଅଧ୍ୟକ୍ଷ ଗୋପୋବନ୍ଧୁ ମହାପାତ୍ର ଯୋଗଦେଇ ଭଞ୍ଜନଗର ଅଞ୍ଚଳରେ ପର୍ଯ୍ୟଟନ ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ, ପର୍ଯ୍ୟଟକଙ୍କ ସୁବିଧା ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରିତ ଭାବେ ଆଗେଇ ନେବା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକରେ ଭଞ୍ଜନଗର ଅଞ୍ଚଳର ପର୍ଯ୍ୟଟନ ବିକାଶ ସମ୍ପର୍କରେ ଆଲୋଚନା କରି ଉପଜିଲ୍ଲାପାଳ ଶ୍ରୀ ବେହେରା କହିଥିଲେ ଯେ, ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ଉନ୍ନତି ସହିତ ପର୍ଯ୍ୟଟକଙ୍କ ଅନୁଭୂତିକୁ ଆହୁରି ସୁନ୍ଦର ଓ ସୁବିଧାଜନକ କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେବ । ମୁଖ୍ୟ ସଚିବଙ୍କ ପରାମର୍ଶ ଅନୁଯାୟୀ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତ୍ତାକୁ ସର୍ବାଧିକ ପ୍ରାଥମିକତା ଦେବା ସହିତ ସ୍ୱଚ୍ଛତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ସେ କହିଥିଲେ ଯେ, ନିକଟରେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ କୀର୍ତ୍ତି ଭାସନ୍ ଭି., ବନବିହାର ପରିଦର୍ଶନ କରି ଏହାର ପର୍ଯ୍ୟଟନ ସମ୍ଭାବନାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ବନବିହାର ଅଞ୍ଚଳରେ ପର୍ଯ୍ୟଟକଙ୍କ ଆକର୍ଷଣ ବୃଦ୍ଧି ପାଇଁ ବୋଟିଂ ବ୍ୟବସ୍ଥା, ଭଞ୍ଜନଗର ଘାଇ ଅଞ୍ଚଳରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଏବଂ ଭାସମାନ ରେଷ୍ଟୁରାଣ୍ଟ ପ୍ରତିଷ୍ଠା ଭଳି ନୂତନ ଓ ଆକର୍ଷଣୀୟ ପର୍ଯ୍ୟଟନ ସୁବିଧା ବିକଶିତ କରିବା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ବôଠକରେ ଭଞ୍ଜନଗର, ବୁଗୁଡ଼ା ଓ ଉପଖଣ୍ଡ ଅଞ୍ଚଳର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ବିକାଶ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ରାସ୍ତା, ପାନୀୟ ଜଳ, ଶୌଚାଳୟ, ଆଲୋକୀକରଣ, ପାର୍କିଂ, ସ୍ୱଚ୍ଛତା, ବସିବା ବ୍ୟବସ୍ଥା, ସୂଚନା ଫଳକ ଆଦି ମୌଳିକ ସୁବିଧାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଏଥିସହ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ, ସଂସ୍କୃତି ଓ ସ୍ଥାନୀୟ ପରମ୍ପରାକୁ ଆଧାର କରି ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଚାର-ପ୍ରସାରକୁ ବ୍ୟାପକ କରିବା ନେଇ ଆଲୋଚନା ହୋଇଥିଲା । ପର୍ଯ୍ୟଟନର ବିକାଶ ଦ୍ୱାରା ସ୍ଥାନୀୟ ଯୁବକଯୁବତୀ ଓ ଲୋକମାନଙ୍କ ପାଇଁ ରୋଜଗାର, ଆୟ ଓ ଉଦ୍ୟୋଗ ସୃଷ୍ଟିର ସୁଯୋଗ ବୃଦ୍ଧି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଉପଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜ ବିଭାଗ ସମ୍ପର୍କିତ ପର୍ଯ୍ୟଟନ ବିକାଶ କାର୍ଯ୍ୟକୁ ସମନ୍ୱୟର ସହିତ ତ୍ୱରାନ୍ୱିତ କରିବାକୁ କହିଥିଲେ ।

ପର୍ଯ୍ୟଟନସ୍ଥଳୀର ସୁରକ୍ଷା, ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେଇ ଏକ ସୁସ୍ଥାୟୀ, ସୁରକ୍ଷିତ ଓ ଆକର୍ଷଣୀୟ ପର୍ଯ୍ୟଟନ ବ୍ୟବସ୍ଥା ଗଢ଼ି ତୋଳିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଟୁଲିଆମା, ସହାୟକ ଉପଜିଲ୍ଲାପାଳ ଶ୍ରୀମତୀ ଚନ୍ଦ୍ରଗିରି ଗାୟତ୍ରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ଭାରତୀ ଦେବୀ, ବୁଗୁଡ଼ା ବିଡିଓ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ, ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ କୁମାର ପ୍ରଧାନ, ବୁଗୁଡ଼ା ଓ ଭଞ୍ଜନଗର ଥାନା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ।

# ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ସହ ରନ୍ଧା ଖାଦ୍ୟ ବଣ୍ଟନ



ଅମ୍ବାଭୋନା, (ସବ୍ୟୁ): ମହାନଦୀର ବନ୍ୟାଜଳ ଯୋଗୁଁ ଅମ୍ବାଭୋନା ବ୍ଲକର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଥିବା ବେଳେ ବନ୍ୟାପୀଡ଼ିତଙ୍କ ସହାୟତା ପାଇଁ ପ୍ରଶାସନିକ ତତ୍ପରତା ଆରମ୍ଭ ହୋଇଛି । ବନ୍ୟା ପରିସ୍ଥିତି ସମ୍ପର୍କରେ ଖବର ପାଇ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ କାର୍ଯ୍ୟକର୍ତ୍ତାଙ୍କ ସହ ଭିଡିଓ କଲ ମାଧ୍ୟମରେ ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟା ପରିସ୍ଥିତି ଓ ଲୋକଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଅବଗତ ହେବା ପରେ ବିଧାୟକ ତୁରନ୍ତ ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ । ବନ୍ୟାପୀଡ଼ିତଙ୍କ ରହିବା, ଖାଇବା ଓ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେବା ସହ ଆବଶ୍ୟକ ସହାୟତା ଯଥାଶୀଘ୍ର ପହଞ୍ଚାଇବାକୁ ସେ ଅମ୍ବାଭୋନା ବିଡ଼ିଓ ଡ଼. ଲଳିତ ବାଗ ଓ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ପୀଡ଼ିତଙ୍କୁ ବଣ୍ଟନ କରାଯାଇଥିଲା। ଏଥିସହ ଆବଶ୍ୟକତା ଅନୁଯାୟୀ ରିଲିଫ ସାମଗ୍ରୀ ଓ ଶୁଖିଲା ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଇଥିଲା। ବନ୍ୟାଜଳ ହ୍ରାସ ପାଇବା ପରେ ମଧ୍ୟ ପ୍ରଭାବିତ ଅଞ୍ଚଳରେ ପଛୁଆ ବନ୍ୟାର ପ୍ରଭାବ ରହିଥିବାରୁ ଲୋକଙ୍କ ଆବଶ୍ୟକତା ଉପରେ ନଜର ରଖି ସହାୟତା ଜାରି ରଖିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି । ଏହି ସମୟରେ ରନ୍ଧା ଖାଦ୍ୟ ଓ ରିଲିଫ ସାମଗ୍ରୀ ପହଞ୍ଚିବାରୁ ବନ୍ୟାପୀଡ଼ିତ ପରିବାରଗୁଡ଼ିକ କିଛିଟା ଆଶ୍ୱସ୍ତ ହୋଇଥିବା ଜଣାପଡ଼ିଛି ।

# ବନ୍ୟାରେ ଧୋଇଗଲା ରାସ୍ତା, ଯାତ୍ରୀଙ୍କ ପାଇଁ ପାଲଟିଛି ମରଣଯନ୍ତା

କୋକସରା,(ସବ୍ୟୁ): କୋକସରା ବ୍ଲକ ଜାତୀୟ ରାଜପଥ ୨୬ କୋକସରା ପେଟ୍ରୋଲ ପମ୍ପ ଛକ ବଙ୍ଗୋମୁଣ୍ଡାରୁ ଟେମରା ଦେଇ ଖୁର୍ସେଲଗୁଡା, କୁଲେରଗୁଡା ଦେଇ ବିଜୁ ଏକ୍ସପ୍ରେସ ୱେ କୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣ ଯନ୍ତା ପାଲଟିଛି । ଗତ କିଛିଦିନ ତଳେ ହୋଇଥିବା ବନ୍ୟାରେ କୁଲେରଗୁଡା ନିକଟରେ ଥିବା ପୋଲ ନିକଟରେ ରାସ୍ତାର ଏକ ପାର୍ଶ୍ୱରେ ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଛି । ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଟିକିଏ ଅସାବଧାନ ହେଲେ ନିଶ୍ଚିତ ଦୁର୍ଘଟଣାର ଶିକାର ହେବେ । ତେବେ ବିଗତ ୨ ବର୍ଷ ତଳେ ଏହି ରାସ୍ତା ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ବେଳେ ସେହି ସମୟରେ ଠିକା ସଂସ୍ଥା ଅତି ନିମ୍ନମାନର କାର୍ଯ୍ୟ ସମ୍ପାଦନ କରିଥିବା ନେଇ ଅଭିଯୋଗ ହୋଇଥିଲା, କିନ୍ତୁ ବିଭାଗୀୟ ଅଧିକାରୀ ଠିକାସଂସ୍ଥାକୁ ଅନୁକମ୍ପା ଦେଖାଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଫଳ ସ୍ୱରୂପ ଆଜି ଏହି ରାସ୍ତା ବର୍ଷା ଧୋଇ ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରିଛି । ସୂଚନାଯୋଗ୍ୟ ଯେ ଏହି ରାସ୍ତା କୋକସରା ବ୍ଲକର ଏକ ପ୍ରମୁଖ ରାସ୍ତା ହୋଇଥିବା



ବେଳେ କୋକସରା ସଦର ମହକୁମାରୁ ୪/୫ ପଞ୍ଚାୟତକୁ ସଂଯୋଗ କରିବା ସହ ବିଜୁ ଏକ୍ସପ୍ରେସ ୱେ କୁ ସଂଯୋଗ କରୁଛି। ଏଣୁ ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡି ମୋଟର ଯାତାୟାତ କରୁଥିବା ବେଳେ ରାସ୍ତାରେ ସୃଷ୍ଟି ହୋଇଥିବା ବିରାଟକାୟ ଗର୍ତ୍ତ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ସହ କୌଣସି ବଡ଼ ଅଘଟଣ ପୂର୍ବରୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗୋତମୁଣ୍ଡା, ପୋଟେମରା ପଞ୍ଚାୟତର ଜନ ସାଧାରଣ ମାନେ ଦାବି କରିଛନ୍ତି । ଏନେଇ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ସାହୁଙ୍କ ପ୍ରତିକ୍ରିୟା ନେବାରୁ ଠିକାସଂସ୍ଥାକୁ କହି ଶୀଘ୍ର ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି ।

# ଦୁର୍ଗାପୂଜା ଓ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ପ୍ରସ୍ତୁତି ବୈଠକ



ଭବାନୀପାଟଣା,(ସବ୍ୟୁ): ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ୧୯.୧୦.୨୦୨୬ରିଖରେ ଅନୁଷ୍ଠିତ ହେବାକୁ ଥିବା ମାଆ ମାଣିକେଶରୀ ପବିତ୍ର ଛତ୍ରଯାତ୍ରା ସମ୍ପର୍କିତ ଏବଂ ଦଶହରା ପର୍ବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଡି ଏଫଓ ଉତ୍ତର ପ୍ରଭାକର ବର୍ମା,ଡି ଏଫ ଓ ଦକ୍ଷିଣ ଆର୍ କଲାଇଭାନନ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତାରା ଜସ୍ମିନ ଗୁଡ଼ିଆ,ଉପ ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷ୍ୟା ଅଗ୍ରୱାଲ,ଧନୁ ଗହୀର, କଳାହାଣ୍ଡି ରାଜାପ୍ରସାଦ ତରଫରୁ ଅଶୋକ ନେଗି , ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ,ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା , ସହରର ବୁଦ୍ଧିଜୀବି ପ୍ରମୁଖ ଉପସ୍ଥିତ ଥିଲେ । ମାଣିକେଶରୀ ମନ୍ଦିର ପକ୍ଷରୁ ଜାରି ସୂଚନା ଅନୁସାରେ ୧୯ ତାରିଖ ମା ମାଣିକେଶରୀଙ୍କ ପବିତ୍ର ଛତ୍ରଯାତ୍ରା ଜେନାଖାଲ ପୂଜାର୍ଚ୍ଚନା ସାରି ସକାଳ ୫ .୦୦ ଘଣ୍ଟା ସମୟରେ ମନ୍ଦିର ଅଭିମୁଖେ ଭକ୍ତମାନଙ୍କ ଗ୍ରହଣରେ ଯାତ୍ରା କରି ଦିବା ୧୧.୦୦ ଘ ରୁ ୧୧.୩୦ ମି ମଧ୍ୟରେ ମନ୍ଦିର ମଧ୍ୟରେ ପ୍ରବେଶ କରିବେ ।ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ଏଜେଣ୍ଡା ଅନୁଯାୟୀ ପ୍ରସ୍ତାବ ପାଠ କଲେ ଏବଂ ଗୃହ ରେ ସମସ୍ତଙ୍କ ସହମତିରେ ପ୍ରସ୍ତାବ ଗ୍ରହଣ କରାଗଲା । ମାଙ୍କ ଛତର ଯାତ୍ରାକୁ ଶାନ୍ତି ଶୃଙ୍ଖଳାସହ ସମାପନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ ଲୋଡିଥିଲେ । ମାଆଙ୍କ ଛତର ଯାତ୍ରା ରେ ରାଜାବାଟି ଦାରା ପୁରସ୍କୃତ ଘୁମୁରା ଦଳ ବ୍ୟତୀତ ପୋଲିସ ବିଭାଗ ଦାରା ଚିହ୍ନଟ ଅନ୍ୟ ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିବେ । ଦୁର୍ଗାପୂଜା କମିଟିର ପୂଜା ସ୍ଥାପନ ଓ ମେଢ଼ ବିସର୍ଜନ ପାଇଁ ଗାଇଡ ଲାଇନ ଅନୁଯାୟୀ ଚିହ୍ନଟ ପୁଷ୍କରିଣୀ ବ୍ୟବସ୍ଥା କରିବାକୁ ଉପ ଜିଲ୍ଲାପାଳ, ଭବାନୀପାଟଣା/ ଧର୍ମଗଡ ତଥା ଆଇନ ଶୃଙ୍ଖଳା ଓ ଛତ୍ର ଯାତ୍ରାକୁ ସୁରକ୍ଷିତ, ଜନସମାଗମ କୁ ନିୟନ୍ତ୍ରଣ,ବାଇପାସ ରାସ୍ତା, ସିସିଟିଭି, ସାଂସ୍କୃତିକ ଦଳ ଦ୍ୱାରା ତୀକ୍ଷଣ ଅସ୍ତ୍ରଶସ୍ତ୍ର ଧାରଣ, ସାଂସ୍କୃତିକ ଦଳର ପ୍ରବେଶ ପାଇଁ ପୃଥକ ଭାବେ ଆରକ୍ଷୀ ଅଧିକ୍ଷକ,କଳାହାଣ୍ଡିଙ୍କ ଦାରା ବୈଠକ ଆୟୋଜନ କରିବେ । ଶେଷରେ ଡେପୁଟୀ କଲେକ୍ଟର ଜୁଡ଼ିସିଆଲ ବିରୂପାକ୍ଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁପ୍ତେଶ୍ୱର କୀର୍ତ୍ତନ୍ୟ ମଣ୍ଡଳୀର ବୃନ୍ଦାବନ ଧାମ ଦର୍ଶନ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସଦର ବ୍ଲକ କୁଟୁମଡୋଳା ପଂଚାୟତ ଅର୍ନ୍ତଗତ ଗୁପ୍ତେଶ୍ୱର କୀର୍ତ୍ତନ ମଣ୍ଡଳୀ କୁଟୁମଡୋଳା (ତଳିପଡ଼ା )ଅଧୀନରେ ଗୁରୁ ଦିଲ୍ଲୀପ କୁମାର ପାଣ୍ଡିଆଙ୍କ ତତ୍ତ୍ୱାବଧାନରେ ସଂକୀର୍ତନ ମଣ୍ଡଳୀ ତଥା ସଂକୀର୍ତନ୍ୟ ପ୍ରେମୀ ୬୮ ଜଣ ଗତ ୧୯ତାରିଖରୁ ବୃନ୍ଦାବନ ଧାମ ଦର୍ଶନ ପାଇଁ ଯାତ୍ରା ଆରମ୍ଭ କରିଥିଲେ । ସେଠାରେ ସଂକୀର୍ତନ ମାଧ୍ୟମରେ ବୃନ୍ଦାବନ ପଞ୍ଚକୋଷି ପରିକ୍ରମା କରି ଶ୍ରୀ ରାଧାରାଣୀ ଏବଂ ବାଙ୍କବିହାରୀ ତଥା ବିଭିନ୍ନ ମନ୍ଦିର ଦର୍ଶନ କରି ପ୍ରଭୁକୃପା ଲାଭ କରିଥିଲେ । ସମସ୍ତଙ୍କ ମନରେ ଅତି ଆନନ୍ଦର ସହିତ ଭଗବାନଙ୍କ ଦର୍ଶନରେ ଆତ୍ମତୃପ୍ତି ଓ ଶାନ୍ତି ଅନୁଭବ କରି ଭକ୍ତିର ଜାଗ୍ରତ ହୋଇଥିଲା। ନାମ କୀର୍ତ୍ତନ ଓ ପରିକ୍ରମା ଶେଷ କରି ୨୭ତାରିଖରେ ଗାଁ କୁ ପ୍ରତ୍ୟାବର୍ତନ କରି ନିଜ ଗାଁରେ ନଗର ଭ୍ରମଣ କରି ଗୁପ୍ତେଶ୍ୱର ଶିବ ମନ୍ଦିର ତଥା ଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ ବୋଲି ଦେବାଶିଷ ପାଣ୍ଡିଆ ସୂଚନା ଦେଇଛନ୍ତି ।

# ବେଟି ବଚାଓ ବେଟି ପଢ଼ାଓ ଯୋଜନାରେ ଯୁବ ସମ୍ମିଳନୀ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ବେଟି ବଚାଓ ବେଟି ପଢ଼ାଓ ଯୋଜନା ଅନ୍ତର୍ଗତ ବ୍ଲକସ୍ତରୀୟ ଯୁବ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ ଶିଶୁ ବିକାଶ ବିଭାଗ ଅଧିକାରିଣୀ ସୁଶ୍ରୀ ପୂର୍ଣ୍ଣିମା ବୈଠାରୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟାପକ ଗୁଣସାଗର ମେହେର, ସୋମେଶ ଦତ୍ତ ହୋତା, ଘନଶ୍ୟାମ ଖମାରୀ, ଭିଙ୍ଗରାଜ ରଣା ଓ ବିକ୍ରମ ତାଣ୍ଡି ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମରେ ବାଳିକା ଶିକ୍ଷା, ମହିଳା ସଶକ୍ତିକରଣ, ମହିଳାଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବେଟି ବଚାଓ ବେଟି ପଢ଼ାଓ ଯୋଜନାର ଉଦ୍ଦେଶ୍ୟ ଏବଂ ସମାଜରେ ଝିଅମାନଙ୍କ ଶିକ୍ଷା ଓ ସୁରକ୍ଷାର ଗୁରୁତ୍ୱ ଉପରେ ଅତିଥିମାନେ ନିଜ ମତାମତ ପ୍ରଦାନ କରିଥିଲେ । ଏହି ଅବସରରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ଛନ୍ଦାଚରଣ ଖୁଣ୍ଟିଆଙ୍କ ଦ୍ୱାରା ଉପସ୍ଥିତ ଛାତ୍ରଛାତ୍ରୀମାନେ ବେଟି ବଚାଓ ବେଟି ପଢ଼ାଓ ସମ୍ପର୍କିତ ଶପଥ ଗ୍ରହଣ କରିଥିଲେ । ଯୁବ ସମ୍ମିଳନୀକୁ ଅଧିକ ଆକର୍ଷଣୀୟ ଓ ସଚେତନତାମୂଳକ କରିବା ପାଇଁ ଷ୍ଟ୍ରିଟ ଥିଏଟର, ବିତର୍କ ପ୍ରତିଯୋଗିତା, କୁଇଜ ପ୍ରତିଯୋଗିତା ଏବଂ ପୋଷ୍ଟର ମେକିଂ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାଗୁଡ଼ିକରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସଭା ପରିଚାଳନା କରିଥିଲେ ଅର୍ଥନୀତି ବିଭାଗର ଅଧ୍ୟାପକ ପ୍ରେମଚାନ୍ଦ ତାଣ୍ଡି ।

# କମୁଛି ହୀରାକୁଦର ଜଳସ୍ତର, ୧୧ଟି ଗେଟ୍ ବନ୍ଦ

ସମ୍ବଲପୁର, (ସବ୍ୟୁ): ମହାନଦୀର ଉପରମୁଣ୍ଡରେ ବର୍ଷା ପରିମାଣ କମିବା ଓ ଜଳଭଣ୍ଡାରକୁ ପୂର୍ବାପେକ୍ଷା କମ୍ ଜଳ ପ୍ରବେଶ କରୁଥିବାରୁ ହୀରାକୁଦର ଜଳସ୍ତର କମିବାରେ ଲାଗିଛି । ଏହାକୁ ନଜରରେ ରଖି ଖୋଲା ଯାଇଥିବା ୩୦ଟି ଗେଟ୍‌ରୁ ୧୧ଟିକୁ ବନ୍ଦ କରି ଦିଆଯାଇଛି । ବାକି ୧୯ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ବାମପଟୁ ୧୩ଟି ଓ ଡାହାଣ ପଟୁ ୬ଟି ଗେଟ୍ ଖୋଲା ରହିଛି । ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୯.୬୭ଫୁଟ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୪ଲକ୍ଷ ୩ହଜାର ୪୯୫ଘନଫୁଟ ଜଳ ପ୍ରବେଶ କରୁଛି । ଅନ୍ୟପଟେ ୩ଲକ୍ଷ ୪୯ହଜାର୨୮୦ଘନଫୁଟ ଜଳ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ୩ଲକ୍ଷ୧୧ହଜାର୬୮୮ ସ୍ପିଲୱେ, ୩୨ହଜାର ୯୨୭ପାୱାର ଚେନାଲ, ୪ହଜାର ୨୬୬କେନାଲ ଓ ୨୨୧ ଘନଫୁଟ୍ ଜଳ କଳକାରଖାନାକୁ ଛଡା ଯାଉଛି । ଗେଟ୍ ଖୋଲା ଥିବାବେଳେ ମହାନଦୀର ବେଲଗାଁରେ ୩୨ହଜାର୨୦୦, ପର୍ଥଲାରେ ୭୨ହଜାର ୪୬୦, ଖଇରମାଲରେ ୫ଲକ୍ଷ ୯୦ହଜାର, ବାରମୂଳରେ ୬ଲକ୍ଷ ୨ହଜାର ଓ ମୁଣ୍ଡୁଳିରେ ୭ଲକ୍ଷ ୫୪ହଜାର ୩୮୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ହୀରାକୁଦ ଡ୍ୟାମର ଉପରମୁଣ୍ଡରେ ଗତ ୨୪ଘଣ୍ଟା ମଧ୍ୟରେ ୦.୦୬ମିମି ଓ ତଳମୁଣ୍ଡରେ ଆଦୌ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ତେବେ ଡ୍ୟାମର ଜଳସ୍ତର କମିଲେ ଖୋଲା ଯାଇଥିବା ଗେଟ୍ ଗୁଡିକୁ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ ବୋଲି ହୀରାକୁଦ ଡ୍ୟାମର ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି।

# ପ୍ଲାଟଫର୍ମରୁ ଗଞ୍ଜେଇ ଜବତ, ଜଣେ ଗିରଫ

ଟିଟିଲାଗଡ଼,(ସବ୍ୟୁ): ପ୍ଲାଟଫର୍ମ ଭିତରେ ଜିଆରପି ଅଧିକାରୀ ସନ୍ତୋଷିନୀ ମହନ୍ତ ନିଜ ଷ୍ଟାପ ମାନଙ୍କ ସ୍ପେଶାଲ ଡ୍ରାଇଭ ତଥା ପାଟ୍ରୋଲିଂ କରୁଥିବା ସମୟରେ ରେଲୱେ ଷ୍ଟେସନର ୫ ନମ୍ବର ପ୍ଲାଟଫର୍ମ ରେ ଜଣେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ବେଳେ ଜିଆରପି ପୋଲିସ କୁ ଦେଖି କେସିଙ୍ଗା ପଟୁ ପ୍ଲାଟଫର୍ମ ଆଡକୁ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଜିଆରପି ପୋଲିସ ଉକ୍ତ ବ୍ୟକ୍ତିକୁ ଗୋଡ଼ାଇ ଧରିବା ସହ ପଚରା ଉଚରା କରିବାରୁ କୌଣସି ସନ୍ଦେହଜନକ ଉତ୍ତର ଦେଇ ନ ପାରିନଥିଲେ । ପୋଲିସ ସନ୍ଦେହ କରି ବ୍ୟାଗ ଖୋଲିବାରୁ ୭ କେଜି ୧୦୦ ଗ୍ରାମ ଗଂଜେଇ ରହିଥିବା ଦେଖିବାକୁ ପାଇଥିଲା । ଏନେଇ ସମ୍ପୃକ୍ତ ବ୍ୟକ୍ତି କ୍ଷିରାପଦୀ ଚନ୍ଦ୍ର ନାୟକ(୪୬) ଗ୍ରାମ ଭେଜି ପଦର ଥାନା ଜୁନାଗଡ଼, କଳାହାଣ୍ଡିର ବୋଲି ପରିଚୟ ମିଳିଛି । ପାସେଞ୍ଜର ଟ୍ରେନରେ ଉକ୍ତ ବ୍ୟକ୍ତି ଗଂଜେଇ ନେଇ ଜୁନାଗଡ଼ରୁ ରାୟପୁରକୁ ଚାଲାଣ କରୁଥିବା ସୂଚନା ମିଳିଛି । ସମ୍ପୃକ୍ତ ବ୍ୟକ୍ତିକୁ ଜିଆରପି ପୋଲିସ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି ।

# ସମ୍ବଲପୁର ଷ୍ଟେସନରୁ ଗଞ୍ଜେଇ ଜବତ, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ରେଳ ଷ୍ଟେସନର ୧ନମ୍ବର ପ୍ଲାଟଫର୍ମରୁ ଜିଆରପି ପୋଲିସ ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବିହାର ଭୋଜପୁର ଜିଲ୍ଲା ନୱାଦା ଥାନା ଚାନ୍ଦୱା ଗ୍ରାମର କୃଷ୍ଣକାନ୍ତ ଓଝା ବୋଲି ଜଣାପଡିଛି । ତାଙ୍କ ନିକଟରୁ ୯.୭୨୦କିଗ୍ରା ଗଞ୍ଜେଇ ଜବତ ହୋଇଛି । ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣକ ବୌଦ୍ଧରୁ ଗଞ୍ଜେଇ କିଣି ଟ୍ରେନ ଯୋଗେ ବିହାରକୁ ନେବା ପାଇଁ ସମ୍ବଲପୁର ରେଳ ଷ୍ଟେସନରେ ଜଗି ରହିଥିବା ବେଳେ ଜିଆରପି ପୋଲିସ ହାତରେ ଧରାପଡିଛି । ଏନେଇ ୧୩୯/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ଅଙ୍ଗନବାଡି କେନ୍ଦ୍ରରେ ଆଙ୍ଗନ କା ଉତ୍ସବ ଉଦଯାପିତ

ମ.ରାମପୁର,(ସବ୍ୟୁ) : କଳାହାଣ୍ଡି ଜିଲ୍ଲା ମ.ରାମପୁର ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ ଉଦଯାପିତ ହୋଇ ଯାଇଛି । ସିଡିପିଓ ବିଜୟଶ୍ରୀ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ଦିବସରେ ପୋଷଣ ପିଠା ପରିବାର ସଦସ୍ୟଙ୍କ ଦ୍ୱାରା ପ୍ରଦର୍ଶନ, ସ୍ଥାନୀୟ ଭାବରେ ଉପଲବ୍ଧ ଖାଦ୍ୟ ସାମଗ୍ରୀରେ ପ୍ରସ୍ତୁତ ପିତା ମାନଙ୍କର (ରାନ୍ଧଣ) ପ୍ରତିଯୋଗିତା, ଦ୍ୱିତୀୟ ଦିବସରେ ଶିଶୁ ମାନଙ୍କ ନିମନ୍ତେ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ଖେଳ, ଚିତ୍ରାଙ୍କନ, ଜେଜେମା ଜେଜେବାପାଙ୍କ ଦ୍ୱାରା ଗଳ୍ପ କଥନ, ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ଅଧ୍ୟୟନ ସାମଗ୍ରୀ(ଆମ କୁନି ପିଲା, ମୋ ବିକାଶ ପତ୍ର ଓ ସୁଖଦ ଲାଳନ ପାଳନ, ଖେଳନା ର ପ୍ରଦର୍ଶନ ବା ବ୍ୟବହାର, ଶିଶୁ ମାନଙ୍କୁ ଫଳ, ଲସି ଓ ମାଣ୍ଡିଆ ବିସ୍କୁଟ ବଣ୍ଟନ କାର୍ଯ୍ୟକ୍ରମ ହୋଇ ଥିବା ବେଳେ ଉଦଯାପନୀ ଦିବସରେ ମହିଳା ଓ ଶିଶୁ ମାନଙ୍କ ପାଇଁ କଲ୍ୟାଣ ଯୋଜନା ସଂପର୍କରେ ଆଲୋଚନା, ପୋଷଣ, ସୁଭଦ୍ରା, ମମତା, ଅଦ୍ଵବିକା ଯୋଜନା ସମ୍ପର୍କରେ ଭିଡିଓ ପ୍ରଦର୍ଶନ ଓ ଲାଭାର୍ଥୀ ଙ୍କ ସହ ଆଲୋଚନା, ପ୍ରତିଯୋଗିତା ର କୃତୀ ଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିବା ବେଳେ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଅଙ୍ଗନବାଡି ସହାୟିକାଙ୍କୁ ସମ୍ବର୍ଦ୍ଧନା ସହ ତ୍ରିରଙ୍ଗା ପ୍ଲେଟ ଶୁଭମୁକ୍ତି ହୋଇ ଥିଲା ଏହି କାର୍ଯ୍ୟକ୍ରମରେ ପିତାମାତା, କିଶୋରୀ ଝିଅ,ଗର୍ଭବତୀ ମହିଳା,ପରିବାର ସଦସ୍ୟ ଏବଂ ଏ ଏମ ସି ସଦସ୍ୟ ମାନେ ସାମିଲ ରହିଥିଲେ । ପ୍ରତି କେନ୍ଦ୍ରର ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମହିଳା ପରିଦର୍ଶିକା ମାର୍ଗ ଦର୍ଶନ କରିଥିଲେ ।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣା ରୋକିବାକୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ



ଝାରସୁଗୁଡ଼ା,(ସବ୍ୟୁ) : ଜିଲ୍ଲାରେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣା ନିୟନ୍ତ୍ରଣ ତଥା ଶୂନ ଦୁର୍ଘଟଣା ଜନିତ ମୃତ୍ୟୁ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ତଥା ଜିଲ୍ଲା ହାଇୱେ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଏସପି ଜି. ଆର୍. ରାଘବେନ୍ଦ୍ର ମିଳିତ ଭାବେ ଅଧ୍ୟକ୍ଷତା କରି ଜିଲ୍ଲାରେ ଟ୍ରାଫିକ ବ୍ୟବସ୍ଥା ଓ ସଡ଼କ ସୁରକ୍ଷା ନିୟମାବଳୀର କଡ଼ାକଡ଼ି ଅନୁପାଳନ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି । ଆଞ୍ଚଳିକ ପରିବହନ ଅଧିକାରୀ ଗୌରହରି ହାଁସଦା ବୈଠକ ପରିଚାଳନା କରିବା ସହ ଜିଲ୍ଲାର ଦୁର୍ଘଟଣା ସ୍ଥିତି, ଏନଫୋର୍ସମେଣ୍ଟ କାର୍ଯ୍ୟକଳାପ ତଥା ଗତ ମାସ ଗୁଡ଼ିକର ତଥ୍ୟ ଉପସ୍ଥାପନ କରିଥିଲେ ।

ବୈଠକରେ ଜିଲ୍ଲାପାଳ ସଡ଼କ କଡ଼ରେ ହେଉଥିବା ବେଆଇନ ଗାଡ଼ି ପାର୍କିଂ ଉପରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ରାସ୍ତାର ଧାରରୁ ଅତିକମରେ ୧୦ ଫୁଟ ଦୂରରେ ଭାରୀ ଯାନଗୁଡ଼ିକୁ ପାର୍କିଂ କରିବା ସୁନିଶ୍ଚିତ କରିବା ପାଇଁ ଟ୍ରକ ମାଲିକ ସଂଘକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ଭବିଷ୍ୟତରେ ରାସ୍ତା କଡ଼ ପାର୍କିଂ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଖେରୁଆଲ ବ୍ରିଜ ନିକଟରେ ଟ୍ରକ ଟର୍ମିନାଲ ନିର୍ମାଣ ନିମନ୍ତେ ଜମି ଚିହ୍ନଟ କରିବାକୁ ଉପ-ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି । ଜାତୀୟ ରାଜପଥ -୪୯ କଡ଼ରେ ଥିବା ବେଆଇନ ଢାବା, ଗ୍ୟାରେଜ ଏବଂ ଅନଧିକୃତ ଜବରଦଖଲ ଉଚ୍ଛେଦ ପାଇଁ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏନଏଚଏଆଇ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ଅଞ୍ଚଳରେ ଚିହ୍ନଟ ହୋଇଥିବା ପ୍ରାୟ ୨୪୦ଟି ସ୍ଥାନରୁ ବେଆଇନ ନିର୍ମାଣ ହଟାଇବା ସହ ବଡମାଲରୁ ଖେରୁଆଲ ବ୍ରିଜ ମଧ୍ୟରେ ଥିବା ସମସ୍ତ ଅବରୋଧ ଉଚ୍ଛେଦ ପାଇଁ କୁହାଯାଇଛି । ବୈଠକରେ ଏନଏଚଏଆଇ କର୍ତ୍ତୃପକ୍ଷଙ୍କୁ ରାଜପଥ କଡ଼ରୁ କାଦୁଅ, ଘାସ ଓ ଅନାବନା ଗଛଲତା ସଫା କରିବା ସହ ରାସ୍ତାର ଦବିଯାଇଥିବା ମାଟିର ମରାମତି ଏବଂ ଜଳବନ୍ଦୀ ସମସ୍ୟାର ତୁରନ୍ତ ସମାଧାନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ପାଣ୍ଡ୍ରିପଥର ଟ୍ରକ ଟର୍ମିନାଲର ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହାର ଆପ୍ରୋଚ ରୋଡ ନିର୍ମାଣ ଅସମ୍ପୂର୍ଣ୍ଣ ରହିଥିବାରୁ, ଉକ୍ତ ରାସ୍ତା କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରି ଟର୍ମିନାଲକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ଆରକ୍ଷୀ ଅଧୀକ୍ଷକ ଜି. ଆର୍. ରାଘବେନ୍ଦ୍ର ଦୁର୍ଘଟଣା ରୋକିବା ଏବଂ ଜୀବନ ରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି । ବିଶେଷ କରି ଭୁଲ ଦିଗରେ ଗାଡ଼ି ଚାଳନା କରୁଥିବା ଅମାନିଆଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ମୋଟା ଅଙ୍କର ଜୋରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦୁର୍ଘଟଣା ସମୟରେ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବା ଏବଂ ଜୀବନ ବଞ୍ଚାଇବା ପାଇଁ ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକରେ ଅଧିକ ସଂଖ୍ୟକ ଆମ୍ବୁଲାନ୍ସ (୧୦୮/୧୧୨) ମୁତୟନ କରିବା ଓ ସଚେତନତା ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଏହାସହ ଫ୍ଲାଏ-ଆଶ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଉପରେ ନଜର ରଖିବା ପାଇଁ ଗଠିତ ୨୪ ଘଣ୍ଟିଆ 'ଫ୍ଲାଏ ଆଶ ଟାସ୍କଫୋର୍ସ'କୁ ଅଧିକ ସକ୍ରିୟ କରିବା ଏବଂ କୌଣସି ଗାଡ଼ି ଯେପରି ରାସ୍ତା ମଝିରେ ନ ଅଟକେ ତାହା ନିଶ୍ଚିତ କରିବାକୁ କୁହାଯାଇଛି । ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ କରି ସେଠାରେ ଉପଯୁକ୍ତ ସାଇନେଜ, ରମ୍ବଲ ଷ୍ଟ୍ରିପ୍ସ ଏବଂ ସ୍କୁଲ/କଲେଜ ଛକଗୁଡ଼ିକରେ ତୁରନ୍ତ ହାଇମାଷ୍ଟ ଲାଇଟ ଲଗାଇବା ପାଇଁ ଏନଏଚଏଆଇକୁ ନିର୍ଦ୍ଦେଶ ଦିଆଯାଇଛି । ଭାରୀ ଯାନଗୁଡ଼ିକ ରାସ୍ତାରେ ଖରାପ ହୋଇ ଠିଆ ହେଲେ ରାତ୍ରିକାଳୀନ ଦୁର୍ଘଟଣା ରୋକିବା ପାଇଁ ପ୍ରତ୍ୟେକ ଟ୍ରକରେ ଅତିକମରେ ୩ଟି ଲେଖାଏଁ ରିଫ୍ଲେକ୍ଟିଭ ଟ୍ରାଫିକ କୋନ ରଖିବାକୁ ଟ୍ରକ ସଂଘକୁ ବାଧ୍ୟତାମୂଳକ କରାଯାଇଛି । ବୈଠକରେ ଅତିରିକ୍ତ ଉପ-ଜିଲ୍ଲାପାଳ ଭିକ୍ଟୋରିଆ ଏକ୍କା, ଅତିରିକ୍ତ ଜିଲ୍ଲା ପରିବହନ ଅଧିକାରୀ ତପନ ବିଶ୍ୱାଳ, ଏଲ ଆଣ୍ଡ ଟି ପ୍ରତିନିଧି, ଏନଏଚଏଆଇ ଅଧିକାରୀ, ସିଡିଏମଓ, ପୂର୍ତ୍ତ ବିଭାଗ ଅଧିକାରୀ ଏବଂ ଜିଲ୍ଲା ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ନିଜ ନିଜ ମତାମତ ଉପସ୍ଥାପନ କରିଥିଲେ ।

# ଶିଶୁ ସୁରକ୍ଷା ପାଇଁ ନୂଆ ସଂକଳ୍ପ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ପରିଷଦ ସଭାଗୃହରେ ଆଦର୍ଶ ଓ ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ସିଡିଓ ପ୍ରସନ୍ନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଆଦର୍ଶର ସମ୍ପାଦକ ପ୍ରଦୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସଭାରେ ଶିଶୁ ଅଧିକାରକୁ ପଞ୍ଚାୟତସ୍ତରୀୟ ବିକାଶର ଏକ ଅବିଚ୍ଛିନ୍ନ ଅଂଶ ଭାବେ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଶିଶୁଙ୍କ ସୁରକ୍ଷା ଓ ଶିକ୍ଷା ସୁନିଶ୍ଚିତ ହେଲେ ହିଁ ଏକ ସୁସ୍ଥ ଓ ସମାନତାଭିତ୍ତିକ ସମାଜ ଗଠନ ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆସନ୍ତା ଗାନ୍ଧୀ ଜୟନ୍ତୀରେ ପ୍ରତି ପଞ୍ଚାୟତରେ ବାଲ୍ୟବିବାହ ଓ ଶିଶୁ ଶ୍ରମ ବିରୋଧରେ ସାମୂହିକ ଶପଥ ପାଠ କରାଯିବା ନେଇ ସହମତି ହୋଇଥିଲା । ଏଥିସହ ଶିଶୁ ଚାଲାଣ, ନିର୍ଯାତନା, ଶୋଷଣ ଆଦିରୁ ଶିଶୁଙ୍କୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ସାମୂହିକ ପ୍ରତିବଦ୍ଧତା ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଏଡ୍ ଏଟ୍ ଆକ୍ସନର ସୁନିତା ତ୍ରିପାଠୀ, ଓଡ଼ିଶା ଜୀବିକା ମିଶନର ଡିପିଏମ୍ ସଞ୍ଜୟ ମହାପାତ୍ର, ଜିଲ୍ଲା ପରିଷଦ ପିଏମ୍ ବିକାଶ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ଏଥିରେ ସରପଞ୍ଚ ସୁଷମା ସାହୁ, ମମତା ପ୍ରଧାନ, ସରସ୍ୱତୀ ଭୁସାଗର, ଗୀତାଞ୍ଜଳି ଦେହୁରୀ, ସଞ୍ଜୀବ ପୁଝାରୀ, କନକ ସାହୁ, ସରିତା ନାଥ, ଖୁଲଣା ବେହେରା, ରିତାଞ୍ଜଳି ନାଏକ, ଆଭାର ବ୍ଲକ ସଂଯୋଜକ ମିନତୀ ନାଗ, ସିଡବ୍ଲୁ୍ୟସି ସଦସଯ ଜ୍ୟୋତି ଶତପଥୀ, ଦିଲ୍ଲୀପ ମୁଖୀ, ଡିସିପିଓ ୟୁନିଟର ବିଶ୍ୱଜିତ ସାହୁଙ୍କ ସମେତ ସିଆରପି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ବରିଷ୍ଠ ନାଗରିକ ପରିଷଦର ସଦସ୍ୟମାନେ ଯୋଗଦେଇ ଶିଶୁ ଅଧିକାର ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଏକ ପୋଷ୍ଟରକୁ ଲୋକାର୍ପଣ କରାଯାଇଥିଲା। ଶେଷରେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ଡା. ରାଜାରାମ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛରେ ପିଟି ହୋଇ ଓଲଟିଲା ପିକଅପ୍

କୋକସରା,(ସବ୍ୟୁ): ଜାତୀୟ ରାଜପଥ ୨୬ କୋକସରା କାଉଡୋଳା ରାସ୍ତା ମଝିରେ ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣା ଘଟିଛି । କାଉଡୋଳା ନିକଟ ଏକ ବୁଲାଣିରେ ମାଲ ବୋଝେଇ ପିକଅପ ଗାଡ଼ି ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ରାସ୍ତାକଡ଼ରେ ଓଲଟି ପଡ଼ିଛି । ତେବେ ଏହି ଦୁର୍ଘଟଣାରେ ଗାଡ଼ିରେ ଥିବା ଡ୍ରାଇଭରଙ୍କ ସମେତ ୪ ଜଣ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଛତିଶଗଡ଼ରୁ ମୀନାବଜାର ସାମଗ୍ରୀ ନେଇ ଦାମନଯୋଡ଼ି ଅଭିମୁଖେ ଯାଉଥିବା ସିଜି ୦୪ ପି ଏଚ ୮୭୪୯ ନମ୍ବରର ଏକ ପିକଅପ ଗାଡ଼ିରେ ଡ୍ରାଇଭରଙ୍କ ସମେତ ମୋଟ ୪ ଜଣ ଯାତ୍ରା କରୁଥିଲେ। ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ କାଉଡୋଳା ନିକଟରେ ଥିବା ଏକ ବୁଲାଣିରେ ହଠାତ୍ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇ ଓଲଟି ପଡ଼ିଥିଲା।

ସୂଚନାଯୋଗ୍ୟ ଯେ ,ଏହାର ମାତ୍ର କିଛି ଘଣ୍ଟା ପୂର୍ବରୁ କୋକସରା ଶିବ ମନ୍ଦିର ଛକ ନିକଟରେ ଟ୍ରକ ଓ ପିକଅପ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ପିକଅପ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା । ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟୁଥିବା ବେଳେ ଅକାଳରେ ଅନେକ ଜୀବନ ଯାଉଛି। ଏଥିପ୍ରତି ସ୍ଥାନୀୟ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି ସହ ଦ୍ରୁତ ଗତିରେ ଚଳାଚଳ କରୁଥିବା ଗାଡି ଉପରେ ଜରିମାନା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜନ ସାଧାରଣରେ ଦାବି ହେଉଛି ।

# ସ୍ୱାସ୍ଥ୍ୟସେବା, ଉଚ୍ଚଶିକ୍ଷାର ଭିତ୍ତିଭୂମି ବିକାଶ ନେଇ କଳିକେଶଙ୍କ ଲିଖିତ ପ୍ରଶ୍ନ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲାର ସ୍ୱାସ୍ଥ୍ୟସେବା ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ସମ୍ପର୍କିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଧାନସଭାରେ ଉଠାଇଛନ୍ତି ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ । ତାଙ୍କ ପ୍ରଶ୍ନର ଉତ୍ତରରେ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନୁମୋଦିତ ଅର୍ଥ ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମ୍ପର୍କରେ ତଥ୍ୟ ରଖିଛନ୍ତି ।

୨୮ ସେପ୍ଟେମ୍ବର ୨୦୨୬ର ଅଣତାରକା ପ୍ରଶ୍ନରେ ବିଧକ ଶ୍ରୀ ସିଂହଦେଓ ୨୦୨୬-୨୭ ବର୍ଷରେ ବଲାଙ୍ଗିର ଜିଲ୍ଲାରେ ଔଷଧ, ଉପଯୋଗୀ ସାମଗ୍ରୀ ଓ ଚିକିତ୍ସା ଉପକରଣ କ୍ରୟ ପାଇଁ ନିରାମୟ ଓ ରାଜ୍ୟ ବଜେଟର ଅର୍ଥ ବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉତ୍ତର ଅନୁଯାୟୀ, ବଲାଙ୍ଗିର ଜିଲ୍ଲା ପାଇଁ ମୋଟ ୪,୩୭,୪୧,୨୫୭ ଟଙ୍କା ଅନୁମୋଦନ କରାଯାଇଛି । ତେବେ ନିରାମୟ ଯୋଜନାର ଅର୍ଥ ଜିଲ୍ଲାୱାରୀ ନୁହେଁ, ସମଗ୍ର ରାଜ୍ୟ ପାଇଁ ଅନୁମୋଦିତ ହୋଇଥିବା ମନ୍ତ୍ରୀ କହିଛନ୍ତି । ସରକାରଙ୍କ ଉତ୍ତରରେ ଆହୁରି କୁହାଯାଇଛି ଯେ, ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଏବଂ ପିଏଚସି/ସିଏଚସି ଗୁଡ଼ିକରେ ଆବଶ୍ୟକୀୟ ଔଷଧ, ଚିକିତ୍ସା ଉପକରଣ କିମ୍ବା ଅନ୍ୟାନ୍ୟ ଜରୁରୀ ସାମଗ୍ରୀର ଅଭାବ



ସମ୍ପର୍କରେ କୌଣସି ରିପୋର୍ଟ ମିଳିନାହିଁ । ସରକାରୀ ସ୍ତରରେ ଔଷଧ ଯୋଗାଣରେ ବ୍ୟତିକ୍ରମ ହେଲେ, ଅନୁମୋଦିତ ଟେଣ୍ଡର ଦରରେ ସ୍ଥାନୀୟ ଭାବେ ଔଷଧ କ୍ରୟ କରାଯାଉଥିବା ଏବଂ ଷ୍ଟକରେ ସମୟୋଚିତ ପୁନଃପୂରଣ ପାଇଁ ପଦକ୍ଷେପ ନିଆଯାଉଥିବା ଉତ୍ତରରେ ଦର୍ଶାଯାଇଛି ।

ସେହିପରି ୨୫ ସେପ୍ଟେମ୍ବର ୨୦୨୬ରେ କଳିକେଶ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସମ୍ପୂର୍ଣ୍ଣ କ୍ୟାମ୍ପସ ପାଇଁ ଆବଶ୍ୟକ ଜମି, ଏପର୍ଯ୍ୟନ୍ତ ଉପଲବ୍ଧ ଜମି ଏବଂ ଭବିଷ୍ୟତ ଜମି ବ୍ୟବସ୍ଥା ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଠାରୁ ତଥ୍ୟ ମାଗିଥିଲେ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉତ୍ତର ଅନୁଯାୟୀ, ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୨୦୨୦ ମସିହାରେ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇଥିଲା । ଉନ୍ନୀତ ସମୟରେ କୌଣସି ମାଷ୍ଟର ପ୍ଲାନ କିମ୍ବା ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହୋଇନଥିବା ମନ୍ତ୍ରୀ ଉତ୍ତରରେ କହିଛନ୍ତି । ବର୍ତ୍ତମାନ ୫୦.୪୩୭ ଏକର ଜମି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗିର ନାମରେ ରେକର୍ଡଭୁକ୍ତ ଥିବା ଜଣାପଡ଼ିଛି । ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଆଧାରରେ ଭିତ୍ତିଭୂମି ବିକାଶ ପାଇଁ ଆଗାମୀ ଆବଶ୍ୟକ ପଦକ୍ଷେପ ଉଚ୍ଚଶିକ୍ଷା ବିଭାଗ ନେବ ବୋଲି ମନ୍ତ୍ରୀ ଉତ୍ତର ଦେଇଛନ୍ତି । ବଲାଙ୍ଗିରର ସ୍ୱାସ୍ଥ୍ୟସେବା ଓ ଉଚ୍ଚଶିକ୍ଷାର ଭିତ୍ତିଭୂମି ସମ୍ପର୍କିତ ଏହି ଦୁଇ ପ୍ରଶ୍ନ ମାଧ୍ୟମରେ ଜିଲ୍ଲାର ଆବଶ୍ୟକତା ଓ ବିକାଶ ସମ୍ପର୍କିତ ବିଷୟ ବିଧାନସଭାର ରେକର୍ଡରେ ସ୍ଥାନ ପାଇଛି ।

## ରାୟଗଡ଼ା ଉପାଧ୍ୟକ୍ଷ ଉପନିର୍ବାଚନ

# ଶୁଭ୍ରା ଗଲେ ଶ୍ରମିତା ଆସିଲେ



ରାୟଗଡ଼ା,(ସବ୍ୟୁ) : ରାୟଗଡ଼ା ପୌରପରିଷଦ ଉପାଧ୍ୟକ୍ଷ ପଦର ଉପନିର୍ବାଚନକୁ ନେଇ ମଙ୍ଗଳବାର ଜିଲ୍ଲା ରାଜନୀତିରେ ନୂଆ ସମୀକରଣ ସାମ୍ନାକୁ ଆସିଛି । ଶଙ୍ଖ ଚିହ୍ନରେ ନାମାଙ୍କନ ଦାଖଲ କରିଥିବା ଶ୍ରମିତା ପାଢ଼ୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଉପାଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି । ତେବେ ତାଙ୍କ ବିଜୟ ପରେ ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଉତ୍ସବ ପାଳନ ଏବଂ ଶ୍ରମିତା ନିଜ ବିଜୟର ଶ୍ରେୟ ମଞ୍ଚକୁ ଦେବା ଘଟଣା ଚର୍ଚ୍ଚାକୁ ଆହୁରି ତୀବ୍ର କରିଛି ।

ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ନିର୍ବାଚନ ଅଧିକାରୀ ତଥା ରାୟଗଡ଼ା ତହସିଲଦାର ପ୍ରୀୟଦର୍ଶନୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ଶ୍ରମିତାଙ୍କ ସମେତ ୧୯ ଜଣ କାଉନସିଲର ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜୁ ସ୍ୱାଭିମାନ ମଞ୍ଚର ଆବାହକ ଏନ. ଭାସ୍କର ରାଓଙ୍କ ବାସଭବନରେ ପହଞ୍ଚିଥିଲେ। ପରେ ସମସ୍ତେ ପୌରପରିଷଦ କାର୍ଯ୍ୟାଳୟକୁ ଯାଇଥିଲେ। ନିର୍ଦ୍ଧାରିତ ସମୟ ଅନୁସାରେ ପୂର୍ବାହ୍ନ ୧୦ଟା ୩୦ରୁ ୧୧ଟା ମଧ୍ୟରେ ନାମାଙ୍କନ ଦାଖଲ ହୋଇଥିଲା । ୧୪ ନମ୍ବର ୱାର୍ଡର କାଉନସିଲର ମମିତା ପାଲକୋଣ୍ଡାଙ୍କ ପ୍ରସ୍ତାବ ଏବଂ ୧୧ ନମ୍ବର ୱାର୍ଡର କାଉନସିଲର ସରୋଜିନୀ ଖୋସଲାଙ୍କ ସମର୍ଥନରେ ଶ୍ରମିତା ପାଢ଼ୀ ନାମାଙ୍କନ ଦାଖଲ କରିଥିଲେ । ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ ନକରିବାରୁ ଭୋଟଗ୍ରହଣର ଆବଶ୍ୟକତା ପଡ଼ିନଥିଲା। ଅପରାହ୍ନ ୧ଟାରେ ତାଙ୍କୁ ଉପାଧ୍ୟକ୍ଷା ଭାବେ ନିର୍ବାଚିତ ଘୋଷଣା କରାଯାଇଥିଲା । ଏହାପରେ ପୌରପରିଷଦ ପରିସରରେ ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଉତ୍ସବ ପାଳନ ହୋଇଥିଲା । ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଅମିୟ ସ୍ୱାଇଁ, ବିନାୟକ କର, ବାନାଗାଡ଼ି ତ୍ରିପତି ଓ ଏନ. ଆଦିତ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ବିଜୟର ଶ୍ରେୟ ସମ୍ପର୍କରେ ପଚରାଯିବାରେ ଶ୍ରମିତା ମଞ୍ଚକୁ ଶ୍ରେୟ ଦେଇଥିଲେ । ଏହି ଘଟଣାର ପୃଷ୍ଠଭୂମିରେ ରହିଛି ପୂର୍ବତନ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ । ଅନାସ୍ଥା କାଏମ ରହିବା ପରେ ପଦଟି ଖାଲି ହୋଇଥିଲା। ଭାସ୍କର ରାଓଙ୍କ କହିବା ଅନୁସାରେ, ୨୦୨୫ରୁ ଏହି ରାଜନୈତିକ ପ୍ରକ୍ରିୟା ଚାଲିଆସୁଛି । ପୌରପରିଷଦର ୨୧ ଜଣ ବିଜେଡି କାଉନସିଲରଙ୍କ ମଧ୍ୟରେ ଘଟିଥିବା ଘଟଣାକ୍ରମ ହିଁ ସ୍ଥାନୀୟ ରାଜନୀତିର ବାସ୍ତବ ଚିତ୍ରକୁ ସ୍ପଷ୍ଟ କରୁଛି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ, ଉପର୍ନିର୍ବାଚନ ପରେ ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଜେଡି ପକ୍ଷରୁ ପୌରପରିଷଦର ଅଧ୍ୟକ୍ଷ ପି. ମହେଶ କୁମାର ଏବଂ ନବନିର୍ବାଚିତ ଉପାଧ୍ୟକ୍ଷା ଶ୍ରମିତା ପାଢ଼ୀଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି । ଫଳରେ ଉପାଧ୍ୟକ୍ଷ ନିର୍ବାଚନକୁ ନେଇ ଦଳୀୟ ଶୃଙ୍ଖଳା, ସ୍ଥାନୀୟ ସଂଗଠନ ଏବଂ ନେତୃତ୍ୱ ମଧ୍ୟରେ ସମ୍ପର୍କକୁ ନେଇ ଆଲୋଚନା ଜୋର ଧରିଛି । ଭାସ୍କର ରାଓ ଓ ଲାଲବିହାରୀ ହିମିରିକାଙ୍କ ଦଳ ଛାଡ଼ିବା ପରେ ରାୟଗଡ଼ାରେ ବିଜୁ ସ୍ୱାଭିମାନ ମଞ୍ଚକୁ କେନ୍ଦ୍ର କରି ଏକ ବିକଳ୍ପ ରାଜନୈତିକ ମଞ୍ଚର ଉପସ୍ଥିତି ଚର୍ଚ୍ଚାରେ ରହିଛି ।

## ବିପୁଳ ଗଞ୍ଜେଇ ଜବତ, ଦୁଇ ଗିରଫ

କନ୍ଧମାଳ,(ସବ୍ୟୁ) : ମନମୁଣ୍ଡା ଥାନା ଅନ୍ତର୍ଗତ ସାନମନମୁଣ୍ଡା ଗ୍ରାମ ନିକଟରୁ ଏକ ବୋଲେରୋ ପିକଅପ ଗାଡିରୁ ବିପୁଳ ଗଂଜେଇ ଜବତ କରିବା ସହ ଦୁଇ ଆନ୍ତଃ ଜିଲ୍ଲା ମାଫିଆକୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଜବତ କରିଛି ମନମୁଣ୍ଡା ପୁଲିସ । ପୋଲିସ ଟିମ ପଲସାଗୋରା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ସାନମନମୁଣ୍ଡା ନିକଟରେ ଏକ ଧଳା ରଙ୍ଗର ବୋଲେରୋ ପିକଅପ ଗାଡି ନଂ ଓଡି୦୫- ବିଭି- ୫୯୯୪ କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଗାଡ଼ିରୁ ୨ଟି ବସ୍ତାରେ ଗଂଜେଇ ଥିବା ଦେଖିବାକୁ ପାଇଥିଲେ । ଗଞ୍ଜେଇ ଜବତ ପରେ ପୁଲିସ ଗାଡି ଚାଳକ ସମେତ ଦୁଇଜଣଙ୍କୁ ଗିରଫ କରିଥିଲେ । ଗିରଫ ଦୁଇ ଜଣ ହେଲେ ଅନୁଗୁଳ ଜିଲ୍ଲା ଖମାର ଥାନା ବିଜିଗୋଠ ଗ୍ରାମର ପ୍ରଦୀପ ବେହେରା (୩୦) ଓ ବେନି ପଥର ଗ୍ରାମର ନନ୍ଦଲାଲ ହେଶର (୩୨) ବୋଲି ପୁଲିସ ତଦନ୍ତରୁ ଜଣାପଡିଛି । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରିବାରୁ ସମୁଦାୟ ୯୦ କେଜି ଗଂଜେଇ ହୋଇଥିଲା । ଏଥିସହ ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ଜବତ କରିଥିଲା ମନମୁଣ୍ଡା ପୁଲିସ ୯ ଏନେଇ ମନମୁଣ୍ଡା ପୁଲିସ ପକ୍ଷରୁ ଏନଡିପିଏସ ରେ ଏକ ମାମଲା ରୁଜୁ କରି ଦୁଇ ମାଫିଆକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଚିରଞ୍ଜୀବ ବେହେରା ପ୍ରକାଶ କରିଛନ୍ତି ।

# ବିଷ ଦେଇ ୧୪ଟି ନିରୀହ ଛେଳିକୁ ମାରିଦେଲେ

ଜମନକିରା,(ସବ୍ୟୁ): ମାନବିକତା ଆଜି ମୁଣ୍ଡ ତଳକୁ କରିଛି । କେଉଁଠି ନା କେଉଁଠି ମଣିଷ ଭିତରେ ଥିବା ଈର୍ଷା ଓ ରାକ୍ଷସୀୟ ମନୋବୃତ୍ତି ଏବେ ନିରୀହ ପ୍ରାଣୀଙ୍କ ଜୀବନ ନେବାକୁ ପଛାଉ ନାହିଁ । ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ଆମ୍ବକଟା ଗ୍ରାମରେ ଏଭଳି ଏକ ଅତ୍ୟନ୍ତ ଲଜ୍ଜାଜନକ ତଥା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । କେହି ଜଣେ ଅଜ୍ଞାତ ଦୁର୍ବୃତ୍ତ ୧୪ଟି ନିରୀହ ଛେଳିଙ୍କୁ ଯୋଜନାବଦ୍ଧ ଭାବେ ବିଷ ଦେଇ ହତ୍ୟା କରିଛି । ଏହି ଘଟଣା ପରେ ଅଞ୍ଚଳରେ ତୀବ୍ର ଉତ୍ତେଜନା ସହିତ ଶୋକର ଛାୟା ଖେଳିଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଆମ୍ବକଟା ଗ୍ରାମର ସୁରେଶ ଛତ୍ରିଆ ଏକ ଅତ୍ୟନ୍ତ ଗରିବ ଶ୍ରେଣୀର ପରିବାରର ହୋଇଥିବା ବେଳେ ଛେଳି ପାଳନ ହିଁ ତାଙ୍କ ପରିବାର ପ୍ରତିପୋଷଣର ଏକମାତ୍ର ସମ୍ବଳ ଥିଲା। ସବୁଦିନ ଭଳି ଆଜି ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ସୁରେଶ ଓ ତାଙ୍କ ଧର୍ମପତ୍ନୀ କୁନ୍ତଳା ଛତ୍ରିଆ ଛେଳି ଚରାଇବା ପାଇଁ ନିକଟସ୍ଥ ଜଙ୍ଗଲ ପଡ଼ିଆ ଅଞ୍ଚଳକୁ ନେଇଥିଲେ । ଛେଳିମାନେ ଚରୁଥିବା ବେଳେ କୌଣସି ଅସାମାଜିକ ଦୁର୍ବୃତ୍ତ ପୂର୍ବ ଶତ୍ରୁତା କିମ୍ବା ଈର୍ଷା ପରାୟଣ ହୋଇ ଏକ ପ୍ଲାଷ୍ଟିକ କଡ଼ାଇରେ ତୀବ୍ର ବିଷାକ୍ତ ଖାଦ୍ୟ ରଖିଦେଇଥିଲା। ଛେଳିମାନେ ସେହି ବିଷାକ୍ତ ଖାଦ୍ୟ ଖାଇବା ମାତ୍ରେ ଛଟପଟ ହୋଇ ଗୋଟିଏ ପରେ ଗୋଟିଏ ଟଳି ପଡ଼ିଥିଲେ । ଆଖି ଆଗରେ ୧୪ଟି ଛେଳିଙ୍କର କରୁଣ ମୃତ୍ୟୁ ଘଟିଥିଲା। ଏହି ଦୃଶ୍ୟ ଦେଖି ସୁରେଶଙ୍କ ପରିବାର ସ୍ତବ୍ଧ ହୋଇଯାଇଥିଲେ ଏବଂ କାନ୍ଦି କାନ୍ଦି ଭାଙ୍ଗି ପଡ଼ିଥିଲେ । ଛେଳି ମାଲିକ କୁନ୍ତଳା ଛତ୍ରିଆ କୋହଭରା କଣ୍ଠରେ ଅଭିଯୋଗ କରିଛନ୍ତି ଯେଆମେ ଅତି ଗରିବ ଲୋକ। ଏହି ଛେଳିଗୁଡ଼ିକ ହିଁ ଆମ ପେଟର ଦାନା ଥିଲେ । ଏହାକୁ ବିକ୍ରି କରି ଆମେ ଦୁଇ ଓଳି ଖାଇବା ସହ ସଂସାର ଚଳାଉଥିଲୁ। କିଏ ଏତେ ବଡ଼ ଶତ୍ରୁତା ସାଧି ଆମ ପେଟରେ ଲାତ ମାରିଲା। ଆମକୁ ତୁରନ୍ତ ନ୍ୟାୟ ମିଳୁ ଏବଂ ଅପରାଧୀକୁ କଠୋର ଦଣ୍ଡ ଦିଆଯାଉ ।

## ବ୍ୟବସାୟୀ ଗୁଣ୍ଡା ସାହୁ ଅପହରଣ ମାମଲା

# ମୁଖ୍ୟ ଅଭିଯୁକ୍ତ କ୍ଷୀତିଶ ରିମାଣ୍ଡରେ

ବଲାଙ୍ଗିର, (ସବ୍ୟୁ): ଦେଢ଼ ମାସ ପରେ ପୁଣି ଚର୍ଚ୍ଚାକୁ ଆସିଛି ବ୍ୟବସାୟୀ ଗୁଣ୍ଡା ସାହୁ ଅପହରଣ ମାମଲା । ଘଟଣାର ମୁଖ୍ୟ ଅଭିଯୁକ୍ତ କ୍ଷିତିଶ ସାହୁଙ୍କୁ ଦୁଇଦିନିଆ ରିମାଣ୍ଡରେ ନେଇ ଜେରା କରୁଛି ବଲାଙ୍ଗିର ପୋଲିସ । ବଲାଙ୍ଗିର ଏସଡ଼ିଜେଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ତାଙ୍କୁ ରିମାଣ୍ଡରେ ନେଇଥିବା ବେଳେ, ରିମାଣ୍ଡର ଶେଷ ଦିନରେ ମଧ୍ୟ ଘନଘନ ଜେରା ଜାରି ରହିଛି । ମେଡିକାଲ ଟେଷ୍ଟ ପରେ ଅଭିଯୁକ୍ତ କ୍ଷିତିଶ ସାହୁଙ୍କୁ ପୋଲିସ ହେପାଜତକୁ ନେଇ ଦିନତମାମ ଜେରା କରାଯାଇଥିଲା । ଏପରିକି ବିଳମ୍ବିତ ରାତି ପର୍ଯ୍ୟନ୍ତ ପୋଲିସର ସ୍ୱତନ୍ତ୍ର ଟିମ ତାଙ୍କୁ ବିଭିନ୍ନ ଦିଗରୁ ପଚରାଉଚରା କରିଥିବା ସୂଚନା ମିଳିଛି । ଅପହରଣ ପଛର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା ? କେବଳ ଟଙ୍କା ଆଦାୟ ପାଇଁ ଏହି ଅପହରଣ ହୋଇଥିଲା କି, ନା ଏହା ପଛରେ ଆଉ କୌଣସି କାରଣ ରହିଛି । ଏହି ସବୁ ଦିଗକୁ ନେଇ ପୋଲିସ ତଦନ୍ତ କରୁଛି ।

ଅପହୃତ ଗୁଣ୍ଡା ସାହୁଙ୍କ ଗତିବିଧି ଉପରେ କିଏ ନଜର ରଖିଥିଲା, ଅପହରଣ ପୂର୍ବରୁ ରେକି କରାଯାଇଥିଲା କି ନାହିଁ, ଏବଂ ଘଟଣାରେ ସ୍ଥାନୀୟ ଲୋକଙ୍କ କୌଣସି ଭୂମିକା ଥିଲା କି ନାହିଁତାହା ମଧ୍ୟ ତଦନ୍ତର ପ୍ରମୁଖ ଦିଗ ପାଲଟିଛି ।ଘଟଣାରେ ଏପର୍ଯ୍ୟନ୍ତ ଚାରିଜଣ ଗିରଫ ହୋଇଥିବା ବେଳେ, ଆଉ ୬ ଜଣଙ୍କୁ ପୋଲିସ ଖୋଜୁଥିବା ଜଣାପଡ଼ିଛି । ଫେରାର ଅଭିଯୁକ୍ତମାନଙ୍କ ସମ୍ପର୍କରେ କ୍ଷିତିଶଙ୍କୁ ପଚରାଉଚରା କରାଯାଉଛି । ତେବେ ଜେରା ଚାଲିଥିବାରୁ ଏହି ପର୍ଯ୍ୟାୟରେ ତଦନ୍ତ ସମ୍ପର୍କିତ କୌଣସି ବିସ୍ତୃତ ସୂଚନା ଦେବାକୁ ପୋଲିସ ପକ୍ଷରୁ ମନା କରାଯାଇଛି ।

ଗତ ଅଗଷ୍ଟ ୧୪ ତାରିଖରେ ବଲାଙ୍ଗିର ସହର ଉପକଣ୍ଠ ରଣ୍ଡା ଛକ ନିକଟରୁ ବ୍ୟବସାୟୀ ଗୁଣ୍ଡା ସାହୁଙ୍କୁ ମାଡ଼ ମାରି ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା । ଘଟଣା ପରେ ଅଗଷ୍ଟ ୧୫ ତାରିଖରୁ ପୋଲିସ ତଦନ୍ତ ଆରମ୍ଭ କରିଥିଲା ।

ପରବର୍ତ୍ତୀ ଦିନ ଅର୍ଥାତ୍ ଅଗଷ୍ଟ ୧୬ ତାରିଖରେ ଅପହୃତଙ୍କ ସମ୍ପର୍କରେ ପୋଲିସକୁ ଏକ ସୁରାଗ ମିଳିଥିବା କୁହାଯାଇଥିଲା । ଗୁଣ୍ଡା ସାହୁଙ୍କୁ ଭୁବନେଶ୍ୱରରେ ରଖାଯାଇଥିବା ସୂଚନା ପାଇବା ପରେ ବଲାଙ୍ଗିରରୁ ଏକ ସ୍ୱତନ୍ତ୍ର ପୋଲିସ ଟିମ ଭୁବନେଶ୍ୱର ଯାଇଥିଲା । ପୋଲିସ ତାଙ୍କ ନିକଟରେ ପହଞ୍ଚିବା ଜାଣି ଅଭିଯୁକ୍ତମାନେ ଗୁଣ୍ଡା ସାହୁଙ୍କ ଉପରେ ଚାପ ପକାଇଥିବା ଅଭିଯୋଗ ରହିଛି । ଏପରିକି ଗନ ପଏଣ୍ଟରେ ତାଙ୍କଠାରୁ ଟଙ୍କା ନେଇଥିବା ନେଇ ସାଧା କାଗଜରେ ଲେଖାଇଥିବା ପୋଲିସ ଅଭିଯୋଗ କରିଥିଲା । ଅପହରଣ ସମୟରେ ମାଡ଼ ମରାଯାଇଥିବାରୁ ଗୁଣ୍ଡା ସାହୁଙ୍କ ଚାଲିବାରେ ମଧ୍ୟ ସମସ୍ୟା ହେଉଥିବା ଭିଜୁଆଲ ସାମ୍ନାକୁ ଆସିଥିଲା । ପରେ ଖଣ୍ଡଗିରି ଥାନା ଅଞ୍ଚଳରୁ ତାଙ୍କୁ ପୋଲିସ ଉଦ୍ଧାର କରିଥିବା ଜଣାପଡ଼ିଥିଲା ।

ଆଇନଜୀବୀଙ୍କ ମତରେ, ଜଟିଳ ମାମଲାରେ ଘଟଣାର ପୂରା ଚିତ୍ର ସ୍ପଷ୍ଟ କରିବା, ଅନ୍ୟ ଅଭିଯୁକ୍ତଙ୍କ ଭୂମିକା ସମ୍ପର୍କରେ ତଥ୍ୟ ହାସଲ କରିବା ଏବଂ ତଦନ୍ତରେ ଅବଶିଷ୍ଟ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବା ପାଇଁ ପୋଲିସ ରିମାଣ୍ଡ ଆବେଦନ କରିପାରେ । ଏହି ମାମଲାରେ ମଧ୍ୟ କ୍ଷିତିଶ ସାହୁଙ୍କୁ ରିମାଣ୍ଡରେ ନେଇ ପୋଲିସ ଘଟଣାର ଅନେକ ଦିଗ ଉପରେ ପଚରାଉଚରା କରୁଥିବା ଜଣାପଡ଼ିଛି । ତେବେ ଜେରାରୁ ପ୍ରକୃତରେ କେଉଁ ତଥ୍ୟ ମିଳିଛି, ସେନେଇ ପୋଲିସ ଏଯାଏଁ ମୁହଁ ଖୋଲିନାହିଁ । ଏବେ ପୋଲିସ ତଦନ୍ତର ଅଗ୍ରଗତି ଏବଂ ରିମାଣ୍ଡ ଜେରାରୁ ମିଳୁଥିବା ତଥ୍ୟ ଉପରେ ସମସ୍ତଙ୍କ ନଜର । ଅପହରଣର ପ୍ରକୃତ ଉଦ୍ଦେଶ୍ୟ କ'ଣ, ଘଟଣାରେ ଆଉ କେତେଜଣ ସମ୍ପୃକ୍ତ ଏବଂ ଫେରାର ଅଭିଯୁକ୍ତମାନେ କେବେ ଧରାପଡ଼ିବେତଦନ୍ତ ଆଗକୁ ବଢ଼ିବା ସହ ଏସବୁ ପ୍ରଶ୍ନର ଉତ୍ତର ମିଳିବ ବୋଲି ଆଶା କରାଯାଉଛି ।

## ଭିମସାର ୩ ମହଲା କୋଠାରୁ ପଡ଼ି ପ୍ଲମ୍ବର ମୃତ

ସମ୍ବଲପୁର,(ସବ୍ୟୁ): ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣ ପ୍ରତିଷ୍ଠାନ (ଭିମସାର) ପରିସରରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଭିମସାର କଲେଜର ୩ ମହଲା କୋଠା ଉପରୁ ପଡ଼ି ଜଣେ କାର୍ଯ୍ୟରତ ପ୍ଲମ୍ବରର ମୃତ୍ୟୁ ହୋଇଛି । ମୃତକ ଜଣକ ବୁର୍ଲା ଥାନା ଅନ୍ତର୍ଗତ ଗୌଡପାଲି ଅଞ୍ଚଳର କ୍ରାନ୍ତି ରଞ୍ଜନ ମେହେର (୩୫) ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, କ୍ରାନ୍ତି କଲେଜ କୋଠାର ଉପର ମହଲାରେ ପ୍ଲମ୍ବର କାମ କରୁଥିବା ବେଳେ କୌଣସି କାରଣବଶତଃ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଖବର ପାଇ ବୁର୍ଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ୬୨୪/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ମାୟାବର୍ହା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ

ଏସ -ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହା ଠାରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି ଅବସରରେ ସିଂହିଯୁବା ଉଚ୍ଚ ବିଦ୍ୟାଳୟର ପୂର୍ବତନ ହିନ୍ଦୀ ଶିକ୍ଷକ ପଦ୍ମନାଭ ମହାରଣା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ହିନ୍ଦୀ ସବୁ ଭାରତୀୟଙ୍କ ହୃଦୟର ଭାଷା ବୋଲି ମତ ପ୍ରକାଶ କରିଥିଲେ । କନ୍ଧାଗାଡ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ହିନ୍ଦୀ ଇତିହାସ ଉପରେ ଆଲୋକପାତ କରିଥିଲେ । ପରିଚାଳନା କମିଟିର ସଭାପତି ଶଙ୍କର ସାହୁ ସମ୍ମାନିତ ଅତିଥି ଭାବରେ ମଞ୍ଚାସିନ ଥିବାବେଳେ ସଦସ୍ୟ ସମ୍ପଦ ଖମାରୀ ତଥା ଅତିଥି ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ହିନ୍ଦୀ ଶିକ୍ଷକ ନନ୍ଦିଘୋଷ ବାରିକ, ମଞ୍ଚାସିନ ହୋଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସଂସ୍କୃତ ଶିକ୍ଷକ ରାଜୁ ମେହେର ସଭା ସଂଯୋଜନା କରିଥିବା ବେଳେ ଛାତ୍ରୀ ଶ୍ରୀମୟୀ ଓ ସାଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ସ୍କାଉଟ ମାଷ୍ଟର୍ ଚିନ୍ମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥଲେ ।

## ମୃଦଙ୍ଗର ତାଳ ପଛରେ ନିରବ ଲୁହ

# ପିଢ଼ି ପିଢ଼ିର ପରମ୍ପରାକୁ ଜୀବନ୍ତ ରଖିଛନ୍ତି କାରିଗର

ପଦ୍ମପୁର,(ନିଳାମ୍ବର ଦୀପ) : ଭୋର ହେବା ପୂର୍ବରୁ ଯେତେବେଳେ ଗାଁ ନିଦରେ ଶୋଇଥାଏ, ସେତେବେଳେ ଜଣେ କାରିଗରଙ୍କ ଘରେ ଆରମ୍ଭ ହୋଇଯାଏ ଦିନ । ଚାରିପାଖର ନିରବତାକୁ ଭାଙ୍ଗି ଶୁଣାଯାଏ କାଠରେ ଯନ୍ତ୍ର ଚାଲିବାର ଶବ୍ଦ । ହାତରେ ଧରା କାଠ, ଚମଡ଼ା ଓ ଦଉଡ଼ିର ସ୍ପର୍ଶରେ ଧୀରେ ଧୀରେ ଆକାର ନେଇଥାଏ ଏକ ମୃଦଙ୍ଗ। ନିର୍ଜୀବ କାଠର ଦେହରେ କାରିଗର ଭରିଦିଅନ୍ତି ସ୍ୱର। ତାଙ୍କ ହାତର ସ୍ପର୍ଶରେ ଜନ୍ମ ନିଏ ସେହି ତାଳ, ଯାହା ପରେ କୀର୍ତ୍ତନ ମଣ୍ଡପରୁ ନାମଯଜ୍ଞ ପର୍ଯ୍ୟନ୍ତ ଭକ୍ତିର ପରିବେଶ ସୃଷ୍ଟି କରେ । କିନ୍ତୁ ବିଡ଼ମ୍ବନା ହେଉଛି ଯେଉଁ ହାତ ଅନ୍ୟମାନଙ୍କ ମନରେ ଭକ୍ତିର ତାଳ ଜଗାଏ, ସେହି ହାତ ନିଜ ଘରର ଚୁଲି ଜଳିବ କି ନାହିଁ, ସେ ଚିନ୍ତାରେ ଅନେକ ସମୟ କଟାଏ । ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କନ୍ଧାଗଡ଼ ଗ୍ରାମରେ ଏମିତି ତିନୋଟି ପରିବାର ରହିଛନ୍ତି, ଯେଉଁମାନଙ୍କ ଜୀବନ ମୃଦଙ୍ଗ ତିଆରି ସହିତ ଜଡ଼ିତ। ପିଢ଼ି ପରେ ପିଢ଼ି ସେମାନେ ଏହି ପାରମ୍ପରିକ କାରିଗରୀକୁ ଆଗକୁ ନେଇଆସୁଛନ୍ତି । ମୃଦଙ୍ଗ ସେମାନଙ୍କ ପାଇଁ କେବଳ ଏକ ବାଦ୍ୟଯନ୍ତ୍ର ନୁହେଁ ଏହା ପରିବାରର ପରମ୍ପରା, ଜୀବନର ଅଂଶ ଏବଂ ପୂର୍ବପୁରୁଷଙ୍କଠାରୁ ମିଳିଥିବା ଏକ ଅମୂଲ୍ୟ ଧରୋହର । ମୃଦଙ୍ଗ ତିଆରି କରିବା କୌଣସି ସହଜ କାମ ନୁହେଁ। ଉପଯୁକ୍ତ କାଠ



ଚିହ୍ନଟ କରିବାଠାରୁ ଆରମ୍ଭ ହୁଏ କାରିଗରଙ୍କ ପରୀକ୍ଷା। କାଠକୁ ଠିକ ଆକାର ଦେବା, ଚମଡ଼ା ପ୍ରସ୍ତୁତ କରିବା, ଦଉଡ଼ି ବାନ୍ଧିବା ଏବଂ ଶେଷରେ ମୃଦଙ୍ଗର ସ୍ୱରକୁ ସଠିକ କରିବା ପ୍ରତ୍ୟେକ ପର୍ଯ୍ୟାୟରେ ଦରକାର ଅଭିଜ୍ଞତା ଓ ନିଖୁଣ କୌଶଳ । ଏହି କଳା କୌଣସି ପୁସ୍ତକରୁ ପଢ଼ି ଶିଖିହୁଏ ନାହିଁ । ଗୁରୁଙ୍କ ପାଖରେ ବସି, ବର୍ଷ ବର୍ଷ ହାତରେ କାମ କରି, ଭୁଲ କରି ଓ ପୁଣି ସେହି ଭୁଲକୁ ସୁଧାରି ଶିଖିବାକୁ ପଡ଼େ । ତେଣୁ ଗୋଟିଏ ମୃଦଙ୍ଗର ତାଳ ପଛରେ ଲୁଚିଥାଏ ଦୀର୍ଘ ଅଭ୍ୟାସ, ଅଭିଜ୍ଞତା ଓ ପରିଶ୍ରମ । ଆଧୁନିକ ସମୟରେ ବିଭିନ୍ନ ବାଦ୍ୟଯନ୍ତ୍ରର ଚାହିଦା ବଢ଼ିବା ସହ ଅନେକ ପାରମ୍ପରିକ ବାଦ୍ୟଯନ୍ତ୍ରର ବଜାର ସଙ୍କୁଚିତ ହେଉଛି । ମୃଦଙ୍ଗ ମଧ୍ୟ ଏଥିରୁ ବାଦ ପଡ଼ିନାହିଁ । ଏପଟେ କଞ୍ଚାମାଲର ମୂଲ୍ୟ ବଢୁଛି, ସେପଟେ ମୃଦଙ୍ଗ ତିଆରିରେ ଲାଗୁଥିବା ସମୟ ଓ ପରିଶ୍ରମ ଅଧିକ । ହେଲେ ତାହାର ଅନୁପାତରେ କାରିଗରଙ୍କୁ ଉଚିତ ମୂଲ୍ୟ ମିଳୁନାହିଁ। ଗୋଟିଏ ମୃଦଙ୍ଗ ତିଆରି ପାଇଁ ଯେତିକି ସମୟ, ଶ୍ରମ ଓ କୌଶଳ ଆବଶ୍ୟକ, ତାହାର ହିସାବରେ ଯଦି ମଜୁରି ମିଳନ୍ତା, ତେବେ ଏହି କାରିଗର ପରିବାରଗୁଡ଼ିକର ଜୀବନ କିଛିଟା ସହଜ ହୋଇପାରନ୍ତା । ଏବେ କିନ୍ତୁ ପରମ୍ପରାକୁ ବଞ୍ଚାଇବାର ଦାୟିତ୍ୱ ଓ ପରିବାର ଚଳାଇବାର ଆବଶ୍ୟକତା ମଧ୍ୟରେ ଚାଲିଛି ସେମାନଙ୍କ ନିରବ ସଂଘର୍ଷ । କାରିଗରଙ୍କ ସବୁଠାରୁ ବଡ଼ ଚିନ୍ତା କେବଳ ଆଜିର ଆୟ ନୁହେଁ, ଆସନ୍ତାକାଲିର ମୃଦଙ୍ଗ । ନୂଆ ପିଢ଼ି ଏହି କାମ ପ୍ରତି ଆଗ୍ରହୀ ହେଉନାହିଁ । ବାପାଙ୍କ ହାତରେ ଦିନରାତି ପରିଶ୍ରମ ଦେଖିଥିବା ପିଲାମାନେ ଜାଣିଛନ୍ତି ଏହି କଳାରେ ନାହିଁ ନିଶ୍ଚିତ ଆୟ, ନାହିଁ ନିଶ୍ଚିତ ସାମାଜିକ ସୁରକ୍ଷା । ତେଣୁ ସେମାନେ ଅନ୍ୟ ଜୀବିକା ଆଡ଼କୁ ମୁହଁ ଫେରାଉଛନ୍ତି । ଏଠି ହିଁ ଲୁଚିଛି ସବୁଠାରୁ ବଡ଼ ବିଡ଼ମ୍ବନା । ସମାଜ ଯେଉଁ କଳାକୁ ନିଜ ସଂସ୍କୃତିର ପରିଚୟ ବୋଲି ଗର୍ବ କରେ, ସେହି କଳାକୁ ଜୀବନ୍ତ ରଖୁଥିବା କାରିଗରଙ୍କ ଜୀବନ ହିଁ ଅଭାବରେ କଟୁଛି । କୀର୍ତ୍ତନ ମଣ୍ଡପରେ ଯେତେବେଳେ ମୃଦଙ୍ଗର ତାଳରେ ଭକ୍ତମାନେ ଝୁମି ଉଠନ୍ତି, ନାମଯଜ୍ଞର ପରିବେଶ ଭକ୍ତିମୟ ହୋଇଉଠେ, ସେତେବେଳେ ସେହି ତାଳ ପଛରେ ଥିବା କାରିଗରଙ୍କୁ ମଧ୍ୟ ମନେ ପକାଇବାର ଆବଶ୍ୟକତା ରହିଛି । କାରଣ ମୃଦଙ୍ଗ କେବଳ ମାଟି, କାଠ, ଚମଡ଼ା ଓ ଦଉଡ଼ିର ସମାହାର ନୁହେଁ । ଏହା ଜଣେ କାରିଗରଙ୍କ ଦକ୍ଷତା, ଘାମ ଓ ଜୀବନର ଅନୁଭବର ଫଳ । ତାଙ୍କ ହାତର ଫାଟିଥିବା ଚର୍ମରେ ରହିଛି ଏହି କଳାର ଇତିହାସ, ତାଙ୍କ ଘାମରେ ରହିଛି ଏହାର ଭବିଷ୍ୟତ। ତେଣୁ ମୃଦଙ୍ଗର ତାଳକୁ ବଞ୍ଚାଇ ରଖିବାକୁ ହେଲେ କେବଳ ମୃଦଙ୍ଗ କିଣିଲେ ହେବ ନାହିଁ ମୃଦଙ୍ଗ ତିଆରି କରୁଥିବା କାରିଗରଙ୍କ ଜୀବନକୁ ମଧ୍ୟ ସମ୍ମାନ ଦେବାକୁ ପଡ଼ିବ । ଉଚିତ ମୂଲ୍ୟ, କଞ୍ଚାମାଲରେ ସହାୟତା, ଆଧୁନିକ ପ୍ରଶିକ୍ଷଣ, ବଜାର ସୁବିଧା ଓ ସାମାଜିକ ସୁରକ୍ଷା ମିଳିଲେ ଏହି ପରମ୍ପରା ନୂଆ ପିଢ଼ି ପର୍ଯ୍ୟନ୍ତ ପହଞ୍ଚିପାରିବ । ନଚେତ ଦିନେ ହୁଏତ କୀର୍ତ୍ତନ ମଣ୍ଡପରେ ମୃଦଙ୍ଗର ତାଳ ଶୁଣାଯିବ ନାହିଁ । ଶୁଣାଯିବ କେବଳ ଏକ ନିରବତା ଯେଉଁ ନିରବତା ଭିତରେ ହଜିଯାଇଥିବ ଜଣେ କାରିଗରଙ୍କ ଜୀବନଭରର ସାଧନା, ପୂର୍ବପୁରୁଷଙ୍କ ଐତିହ୍ୟ ଓ ଆମ ମାଟିର ଏକ ଅମୂଲ୍ୟ ସାଂସ୍କୃତିକ ସ୍ୱର ।

# ବନଦୁର୍ଗା ଉଚ୍ଚ ବିଦ୍ୟାଳୟରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

ଜମନକିରା,(ସବ୍ୟୁ): ବଡ଼ରମା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ବନଦୁର୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ମହାସମାରୋହରେ ପାଳିତ ହୋଇଯାଇଛି । ବନ୍ୟଜନ୍ତୁ ସଂରକ୍ଷଣ ଦିଗରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ 'ଭାରତୀୟ ଗୟଳ' ସମ୍ପର୍କିତ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

କାର୍ଯ୍ୟକ୍ରମରେ ବଡ଼ରମା ବନାଞ୍ଚଳ ଅଧିକାରୀ ଗିରିଧାରୀ ପ୍ରଧାନ, ବନପାଳ ଆନନ୍ଦ ପରିଡ଼ା, ବନପାଳ ସନ୍ତୋଷ ବାଗ ଏବଂ ବନରକ୍ଷୀ ରାଜେନ୍ଦ୍ର କୁମାର ସିଆଲ ଯୋଗଦେଇ ବନ୍ୟଜନ୍ତୁ ଓ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହା ସହିତ ବିଦ୍ୟାଳୟର ଶିକ୍ଷକ ସତ୍ୟନାରାୟଣ ସାହୁ, ପ୍ରମୋଦ କୁମାର ସିଂ ଓ ସୁନିଲ ପଟେଲ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ । ଆଗାମୀ ପିଢ଼ିର ଛାତ୍ରଛାତ୍ରୀମାନେ ଯେପରି ବନ୍ୟପ୍ରାଣୀ ସୁରକ୍ଷା ପ୍ରତି ଯତ୍ନବାନ ଓ ଦାୟିତ୍ୱବାନ ହୋଇପାରିବେ, ସେଥିପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ପ୍ରକାଶ ପାଇଛି । ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉତ୍ସାହପୂର୍ବକ ଭାଗ ନେଇଥିଲେ ।

# ଖପ୍ରାଖୋଲରେ ଭୀମଭୋଇ ସାମର୍ଥ୍ୟ ଶିବିର

ଖପ୍ରାଖୋଲ (ସବ୍ୟୁ) ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧକ୍ଷା ନିରୁପମା ପଟେଲ, ସମ୍ମାନୀତ ଅତିଥି ପଦ୍ମ କୁମାର ସିଂ ବରିହା, ସନ୍ତୋଷ କୁମାର ଭଇସାଲ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତ କରଣ ବିଭାଗ ଦାରା ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହିତ ସାମର୍ଥ୍ୟ ଶିବିରରେ ବିଭିନ୍ନ କ୍ଷେତ୍ରରେ ଭିନ୍ନକ୍ଷମ ଥିବା ବ୍ୟକ୍ତି ବିଶେଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ



ପ୍ରମାଣ ପତ୍ର ପ୍ରଦାନ, ବିଭିନ୍ନ ଉପକରଣ ପ୍ରଦାନ ପାଇଁ ହିତାଧିକାରୀ ଚିହ୍ନଟ ଉପରେ ଆଲୋଚନା ହୋଇଥିଲା। ଶିବିରରେ ଶାରରିକ ସମ୍ପର୍କିତ ସମସ୍ୟା ପାଇଁ ୩୦୪ ଜଣ, ଶ୍ରବଣ ବାଧିତ ୮୭,ଦୃଷ୍ଟିବାଧିତ ୪୮, ମାନସିକ ଅନଗ୍ରସର ୮୪ ଓ ବିଭିନ୍ନ ଉପକରଣ ପ୍ରଦାନ ପାଇଁ ୬୦ ଜଣ ନାମ ପଞ୍ଜିକରଣ କରିଥିବା ବେଳେ ମୋଟ ୫୮୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବ୍ଲକ ପ୍ରଶାସନ ତରଫରୁ ସୂଚନା ମିଳିଛି । ଏହି ଅବସରରେ ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ମାନେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର ପରିଚାଳନା କରିଥିବା ବେଳେ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ ।

**AFFIDAVIT**

By virtue of an affidavit sworn before the Notary public, Nabarangpur, I, Pramila Das, D/o. Late Dilip Das, R/o. At- Paraja Kamita, Po- Kamta, Ps- Tentulikhunti, Dist. Nabarangpur, declare that, my actual Surname is Das but in educational certificate my surname is wrongly mentioned as Harijan. That now I intend to change my surname as Das instead of Harijan. Henceforth I shall be known as Pramila Das for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, Dtd. 28.09.2026, Milan Bhabasagar, S/o.Late Shradhakara Bhabasagar, R/o. Gobardhan Badmal, Po. Nua Barangamal, Ps. Jujumura, Dist. Sambalpur, Odisha- 768112, declare that I have changed my name from Jitendra Bhabasagar to Milan Bhabasagar. Henceforth I shall be known as Milan Bhabasagar for all purposes.

**Milan Bhabasagar**

**AFFIDAVIT**

By virtue of an affidavit sworn before the Notary public, Sambalpur, dt.28.07.26, I, Chanda Kedia, W/o. Sanwarmal Kedia, R/o. Dhobagali, Marwaripara, PS. Town Dist. Sambalpur, declare that I have changed my name from Chandadevi Kedia, Chanrda Devi Kedia to Chanda Kedia. Henceforth I shall be known as Chanda Kedia for all purposes.

**Chanda Kedia**

## ସମ୍ପାଦକୀୟ

# ଭୁବନେଶ୍ୱର ଅପରାଧମୁକ୍ତ ହେଉ

ଭୁବନେଶ୍ୱରର ଜନସଂଖ୍ୟା ଚଳିତ ବର୍ଷ ୧, ୩୫୩,୦୦୦ ହେବ ବୋଲି ଆକଳନ କରାଯାଇଛି । ଗତ ୨୦୨୫ ଅପେକ୍ଷା ଏହି ଜନସଂଖ୍ୟା ୨ ଦଶମିକ ୪୨ ପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଇଛି । ଏହି ରାଜଧାନୀରେ ପ୍ରାୟ ଭୁବନେଶ୍ୱରକୁ ଦୈନିକ ସାତ ବା ଆଠ ହଜାର ଲୋକ ଯାଉଛନ୍ତି ବା ଆସୁଛନ୍ତି । ଭୁବନେଶ୍ୱରରେ ଏବେ ପ୍ରାୟ ୨୮ ଗୋଟି ଥାନା ରହିଛି । ଏହାଛଡ଼ା ୨ ଗୋଟି ଟ୍ରାଫିକ ଥାନା ମଧ୍ୟ ରହିଛି । କଟକରେ ସେହିପରି ପ୍ରାୟ ୨୬ଟି ଥାନା ରହିଛି । ପୂର୍ବରୁ ପୋଲିସ ହେଡକ୍ୱାର୍ଟର କଟକରେ ଥିଲା ଆଉ ଥାନା ସଂଖ୍ୟା କଟକରେ ବେଶୀ ଥିଲା । ଅନେକ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ରାଜଧାନୀ ହୋଇଥିଲେ ମଧ୍ୟ ସବ୍‌ଡିଭିଜନ ଥିବାରୁ ପୁରୀ ଜିଲ୍ଲା ତଥା ପୋଲିସ ପ୍ରଶାସନ ଅଧୀନରେ ଭୁବନେଶ୍ୱର ରହିଥିଲା । କଟକରେ ପୂଜାପର୍ବ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକେ ବହୁ ସଂଖ୍ୟାରେ ରହୁଥିବା ଯୋଗୁଁ ସେଠାରେ ଅପରାଧ ବୃଦ୍ଧି ପାଉଥିଲା ଓ ଅପରାଧକୁ ପୋଲିସ ମଧ୍ୟ ନିୟନ୍ତ୍ରଣ କରି ପାରୁଥିଲା । ମାତ୍ର ପରିସ୍ଥିତି ବଦଳିଯିବାରୁ ଉଭୟ କଟକ ଓ ଭୁବନେଶ୍ୱର ଦୈତ ନଗରୀକୁ ନେଇ କମିଶନରେଟ ପୋଲିସ ଗଠନ କରାଯାଇଛି । ପୋଲିସ କମିଶନର ଭାବେ ଜଣେ ଉଚ୍ଚ ପାହ୍ୟାର ପୋଲିସ ଅଧିକାରୀ ରହୁଛନ୍ତି । ଏହାଛଡ଼ା କଟକରେ ଜଣେ ଡେପୁଟୀ ପୋଲିସ କମିଶନର ଓ ଭୁବନେଶ୍ୱରରେ ଜଣେ ଡେପୁଟୀ କମିଶନରଙ୍କୁ ଅବସ୍ଥାପିତ କରାଯାଇ ଅପରାଧ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ହୋଇଛି । ଟ୍ରାଫିକ ଥାନାକୁ ସ୍ୱତନ୍ତ୍ର ଭାବେ ଟ୍ରାଫିକ ନିୟନ୍ତ୍ରଣ ଓ ଭିଆଇପି ସୁରକ୍ଷା ପ୍ରଭୃତିର ଦାୟିତ୍ୱ ମଧ୍ୟ ଦିଆଯାଇଛି ।

ପରିବର୍ତ୍ତିତ ପରିସ୍ଥିତିରେ ରାଜଧାନୀ ଭୁବନେଶ୍ୱରରେ ଅପରାଧ ବଢ଼ି ଚାଲିଛି । ଜଣେ ସୁଦକ୍ଷ ଆଇପିଏସ୍ ଅଧିକାରୀ ଡାଃ ସର୍ବଣା ବିବେକ ଏମ୍‌ଙ୍କୁ ଏବେ ଭୁବନେଶ୍ୱରରେ ଡିସିପି ଭାବେ ଅବସ୍ଥାପିତ କରାଯାଇଛି । ସେ ଦାୟିତ୍ୱ ନେବା ପରେ କହିଛନ୍ତି ଯେ ଜନସାଧାରଣଙ୍କ ସେବାପ୍ରତି ସେ ଗୁରୁତ୍ୱ ଦେବେ । ପୋଲିସ ଅଫିସର ଓ କର୍ମଚାରୀଙ୍କ ବିରୋଧରେ କୌଣସି ଅଭିଯୋଗ ଥିଲେ, ତାହା ବିରୋଧରେ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମଧ୍ୟ ପ୍ରକାଶ କରିଛନ୍ତି । ପ୍ରକୃତରେ ଅପରାଧପ୍ରବଣ ଗଞ୍ଜାମ ଜିଲ୍ଲାରେ ସେ ଦକ୍ଷତାର ସହିତ ଅପରାଧ ନିୟନ୍ତ୍ରଣ କରି ପାରିଥିଲେ ।

**ଅନେକ ଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଯୁବକ/ଯୁବତୀ ଯେଉଁମାନେ ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ହୋଇଥିବେ, ସେମାନଙ୍କୁ ତାଲିମ ଦେଇ ପୋଲିସ କମିଶନରେଟରେ ନିଯୁକ୍ତି ଦେଇ ପାରିଲେ, ଅପରାଧ ନିୟନ୍ତ୍ରଣ ତଥା ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସେମାନେ ପୋଲିସକୁ ସାହାଯ୍ୟ କରି ପାରନ୍ତେ । ପୂର୍ବରୁ ପୋଲିସ ପ୍ରତି ଜନସାଧାରଣଙ୍କର ଯେଉଁ ଘୃଣା ଭାବ ଥିଲା, ତାହା ମଧ୍ୟ ଦୂର ହୋଇ ପାରନ୍ତା । ବେକାର ଯୁବକ ଓ ଯୁବତୀମାନେ ମାନସିକ ଦୁର୍ଶ୍ଚିନ୍ତାରୁ ମୁକ୍ତି ପାଇଁ ଏପରି କାର୍ଯ୍ୟରେ ଲାଗି ଯାଇ ଆନନ୍ଦ ଲାଭ କରି ପାରନ୍ତେ । କେତେକ ଅବସରପ୍ରାପ୍ତ ଅଭିଜ୍ଞ ପୋଲିସ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇ ପାରନ୍ତା । ତାହେଲେ ଭୁବନେଶ୍ୱର ଏକ ଅପରାଧମୁକ୍ତ ମହାନଗରରେ ପରିଣତ ହୋଇ ପାରିବ ବୋଲି ଆଶା କରାଯାଉଛି ।**

ତେଣୁ ଭୁବନେଶ୍ୱର ମହାନଗରରେ ସେ ତାଙ୍କର ଦକ୍ଷତା ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି । ଅବଶ୍ୟ ଯଥେଷ୍ଟ ସଂଖ୍ୟାରେ ପୋଲିସ ଅଧିକାରୀ ବା କର୍ମଚାରୀ ନାହାନ୍ତି । ଏତେ ଅଧିକ ସଂଖ୍ୟାରେ ଜନସାଧାରଣଙ୍କ ପାଇଁ ଅପରାଧ ନିୟନ୍ତ୍ରଣ କରିବା ମଧ୍ୟ କଷ୍ଟ । ଅତ୍ୟାଧୁନିକ ଯନ୍ତ୍ରପାତି, ଯାନବାହାନ ଓ ଅନ୍ୟାନ୍ୟ ସୀମିତ ଆନୁସଙ୍ଗିକ ସରଞ୍ଜାମ ମଧ୍ୟରେ ଅପରାଧ ନିୟନ୍ତ୍ରଣ ସହିତ ଶାନ୍ତିଶୃଙ୍ଖଳା ରକ୍ଷା କରିବା କଷ୍ଟଦାୟକ ।

ତଥାପି ଅନେକ ଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଯୁବକ/ଯୁବତୀ ଯେଉଁମାନେ ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ହୋଇଥିବେ, ସେମାନଙ୍କୁ ତାଲିମ ଦେଇ ପୋଲିସ କମିଶନରେଟରେ ନିଯୁକ୍ତି ଦେଇ ପାରିଲେ, ଅପରାଧ ନିୟନ୍ତ୍ରଣ ତଥା ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସେମାନେ ପୋଲିସକୁ ସାହାଯ୍ୟ କରି ପାରନ୍ତେ । ଏପରିକି ଅଭିଜ୍ଞ ଓ ଅବସରପ୍ରାପ୍ତ ପୋଲିସ ଅଧିକାରୀମାନଙ୍କୁ ମଧ୍ୟ ସରକାର ଚୁକ୍ତି ଭିତ୍ତିରେ ନିଯୁକ୍ତି ଦେଇ ପାରନ୍ତେ । ପୂର୍ବରୁ ପୋଲିସ ପ୍ରତି ଜନସାଧାରଣଙ୍କର ଯେଉଁ ଘୃଣା ଭାବ ଥିଲା, ତାହା ମଧ୍ୟ ଦୂର ହୋଇ ପାରନ୍ତା । ବେକାର ଯୁବକ ଓ ଯୁବତୀମାନେ ମାନସିକ ଦୁର୍ଶ୍ଚିନ୍ତାରୁ ମୁକ୍ତି ପାଇଁ ଏପରି କାର୍ଯ୍ୟରେ ଲାଗି ଯାଇ ଆନନ୍ଦ ଲାଭ କରି ପାରନ୍ତେ । ପ୍ରତିରକ୍ଷା ବାହିନୀରେ ଯୁବତୀମାନେ ନିଯୁକ୍ତି ପାଇ ସୁନାମ ଅର୍ଜନ କରିଛନ୍ତି । ରାଜ୍ୟ ସରକାର ଓ ଜନସାଧାରଣ ଏ ସବୁ ବିଷୟରେ ଚିନ୍ତା କଲେ ଭୁବନେଶ୍ୱର ଏକ ଅପରାଧମୁକ୍ତ ମହାନଗରରେ ପରିଣତ ହୋଇ ପାରିବ ବୋଲି ଆଶା କରାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ସ୍ଥାୟୀ ବିକାଶର ଲକ୍ଷ୍ୟ ଓ ଗାନ୍ଧି ଚିନ୍ତନ –୨



ଜ୍ଞାନରଞ୍ଜନ ସାମନ୍ତରାୟ

ଗାନ୍ଧିଜୀଙ୍କ ଅର୍ଥନୀତିର ଆଉ ଏକ ବଡ଼ ଶକ୍ତି ଥିଲା ସ୍ଥାନୀୟ କଞ୍ଚାମାଲର ସ୍ଥାନୀୟ ପ୍ରକ୍ରିୟାକରଣ । ଗାଁରୁ କଞ୍ଚା ଉତ୍ପାଦନ ସହରକୁ ଯାଇ, ସେଠାରେ ମୂଲ୍ୟ ବଢ଼ି ପୁଣି ଗାଁକୁ ଫେରିବ, ଏହି ଅର୍ଥନୈତିକ ଚକ୍ର ଗାଁକୁ ଦୁର୍ବଳ କରେ । ତାହା ବଦଳରେ ଗାଁରେ ମୂଲ୍ୟ ବୃଦ୍ଧି ହେଲେ ଚାଷୀ ଅଧିକ ମୂଲ୍ୟ ପାଇବେ, ସ୍ଥାନୀୟ ରୋଜଗାର ବଢ଼ିବ ଓ ପରିବହନ ଦୂରତା କମିବ । ଆଜି ଯାହାକୁ ଭ୍ୟାଲୁ ଚେନ୍ କୁହାଯାଉଛି, ତାହାକୁ ତାଙ୍କ ଭାବନାରେ ଗ୍ରାମସ୍ୱରାଜ ସହ ଯୋଡ଼ାଯାଇ ପାରେ ।

ଉଦାହରଣ ସ୍ୱରୂପ ମାଣ୍ଡିଆ ଚାଷୀ କେବଳ ମାଣ୍ଡିଆ ବିକ୍ରି କଲେ ତାଙ୍କର ଆୟ ସୀମିତ ରହିବ । କିନ୍ତୁ ଗାଁରେ ଯଦି ମାଣ୍ଡିଆ ପରିଷ୍କାର, ପ୍ରକ୍ରିୟାକରଣ, ମାଣ୍ଡିଆ ଚୁଡ଼ା, ବିସ୍କୁଟ୍, ମିକ୍ସ, ରେଡି–ଟୁ–କୁକ୍ ଖାଦ୍ୟ, ପୋଷଣ ମିଶ୍ରଣ ଓ ବ୍ରାଣ୍ଡିଂ ହୁଏ, ତେବେ ଗୋଟିଏ ଫସଲରୁ ଅନେକ ଜୀବିକା ସୃଷ୍ଟି ହୋଇପାରେ । ଏହା ହେଉଛି ଗାନ୍ଧିଜୀଙ୍କ ଛୋଟ ଅର୍ଥନୀତିର ବଡ଼ ଶକ୍ତି । ଛୋଟ ମାନେ ଦୁର୍ବଳ ନୁହେଁ । ବିକେନ୍ଦ୍ରୀକରଣ ମାନେ ପଛକୁ ଫେରିବା ନୁହେଁ । ସ୍ଥାନୀୟ ଉତ୍ପାଦନମାନେ ବିଶ୍ୱ ବଜାରରୁ ବିଚ୍ଛିନ୍ନ ହେବା ନୁହେଁ। ବରଂ ସ୍ଥାନୀୟ ଶକ୍ତିକୁ ମଜବୁତ କରି ବିଶ୍ୱବଜାର ସହ ସମ୍ମାନଜନକ ସମ୍ପର୍କ ଗଢ଼ିବା । ଏଠାରେ ଜେ. ସି. କୁମାରପ୍ପାଙ୍କ 'ଇକୋନମି ଅଫ୍ ପରମାନେନ୍ସ' ଧାରଣା ମଧ୍ୟ ସ୍ମରଣୀୟ । କୁମାରପ୍ପା ଗାନ୍ଧିଜୀଙ୍କ ଅର୍ଥନୀତିକୁ ପ୍ରକୃତିର ଚକ୍ର ସହ ଯୋଡ଼ି ଥିଲେ । ତାଙ୍କ କହିବାନୁଯାୟୀ, ପ୍ରକୃତିରେ କିଛି ମଧ୍ୟ ସର୍ବଦା ବର୍ଜ୍ୟ ହୋଇ ରହେ ନାହିଁ ।

ଗୋଟିଏ ଜୀବର ବର୍ଜ୍ୟ ଅନ୍ୟ ଜୀବର ସମ୍ପଦ ହୋଇପାରେ । ଆଧୁନିକ ଦୁନିଆର ସର୍କୁଲାର୍ ଇକୋନୋମି ଧାରଣାରେ ପ୍ରକୃତିର ଚକ୍ରାକାର ଦର୍ଶନର ଏକ ନୂଆ ପ୍ରତିଧ୍ୱନି ଶୁଣାଯାଏ । ଘରର ଜୈବିକ ବର୍ଜ୍ୟରୁ କମ୍ପୋଷ୍ଟ, ଗୋବରରୁ ଜୈବିକ ସାର ଓ ବାୟୋଗ୍ୟାସ୍, କୃଷି ଅବଶିଷ୍ଟରୁ ପଶୁଖାଦ୍ୟ, ଧାନକୁଟାରୁ ବିଭିନ୍ନ ଉତ୍ପାଦ, ନଡ଼ିଆ ଖୋଳରୁ ମୂଲ୍ୟବାନ ପଦାର୍ଥ, ବାଉଁଶରୁ ଘରୋଇ ଓ ଶିଳ୍ପ ସାମଗ୍ରୀ ଏସବୁ କେବଳ ପରିବେଶ ଅନୁକୂଳ ନୁହେଁ ବରଂ ଗ୍ରାମୀଣ ଆୟର ନୂଆଦ୍ୱାର। ଗାନ୍ଧିଜୀଙ୍କ ଜୀବନରେ ପୁନଃବ୍ୟବହାର ଓ ସଂଯମ କୌଣସି ଆଧୁନିକ ପରିବେଶୀୟ ସ୍ଲୋଗାନ୍ ନଥିଲା ଏହା ଥିଲା ତାଙ୍କ ଜୀବନ ପ୍ରଣାଳୀର ଅଂଶ । କାଗଜ ଖାମ୍ ଠାରୁ ଆରମ୍ଭ କରି ପୋଷାକ, ଖାଦ୍ୟ ଓ ଦୈନନ୍ଦିନ ବ୍ୟବହାରରେ ସରଳତା ତାଙ୍କ ଜୀବନର ଚିହ୍ନଥିଲା ।

ସେଥିପାଇଁ ତାଙ୍କର ସରଳ ଜୀବନ, ଉଚ୍ଚ ଚିନ୍ତନ କେବଳ ବ୍ୟକ୍ତିଗତ ନୈତିକ ଆଦର୍ଶ ନୁହେଁ ଏହା ଏକ ପରିବେଶୀୟ ଦର୍ଶନ ମଧ୍ୟ । ଆଜି ଆମେ ଯେତେବେଳେ ଗୋଟିଏ ବ୍ୟବହାର ପରେ ପ୍ଲାଷ୍ଟିକ୍ ଫିଙ୍ଗିଦେଉ, କିଛି ମାସ ପରେ ନୂଆ ମୋବାଇଲ୍ କିଣୁ, ଫ୍ୟାଶନ୍ ବଦଳିଲେ ପୋଷାକ ବଦଳାଉ, ଖାଦ୍ୟ ନଷ୍ଟକରୁ ଓ ଘରର ବର୍ଜ୍ୟକୁ ଅନ୍ୟ ଏକ ଅଦୃଶ୍ୟ ସ୍ଥାନକୁ ପଠାଇଦେଉ, ସେତେବେଳେ ଗାନ୍ଧିଜୀଙ୍କ ପ୍ରଶ୍ନ ଆମ ସାମ୍ନାକୁ ଆସେ– ଆମର ଆବଶ୍ୟକତା କେଉଁଠି ଶେଷ ହେଉଛି ଓ ଲୋଭ କେଉଁଠାରୁ ଆରମ୍ଭ ହେଉଛି ?

ଏହି ପ୍ରଶ୍ନର ଉତ୍ତର କେବଳ ବ୍ୟକ୍ତିଗତ ନୁହେଁ । ରାଜ୍ୟ, ବଜାର, ଶିଳ୍ପ, ସହର, ଗ୍ରାମ, ଶିକ୍ଷା ପ୍ରଣାଳୀ ଓ ପ୍ରଶାସନ ସମସ୍ତଙ୍କୁ ଏହାର ଉତ୍ତର ଦେବାକୁ ହେବ । ଭାରତ ଆଜି ଦ୍ରୁତ ଅର୍ଥନୈତିକ ପରିବର୍ତ୍ତନର ଦିଗରେ ଅଗ୍ରସର । ଡିଜିଟାଲ୍ ଅର୍ଥନୀତି, ଷ୍ଟାର୍ଟଅପ୍, ମେକ୍ ଇନ୍ ଇଣ୍ଡିଆ, ପୁନର୍ନବୀକରଣଶୀଳ ଶକ୍ତି, ଇଲେକ୍ଟ୍ରିକ୍ ଯାନ, ସବୁଜ ଶିଳ୍ପ ଓ ବିଶାଳ ଭିତ୍ତିଭୂମି ନିର୍ମାଣ ଦେଶର ନୂଆ ଅର୍ଥନୈତିକ ଚିତ୍ର ତିଆରି କରୁଛି । ଏହା ଆବଶ୍ୟକ, କାରଣ ଭାରତର କୋଟି କୋଟି ଲୋକଙ୍କୁ ଉନ୍ନତ ଜୀବନ, ଚାକିରି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଭଲ ପରିବେଶ ଦରକାର । କିନ୍ତୁ ଗାନ୍ଧିଜୀଙ୍କ ଚିନ୍ତା ଆମକୁ ଏଠି ନୈତିକ ବ୍ରେକ୍ ଲଗାଏ । ବିକାଶ ଦରକାର, କିନ୍ତୁ କେଉଁ ମୂଲ୍ୟରେ ? ଶିଳ୍ପ ଦରକାର, କିନ୍ତୁ କେତେ ପ୍ରକୃତିକ୍ଷୟରେ ? ରାଜପଥ ଦରକାର, କିନ୍ତୁ କେତେ ଜଙ୍ଗଲ କାଟି ? ସହର ଦରକାର, କିନ୍ତୁ କେତେ ଚାଷଜମି ହରାଇ? ଖଣିଜ ଦରକାର, କିନ୍ତୁ ସ୍ଥାନୀୟ ସମୁଦାୟର ଅଧିକାର କେତେ?

ଉତ୍ପାଦନ ଦରକାର, କିନ୍ତୁ ବର୍ଜ୍ୟ କେଉଁଠାକୁ ଯିବ? ଏହି ପ୍ରଶ୍ନଗୁଡ଼ିକ କଣ ଉନ୍ନତି ବିରୋଧୀ? କଦାପିନୁହେଁ, ବରଂ ଏଗୁଡ଼ିକ ହେଉଛି ଉନ୍ନତିକୁ ଦୀର୍ଘସ୍ଥାୟୀ କରିବାର ପ୍ରଶ୍ନ । ଓଡ଼ିଶାବାସୀ ଏହି ଦ୍ୱନ୍ଦ୍ୱକୁ ନିଜ ଅନୁଭବରୁ ବୁଝିପାରିବା ଜରୁରୀ ।

ଖଣିଜ ସମ୍ପଦ ଓ ଶିଳ୍ପାୟନ ରାଜ୍ୟର ଅର୍ଥନୀତିରେ ଗୁରୁତ୍ୱ ରଖେ । ତା ସହିତ ଜଙ୍ଗଲ, ଆଦିବାସୀ ଜୀବନ, ଜଳସମ୍ପଦ, କୃଷି ଓ ବିଶାଳ ସମୁଦ୍ରତଟ ମଧ୍ୟ ଓଡ଼ିଶାର ପରିଚୟ । ତେଣୁ ଓଡ଼ିଶାର ବିକାଶ ମଡେଲ୍‌ର ସଫଳତା କେବଳ କେତେ ନିବେଶ ଆସିଲା କିମ୍ବା କେତେ ଉତ୍ପାଦନ ହେଲା ସେଥିରେ ମପାଯିବ ନାହିଁ । ଏହା ସହିତ କେତେ ସ୍ଥାୟୀ ଚାକିରି ହେଲା, କେତେ ସ୍ଥାନୀୟ ମୂଲ୍ୟ ବୃଦ୍ଧି ହେଲା, କେତେ ପରିବାରର ଆୟ ବଢ଼ିଲା, କେତେ ଜଳସ୍ରୋତ ସୁରକ୍ଷିତ ରହିଲା, କେତେ ଜଙ୍ଗଲ ରକ୍ଷାପାଇଲା ଓ କେତେ ଗାଁ ସଶକ୍ତହେଲା ଏଗୁଡ଼ିକ ମଧ୍ୟ ସମାନ ଗୁରୁତ୍ୱର ସୂଚକ ।

ଓଡ଼ିଶାର ଗ୍ରାମୀଣ ବିକାଶରେ ଏକ ଆକର୍ଷଣୀୟ ପଥ ହୋଇପାରେ 'ଗ୍ରାମୀଣ ଗ୍ରୀନ୍ ଇକୋନୋମି' । ଅର୍ଥାତ୍ ପ୍ରକୃତିକୁ ନଷ୍ଟ ନ କରି ଗ୍ରାମରୁ ଅର୍ଥନୈତିକ ମୂଲ୍ୟ ସୃଷ୍ଟି । ସୌରଶକ୍ତି, ଜୈବିକ କୃଷି, ଜଳ ସଂରକ୍ଷଣ, ବାୟୋଗ୍ୟାସ୍, ଗ୍ରାମୀଣ ଖାଦ୍ୟ ପ୍ରକ୍ରିୟାକରଣ, ଜଙ୍ଗଲଜାତ ଉତ୍ପାଦର ମୂଲ୍ୟବୃଦ୍ଧି, ବାଉଁଶ ଓ ପ୍ରାକୃତିକ ତନ୍ତୁ ଶିଳ୍ପ, ହସ୍ତତନ୍ତ, ପ୍ରାକୃତିକ ରଙ୍ଗ, ମହୁ, ଔଷଧୀୟ ଉଦ୍ଭିଦ, ମତ୍ସ୍ୟଚାଷ, ଗ୍ରାମୀଣ ପର୍ଯ୍ୟଟନ ଓ ଡିଜିଟାଲ୍ ବଜାର ଏଗୁଡ଼ିକ ଏକାଠି ହେଲେ ଗାଁ ନୂଆ ଅର୍ଥନୈତିକ କେନ୍ଦ୍ର ହୋଇପାରିବ । ଏଠାରେ ଗାନ୍ଧିଜୀଙ୍କ ଚରଖା ଏକ ପ୍ରତୀକ ଭାବରେ ଉଭାହେବ । ଚରଖା କେବଳ ସୂତା କାଟିବା ଯନ୍ତ୍ର ନୁହେଁ ।

ଏହା ଗାନ୍ଧିଙ୍କ ପାଇଁ ଥିଲା ଶ୍ରମର ମର୍ଯ୍ୟାଦା, ସ୍ୱାବଲମ୍ବନ, ବିକେନ୍ଦ୍ରୀକରଣ ଓ ଗ୍ରାମୀଣ ଜୀବିକାର ପ୍ରତୀକ । ଆଜି ଚରଖା ସ୍ଥାନରେ ସୌର ଚାଳିତ ଛୋଟ ଯନ୍ତ୍ର ଥାଇପାରେ, ଡିଜିଟାଲ୍ ମାର୍କେଟ୍ ଥାଇପାରେ, ଆଧୁନିକ ପ୍ୟାକେଜିଂ ଥାଇପାରେ, କିନ୍ତୁ ମୂଳ ଧାରଣା ସମାନ ମଣିଷର ହାତରେ ଉତ୍ପାଦନର ଶକ୍ତି । ଗାନ୍ଧି ଯଦି ବଞ୍ଚିଥାନ୍ତେ, ସେ ସମ୍ଭବତଃ ଚରଖା ସହିତ ସ୍ମାର୍ଟଫୋନ୍‌କୁ ମଧ୍ୟ ଦେଖୁଥାନ୍ତେ । ପ୍ରଶ୍ନ ହେଉଥାନ୍ତା, ସ୍ମାର୍ଟଫୋନ୍ କାହାକୁ ଶକ୍ତି ଦେଉଛି? ଯଦି ଜଣେ ଗ୍ରାମୀଣ ମହିଳା ନିଜ ହସ୍ତଶିଳ୍ପର ଛବି ଅପଲୋଡ୍ କରି ସିଧାସଳଖ ଗ୍ରାହକଙ୍କୁ ବିକ୍ରି କରିପାରନ୍ତି, ତେବେ ପ୍ରଯୁକ୍ତି ଗାନ୍ଧିଙ୍କ ମଣିଷକେନ୍ଦ୍ରିକ ଅର୍ଥନୀତିର ସହଯୋଗୀ । କିନ୍ତୁ ଯଦି ପ୍ରଯୁକ୍ତି ତାଙ୍କୁ କେବଳ ଉପଭୋକ୍ତାରେ ପରିଣତ କରେ, ତେବେ ସେହି ପ୍ରଯୁକ୍ତି ଉପରେ ପ୍ରଶ୍ନଉଠିବ ହିଁ ଉଠିବ । ଏହି କାରଣରୁ ଗାନ୍ଧିଜୀଙ୍କ ଦର୍ଶନକୁ ପୁରୁଣା ଓ ଆଧୁନିକତା ବିରୋଧୀ ବୋଲି ଖାରଜ କରିବା ଏକ ବଡ଼ ଭୁଲ୍ ହେବ ।

**ଗାନ୍ଧି ଯଦି ବଞ୍ଚିଥାନ୍ତେ, ସେ ସମ୍ଭବତଃ ଚରଖା ସହିତ ସ୍ମାର୍ଟଫୋନ୍‌କୁ ମଧ୍ୟ ଦେଖୁଥାନ୍ତେ । ପ୍ରଶ୍ନ ହେଉଥାନ୍ତା, ସ୍ମାର୍ଟଫୋନ୍ କାହାକୁ ଶକ୍ତି ଦେଉଛି? ଯଦି ଜଣେ ଗ୍ରାମୀଣ ମହିଳା ନିଜ ହସ୍ତଶିଳ୍ପର ଛବି ଅପଲୋଡ୍ କରି ସିଧାସଳଖ ଗ୍ରାହକଙ୍କୁ ବିକ୍ରି କରିପାରନ୍ତି, ତେବେ ପ୍ରଯୁକ୍ତି ଗାନ୍ଧିଙ୍କ ମଣିଷକେନ୍ଦ୍ରିକ ଅର୍ଥନୀତିର ସହଯୋଗୀ । କିନ୍ତୁ ଯଦି ପ୍ରଯୁକ୍ତି ତାଙ୍କୁ କେବଳ ଉପଭୋକ୍ତାରେ ପରିଣତ କରେ, ତେବେ ସେହି ପ୍ରଯୁକ୍ତି ଉପରେ ପ୍ରଶ୍ନଉଠିବ ହିଁ ଉଠିବ । ଏହି କାରଣରୁ ଗାନ୍ଧିଜୀଙ୍କ ଦର୍ଶନକୁ ପୁରୁଣା ଓ ଆଧୁନିକତା ବିରୋଧୀ ବୋଲି ଖାରଜ କରିବା ଏକ ବଡ଼ ଭୁଲ୍ ହେବ ।**

ତାଙ୍କ ଚିନ୍ତାର ମୂଳପ୍ରଶ୍ନ ଆଜିର ପ୍ରଯୁକ୍ତିକୁ ମଧ୍ୟ ଅଧିକ ମାନବିକ କରିପାରେ। ଗାନ୍ଧିଜୀଙ୍କ ଅହିଂସାକୁ ମଧ୍ୟ ଏହି ପରିପ୍ରେକ୍ଷୀରେ ପୁନଃପଢ଼ିବା ଦରକାର । ଅହିଂସା କେବଳ ମଣିଷ ଉପରେ ହିଂସା ନ କରିବା ନୁହେଁ। ପ୍ରକୃତି ଉପରେ ଅତ୍ୟାଚାର ମଧ୍ୟ ଏକ ପ୍ରକାର ହିଂସା । ନଦୀକୁ ବିଷାକ୍ତ କରିବା, ମାଟିକୁ ନଷ୍ଟ କରିବା, ଜଙ୍ଗଲକୁ ଅସୀମ ଭାବରେ କାଟିବା, ପ୍ରାଣୀଙ୍କ ଆବାସ ଧ୍ୱଂସ କରିବା ଏସବୁ ମଣିଷ ଓ ପ୍ରକୃତିର ସମ୍ପର୍କରେ ହିଂସାର ରୂପ ।

ଗାନ୍ଧିଙ୍କ ଅହିଂସାର ମୂଳରେ ଥିଲା ସହଅସ୍ତିତ୍ୱ । ତାଙ୍କର ଏକ ପ୍ରସିଦ୍ଧ ବାକ୍ୟ–ଅହିଂସା ଆମ ପ୍ରଜାତିର ନିୟମ ହିଂସା ପଶୁର ନିୟମ । ଏହି ଭାବନାକୁ ଯଦି ପରିବେଶ ଦର୍ଶନ ସହ ଯୋଡ଼ାଯାଏ, ତେବେ ପୃଥିବୀକୁ ଜୟ କରିବାର ବଦଳରେ ପୃଥିବୀ ସହିତ ବଞ୍ଚିବାର ଏକ ନୂଆ ନୈତିକତା ଗଢ଼ିଉଠେ । ଜଳବାୟୁ ପରିବର୍ତ୍ତନ ଆଜି ଏହି ନୈତିକତାକୁ ଆହୁରି ଜରୁରୀ କରିଦେଇଛି । ଓଡ଼ିଶା ଏହି ଜଳବାୟୁ ଆହ୍ୱାନର ଏକ ସ୍ପଷ୍ଟ ଉଦାହରଣ ।

ଉପକୂଳ ଜିଲ୍ଲା, ନଦୀ ଉପତ୍ୟକା, କୃଷି ଅଞ୍ଚଳ, ଜଙ୍ଗଲ ଅଞ୍ଚଳ ପ୍ରତ୍ୟେକର ଜଳବାୟୁ ଅଲଗା । ତେଣୁ ସ୍ଥାୟୀ ବିକାଶର ଅର୍ଥ କେବଳ କାର୍ବନ୍ କମାଇବା ନୁହେଁ ଗାଁକୁ ବିପର୍ଯ୍ୟୟ ପ୍ରତିରୋଧୀ କରିବା, ଜଳ ସଂରକ୍ଷଣ କରିବା, ଚାଷୀଙ୍କୁ ଫସଲ ବିବିଧତା ଦେବା, ଗ୍ରାମୀଣ ଘରକୁ ସୁରକ୍ଷିତ କରିବା ଓ ସ୍ଥାନୀୟ ଜୀବିକାକୁ ବିକଳ୍ପ ଦେବା ମଧ୍ୟ ଏହାର ଅଂଶ ।

ବନ୍ୟା, ଘୂର୍ଣ୍ଣିବାତ୍ୟା, ଅତ୍ୟଧିକ ତାପ, ଅନିୟମିତ ବର୍ଷା, ଖରା, ମାଟିର ଅବକ୍ଷୟ ଓ ସମୁଦ୍ରପତନର ପ୍ରଭାବ ଏସବୁ ସ୍ଥାୟୀ ବିକାଶର ଚର୍ଚ୍ଚାକୁ କେବଳ ଏକ ବୈଜ୍ଞାନିକ ବିଷୟ ଭାବରେ ରଖିନାହିଁ ଏହାକୁ ଜୀବନର ପ୍ରଶ୍ନରେ ପରିଣତ କରିଛି ।

**ରାଜ୍ୟ ଆବାହକ,**
**ଓଡ଼ିଶା ଗାନ୍ଧିବାଦୀ ଫୋରମ୍,**
**ଅଲଣା ନଂ.୨,**
**ନାଉଗାଁହାଟ, ଜଗତସିଂହପୁର,**
**ମୋ–୭୯୭୮୨୧୮୬୮୪**

# ଭାରତରେ ପର୍ଯ୍ୟଟନର ସମ୍ଭାବନା–୨



ବିକାଶ ନାରାୟଣ ମିଶ୍ର

ଓଡ଼ିଶା ଏହି ବ୍ୟାପକ ଚିତ୍ରର ଆଉ ଏକ ଉଦାହରଣ । ପୁରୀ, କୋଣାର୍କ ଓ ଚିଲିକା ଭଳି ପରିଚିତ ଗନ୍ତବ୍ୟସ୍ଥଳୀ ବ୍ୟତୀତ ରାଜ୍ୟରେ ଅନେକ ପ୍ରାକୃତିକ ଓ ସାଂସ୍କୃତିକ ସମ୍ପଦ ରହିଛି । ହୀରାକୁଦ ଜଳଭଣ୍ଡାର ଓ ଦେବଗଡ଼, ହରିଶଙ୍କର–ନୃସିଂହନାଥ ଅଞ୍ଚଳ, ସୋନପୁରର ନଦୀ ସଙ୍ଗମ, କୋରାପୁଟର ପାହାଡ଼ ଓ ଆଦିବାସୀ ସଂସ୍କୃତି ଏବଂ ଉତ୍ତର ଓଡ଼ିଶାର ଶିମିଳିପାଳ ଭଳି ସ୍ଥାନଗୁଡ଼ିକ ନିଜସ୍ୱ ପର୍ଯ୍ୟଟନ ଅନୁଭୂତି ପ୍ରଦାନ କରିପାରନ୍ତି ।

କିନ୍ତୁ ଏହି ଆହ୍ୱାନ କେବଳ ଓଡ଼ିଶାର ନୁହେଁ । ଭାରତର ପ୍ରାୟ ପ୍ରତ୍ୟେକ ରାଜ୍ୟରେ ଏପରି ଅନେକ ଅଳ୍ପ–ପରିଚିତ ସ୍ଥାନ ରହିଛ, ଯାହା ଆମର ପର୍ଯ୍ୟଟନ ମାନଚିତ୍ର, ଆମର ପର୍ଯ୍ୟଟନ ଭିତ୍ତିଭୂମି ମାନଚିତ୍ରଠାରୁ ବହୁତ ବଡ଼ ।

ଆଉ ଏକ ସମସ୍ୟା ହେଉଛି ଉପସ୍ଥାପନା । ଆମେ ପ୍ରାୟତଃ ଧରିନେଉ ଯେ କୌଣସି ସ୍ଥାନ ଐତିହାସିକ କିମ୍ବା ପ୍ରାକୃତିକ ଭାବେ ସୁନ୍ଦର ହେଲେ ପର୍ଯ୍ୟଟକ ସ୍ୱତଃସ୍ଫୂର୍ତ୍ତ ଭାବେ ସେଠାକୁ ଯିବେ । କିନ୍ତୁ ପର୍ଯ୍ୟଟନ କେବଳ ସ୍ଥାନ ନୁହେଁ ଏହା କାହାଣୀ ଓ ଅନୁଭୂତିର ମଧ୍ୟ ବ୍ୟବସାୟ ।

କାହିଁକି କେହି ହମ୍ପିରେ ଦୁଇ ଦିନ ବିତାଇବେ ? କୋଣାର୍କକୁ କ'ଣ ଅସାଧାରଣ କରିଛି ? କାହିଁକି ଜଣେ ପର୍ଯ୍ୟଟକ ବାରାଣସୀ ପରେ ଆହୁରି ଆଗକୁ ଯାଇ ବୌଦ୍ଧ ଓ ଆଧ୍ୟାତ୍ମିକ ସର୍କିଟ୍ ଅନୁସନ୍ଧାନ କରିବେ ? ଉତ୍ତର–ପୂର୍ବର ଜୀବନ୍ତ ପରମ୍ପରା କିମ୍ବା ମଧ୍ୟ ଓ ପୂର୍ବ ଭାରତର ଆଦିବାସୀ ସଂସ୍କୃତି କାହିଁକି ବିଶ୍ୱ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ?

ପର୍ଯ୍ୟଟକ କେବଳ ସ୍ମାରକ ଦେଖିବାକୁ ଆସେ ନାହିଁ ବିଶ୍ୱ ଅନୁଭୂତି, କାହାଣୀ ଓ ସ୍ମୃତି ଖୋଜିବସେ ।

ତେଣୁ ଭାରତକୁ ସ୍ମାରକ–କେନ୍ଦ୍ରିକ ପର୍ଯ୍ୟଟନରୁ ଅନୁଭୂତି–କେନ୍ଦ୍ରିକ ପର୍ଯ୍ୟଟନ ଆଡ଼କୁ ଯିବାକୁ ପଡ଼ିବ । ଆମର ପର୍ବପର୍ବାଣୀ, ଖାଦ୍ୟ, ଗାଁ ହସ୍ତଶିଳ୍ପ, ବୟନଶିଳ୍ପ, ସଙ୍ଗୀତ, ନୃତ୍ୟ, ବନ୍ୟଜନ୍ତୁ ଓ ପାରମ୍ପରିକ ଜ୍ଞାନକୁ ସେମାନଙ୍କର ସ୍ୱାଭାବିକତା ନଷ୍ଟ ନକରି ସୁଚିନ୍ତିତ ପର୍ଯ୍ୟଟନ ଅନୁଭୂତିରେ ପରିଣତ କରାଯାଇପାରେ ।

ଆଉ ଏକ ବିରୋଧାଭାସ ରହିଛି । ଭାରତୀୟମାନେ ଅଧିକରୁ ଅଧିକ ସଂଖ୍ୟାରେ ବିଦେଶ ଯାତ୍ରା କରୁଛନ୍ତି । ୨୦୨୫ରେ ଭାରତୀୟ ନାଗରିକଙ୍କ ବିଦେଶ ଯାତ୍ରା ପ୍ରସ୍ଥାନ ସଂଖ୍ୟା ପ୍ରାୟ ୩.୨୮ କୋଟି ଥିଲା ।

ସେମାନେ ୟୁରୋପ, ଉତ୍ତର ଆମେରିକା, ଦକ୍ଷିଣ–ପୂର୍ବ ଏସିଆ, ଆଫ୍ରିକା ଓ ମଧ୍ୟପ୍ରାଚ୍ୟ ଯାଉଛନ୍ତି । ଏଥିରେ କୌଣସି ଅସୁବିଧା ନାହିଁ । ଅନ୍ତର୍ଜାତୀୟ ଯାତ୍ରା ଦୃଷ୍ଟିକୋଣକୁ ବିସ୍ତୃତ କରେ ।

ଜଣେ ଭାରତୀୟ ଦୁବାଇ, ସିଙ୍ଗାପୁର, ଲଣ୍ଡନ କିମ୍ବା ପ୍ୟାରିସ୍ ଯାଇ ଥାଇ ପାରନ୍ତି, କିନ୍ତୁ ହମ୍ପି, କୋଣାର୍କ, କାଜିରଙ୍ଗା, ସାରନାଥ, ଉତ୍ତର–ପୂର୍ବ, ଆଣ୍ଡାମାନ ଓ ନିକୋବର କିମ୍ବା ଲାକ୍ଷାଦ୍ୱୀପ ଯାଇନଥାଇ ପାରନ୍ତି ।

ଅର୍ଥାତ୍, ଆମେ ନିଜ ଦେଶକୁ ନିଜ ନାଗରିକଙ୍କ ପାଖରେ ମଧ୍ୟ ସବୁବେଳେ ସଫଳତାର ସହ ପ୍ରସ୍ତୁତ କରିପାରି ନାହୁଁ ।

ପର୍ଯ୍ୟଟନକୁ କେବଳ ବିଦେଶୀ ମୁଦ୍ରାର ଚଷମାରେ ଦେଖିବା ମଧ୍ୟ ଉଚିତ ନୁହେଁ । ଏହା ହୋଟେଲ, ରେଷ୍ଟୁରାଣ୍ଟ, ପରିବହନ, ଗାଇଡ୍, କାରିଗର, ଫଟୋଗ୍ରାଫର, ସ୍ଥାନୀୟ ବ୍ୟବସାୟୀ, ହସ୍ତଶିଳ୍ପ, ହସ୍ତତନ୍ତ, MSME ଓ ଅନେକ ଅନୌପଚାରିକ ପେସା ପାଇଁ ରୋଜଗାର ସୃଷ୍ଟି କରେ ।

ପର୍ଯ୍ୟଟନ ମନ୍ତ୍ରାଳୟ ଅନୁଯାୟୀ, ୨୦୨୩–୨୪ରେ ଭାରତରସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ (GDP)ରେ ପର୍ଯ୍ୟଟନର ଅବଦାନ ୫.୨୨ ପ୍ରତିଶତ ଥିଲା ଏବଂ ପ୍ରାୟ ୮.୪୬ କୋଟି ପର୍ଯ୍ୟଟନ–ସମ୍ପର୍କିତ ଚାକିରିକୁ ଏହା ସମର୍ଥନ କରିଥିଲା ।

ଅଧିକ ଜନସଂଖ୍ୟା ଓ ଆଞ୍ଚଳିକ ବୈଷମ୍ୟ ଥିବା ଏକ ଦେଶ ପାଇଁ ଏହା ପର୍ଯ୍ୟଟନକୁ ବିଶେଷ ଗୁରୁତ୍ୱ ଦିଏ । ଏକ ଛୋଟ ସହର କିମ୍ବା ଗାଁରେ ପର୍ଯ୍ୟଟକଙ୍କ ଖର୍ଚ୍ଚ ସ୍ଥାନୀୟ ଅର୍ଥନୀତିରେ ଏକ ବଡ଼ ଗୁଣକ ପ୍ରଭାବ ସୃଷ୍ଟି କରିପାରେ । ତେଣୁ ପର୍ଯ୍ୟଟନ ସମାବେଶୀ ଆଞ୍ଚଳିକ ବିକାଶର ଏକ ଶକ୍ତିଶାଳୀ ଉପକରଣ ହୋଇପାରେ ।

କିନ୍ତୁ ଏହା କେବଳ ପର୍ଯ୍ୟଟନ ମନ୍ତ୍ରାଳୟର ଦାୟିତ୍ୱ ନୁହେଁ । ସରକାରଙ୍କୁ ଯୋଗାଯୋଗ, ଭିତ୍ତିଭୂମି, ସୁରକ୍ଷା, ପରିମଳ, ସଂରକ୍ଷଣ ଓ ନୀତିଗତ ସମର୍ଥନ ଯୋଗାଇବାକୁ ପଡ଼ିବ । ଘରୋଇ କ୍ଷେତ୍ରକୁ ହୋଟେଲ, ପରିବହନ, ପର୍ଯ୍ୟଟନ ଅନୁଭୂତି, ପ୍ରଯୁକ୍ତି ଓ ଡେଷ୍ଟିନେସନ୍ ମ୍ୟାନେଜମେଣ୍ଟରେ ନିବେଶ କରିବାକୁ ପଡ଼ିବ ।

ରାଜ୍ୟଗୁଡ଼ିକୁ ନିଜର ବିଶେଷ ପର୍ଯ୍ୟଟନ ପରିଚୟ ଚିହ୍ନଟ କରି ଏକକ ସ୍ଥଳୀ ନୁହେଁ, ସଂଯୋଜିତ ପର୍ଯ୍ୟଟନ ସର୍କିଟ୍ ବିକଶିତ କରିବାକୁ ପଡ଼ିବ । ସ୍ଥାନୀୟ ସମୁଦାୟକୁ କେବଳ ଦର୍ଶକ ନୁହେଁ, ହିତାଧିକାରୀ କରିବା ଆବଶ୍ୟକ ।

ନାଗରିକମାନଙ୍କର ମଧ୍ୟ ଏଥିରେ ଭୂମିକା ରହିଛି । ଆମର ପାରମ୍ପରିକ ଦର୍ଶନ କୁହେ–'ଅତିଥି ଦେବୋ ଭବଃ' । କିନ୍ତୁ ଏକ ସ୍ଲୋଗାନ୍ ସେତେବେଳେ ହିଁ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ତାହା ଆମ ବ୍ୟବହାରରେ ପ୍ରତିଫଳିତ ହୁଏ । ପର୍ଯ୍ୟଟକ କେବଳ ସ୍ମାରକକୁ ମନେ ରଖେ ନାହିଁ ସେ ଏହା ମଧ୍ୟ ମନେ ରଖେ ଯେ ତାଙ୍କ ସହ କିପରି ବ୍ୟବହାର କରାଗଲା–ସ୍ଥାନଟି ପରିଷ୍କାର ଥିଲା କି ନାହିଁ, ମୂଲ୍ୟ ନିର୍ଦ୍ଧାରଣ ସ୍ୱଚ୍ଛ ଥିଲା କି ନାହିଁ, ସେ ନିଜକୁ ସୁରକ୍ଷିତ ମନେ କରି ପାରିବେ କି ନାହିଁ । ତେବେ ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସତର୍କତା ମଧ୍ୟ ରହିଛି । ପର୍ଯ୍ୟଟନ ବିକାଶର ଅର୍ଥ ଅସୀମ ବାଣିଜ୍ୟକରଣ ନୁହେଁ ।

ଭାରତର ଐତିହ୍ୟ ଅତ୍ୟନ୍ତ ସମ୍ବେଦନଶୀଳତା । ଐତିହାସିକ ସ୍ମାରକ, ପୁରୁଣା ସହର, ନଦୀ, ଜଙ୍ଗଲ, ପାହାଡ଼, ସମୁଦ୍ରତଟ ଓ ଆଦିବାସୀ ସଂସ୍କୃତିକୁ କେବଳ ବାଣିଜ୍ୟିକ ସାମଗ୍ରୀ ଭାବେ ଦେଖାଯାଇ ପାରିବ ନାହିଁ । ମୂଳ ନୀତି ହେବା ଉଚିତ–ପ୍ରଥମେ ସଂରକ୍ଷଣ, ତା'ପରେ ପ୍ରଚାର ।

ପର୍ଯ୍ୟଟକଙ୍କ ଧାରଣ କ୍ଷମତା, ଅଳିଆ ପରିଚାଳନା, ଜଳ ସଂରକ୍ଷଣ, ସ୍ଥାନୀୟ ଅଂଶଗ୍ରହଣ ଏବଂ ଐତିହ୍ୟ–ସମ୍ବେଦନଶୀଳ ନିର୍ମାଣ ପର୍ଯ୍ୟଟନ ଯୋଜନାର ଅବିଚ୍ଛିନ୍ନ ଅଂଶ ହେବା ଆବଶ୍ୟକ ।

ଭାରତ ହଜାର ହଜାର ବର୍ଷ ଧରି ନିଜର ପର୍ଯ୍ୟଟନ ସମ୍ପଦ ସୃଷ୍ଟି କରିଆସିଛି । ଏବେ ଆମର କାର୍ଯ୍ୟ ହେଉଛି–ସେଗୁଡ଼ିକୁ ସଂରକ୍ଷଣ କରିବା, ପରସ୍ପର ସହ ଯୋଡ଼ିବା ଏବଂ ଯେଉଁ ସମୁଦାୟଗୁଡ଼ିକ ଏହି ଐତିହ୍ୟକୁ ଜୀବନ୍ତ ରଖିଛନ୍ତି, ସେମାନଙ୍କ ପାଖରେ ଏହାର ଲାଭ ପହଞ୍ଚାଇବା ।

ଲକ୍ଷ୍ୟ କେବଳ ଅଧିକ ପର୍ଯ୍ୟଟକ ନୁହେଁ ବରଂ ଅଧିକ ସମୃଦ୍ଧ ଅନୁଭୂତି, ଦୀର୍ଘ ସମୟର ରହଣି, ଅଧିକ ସ୍ଥାନୀୟ ରୋଜଗାର ଏବଂ ପର୍ଯ୍ୟଟନ ଆୟର ବ୍ୟାପକ ବଣ୍ଟନ ।

**ଭାରତ ହଜାର ହଜାର ବର୍ଷ ଧରି ନିଜର ପର୍ଯ୍ୟଟନ ସମ୍ପଦ ସୃଷ୍ଟି କରିଆସିଛି । ଏବେ ଆମର କାର୍ଯ୍ୟ ହେଉଛି–ସେଗୁଡ଼ିକୁ ସଂରକ୍ଷଣ କରିବା, ପରସ୍ପର ସହ ଯୋଡ଼ିବା ଏବଂ ଯେଉଁ ସମୁଦାୟଗୁଡ଼ିକ ଏହି ଐତିହ୍ୟକୁ ଜୀବନ୍ତ ରଖିଛନ୍ତି, ସେମାନଙ୍କ ପାଖରେ ଏହାର ଲାଭ ପହଞ୍ଚାଇବା । ଲକ୍ଷ୍ୟ କେବଳ ଅଧିକ ପର୍ଯ୍ୟଟକ ନୁହେଁ ବରଂ ଅଧିକ ସମୃଦ୍ଧ ଅନୁଭୂତି, ଦୀର୍ଘ ସମୟର ରହଣି, ଅଧିକ ସ୍ଥାନୀୟ ରୋଜଗାର ଏବଂ ପର୍ଯ୍ୟଟନ ଆୟର ବ୍ୟାପକ ବଣ୍ଟନ ।**

ଏଥିପାଇଁ ଆମକୁ ଚିନ୍ତାଧାରା ବଦଳାଇବାକୁ ପଡ଼ିବ । ପର୍ଯ୍ୟଟନ କେବଳ ସ୍ମାରକ, ହୋଟେଲ କିମ୍ବା ବିଦେଶୀ ମୁଦ୍ରା ନୁହେଁ । ଏହା ଭିତ୍ତିଭୂମି, ଐତିହ୍ୟ, ଆତିଥ୍ୟ, କାହାଣୀ କହିବା ଏବଂ ସ୍ଥାୟୀ ସମ୍ପର୍କର ସମନ୍ୱୟ କରାଯିବା ।

ତାଜମହଲକୁ ଆମକୁ ପୁଣି ନିର୍ମାଣ କରିବାକୁ ପଡ଼ିବ ନାହିଁ । ହିମାଳୟକୁ ଆମକୁ ତିଆରି କରିବାକୁ ପଡ଼ିବ ନାହିଁ । ଗଙ୍ଗା ପାଇଁ ଜଣେ ବ୍ରାଣ୍ଡ କନ୍ସଲ୍ଟାଣ୍ଟର ଆବଶ୍ୟକତା ନାହିଁ ।

ଆମକୁ କେବଳ ଏପରି ଏକ ପର୍ଯ୍ୟଟନ ପରିବେଶ ଗଢ଼ିବାକୁ ହେବ, ଯାହା ଅଧିକ ଲୋକଙ୍କୁ ଏହି ଅସାଧାରଣ ଐତିହ୍ୟର ମହତ୍ତ୍ୱକୁ ଅନୁଭବ କରିବାର ସୁଯୋଗ ଦେବ ।

ବିଶ୍ୱ ପର୍ଯ୍ୟଟନ ଦିବସରେ ଭାରତ ସମ୍ମୁଖରେ ଥିବା ସୁଯୋଗ ଅସୀମ । ପର୍ଯ୍ୟଟନ ଆମର ସଭ୍ୟତାଗତ ଐତିହ୍ୟ ଓ ବିକଶିତ ଭାରତର ଆକାଂକ୍ଷା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ହୋଇପାରେ ।

ଏହା ଜୀବିକା ସୃଷ୍ଟି କରିବା ସହ ଅର୍ଥନୈତିକ କାର୍ଯ୍ୟକଳାପକୁ ପାରମ୍ପରିକ କେନ୍ଦ୍ରଗୁଡ଼ିକ ବାହାରେ ମଧ୍ୟ ବିସ୍ତାର କରିପାରେ ।
ବିଶ୍ୱ ଭାରତକୁ ନେଇ ଉତ୍ସୁକ ।

ଏବେ ଆମର କାମ ହେଉଛି–ବିଶ୍ୱକୁ ଏବଂ ଭାରତୀୟମାନଙ୍କୁ ନିଜ ଦେଶକୁ ଆହୁରି ସହଜରେ ଆବିଷ୍କାର କରିବାର ସୁଯୋଗ ଦେବା ।

**ସି–୨୭୮, ସେଇଖସରାଇ–୧**
**ନୂଆଦିଲ୍ଲୀ–୧୧୦୦୧୭**
**ମୋ–୮୧୩୦୨୨୭୯୭୯**

## ବିଶ୍ୱ ହୃଦୟ ଦିବସ ଅବସରରେ

# କେୟାର ହସ୍ପିଟାଲ୍ ଭୁବନେଶ୍ୱର ଏବଂ ନାଲ୍‌କୋର ମିଳିତ ହୃଦୟ ସ୍ୱାସ୍ଥ୍ୟ ପଦଯାତ୍ରା

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ହୃଦୟ ଦିବସ ଅବସରରେ କେୟାର ହସ୍ପିଟାଲ୍ ଭୁବନେଶ୍ୱର ଏବଂ ନାଲକୋର ମିଳିତ ଆନୁକୂଲ୍ୟରେ ନାଲକୋ ନଗର (ଟାଉନସିପ୍) ଠାରେ ଏକ ୱାକାଥନ୍ (ପଦଯାତ୍ରା) ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କେୟାର ହସ୍ପିଟାଲ୍ସର "ଟାଇମ୍ ଟୁ ବ୍ରେକ୍ ଅପ୍" ଅଭିଯାନର ଏକ ଅଂଶବିଶେଷ ଥିଲା, ଯାହା ଲୋକଙ୍କୁ ତମାଖୁ ସେବନ, ଅସ୍ୱାସ୍ଥ୍ୟକର ଖାଦ୍ୟ, ଅଧିକ ସମୟ ବସି ରହିବା, ଅନିୟମିତ ନିଦ୍ରା ଏବଂ ସ୍ୱାସ୍ଥ୍ୟ ପରୀକ୍ଷାରେ ବିଳମ୍ବ କରିବା ଭଳି ଖରାପ ଅଭ୍ୟାସଗୁଡ଼ିକୁ ଛାଡ଼ିବା ପାଇଁ ଉତ୍ସାହିତ କରିଥାଏ। ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏବଂ ନାଲକୋର ଅନ୍ୟାନ୍ୟ ନେତୃବୃନ୍ଦ ଏହି ୱାକାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କେୟାର ହସ୍ପିଟାଲ୍ସର ଜୋନାଲ ମୁଖ୍ୟ ପରିଚାଳନା ଅଧିକାରୀ କିସଲେ ଆନନ୍ଦ, ଡାକ୍ତର, ନର୍ସ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ୱାକାଥନରେ କେୟାର ହସ୍ପିଟାଲ୍ସର ବରିଷ୍ଠ ବିଶେଷଜ୍ଞମାନେ ସାମିଲ ହୋଇଥିଲେ, ଯେଉଁଥିରେ କାର୍ଡିଓଲୋଜି ବିଭାଗର କ୍ଲିନିକାଲ ଡାଇରେକ୍ଟର ଓ ବିଭାଗୀୟ ମୁଖ୍ୟ ଡାକ୍ତର ମହେନ୍ଦ୍ର ପ୍ରସାଦ ତ୍ରିପାଠୀ; କାର୍ଡିଆକ୍ ସର୍ଜରୀ ବିଭାଗର କ୍ଲିନିକାଲ ଡାଇରେକ୍ଟର ଓ ବିଭାଗୀୟ ମୁଖ୍ୟ ଡାକ୍ତର ବି.ବି. ମହାନ୍ତି: କାର୍ଡିଓଲୋଜି ବିଭାଗର କ୍ଲିନିକାଲ ଡାଇରେକ୍ଟର ଡାକ୍ତର ଗିରିଧାରୀ ଜେନା; ଏବଂ କାର୍ଡିଆକ୍ ସର୍ଜରୀ ବିଭାଗର ଆସୋସିଏଟ୍ କ୍ଲିନିକାଲ ଡାଇରେକ୍ଟର ଡାକ୍ତର ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ୮ ବିଜେଡ଼ି ବିଧାୟକଙ୍କ ସଭ୍ୟପଦ ରଦ୍ଦ ମାମଲା

# ଅନ୍ୟ ଏକ ଖଣ୍ଡପୀଠରେ ହେବ ଶୁଣାଣି

କଟକ, (ସବ୍ୟୁ): ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଭୋଟ୍ ଦେଇଥିବା ୮ ଜଣ ବିଜେଡ଼ି ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲାରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଆଜି ଏହି ମାମଲାକୁ ଶୁଣାଣି ପାଇଁ ମନା କରି ଦେଇଛନ୍ତି। ଏହି ମାମଲା ଏବେ ମୁଖ୍ୟ ବିଚାରପତିଙ୍କ ନିକଟକୁ ଯିବ। ମୁଖ୍ୟ ବିଚାରପତିଙ୍କ ନିଷ୍ପତ୍ତିକ୍ରମେ ଅନ୍ୟ ଏକ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରାଯିବ। ବିଜେଡ଼ି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲୀକଙ୍କ ଏହି ମାମଲା ରୁଜୁ କରିଛନ୍ତି। ଗତ ମାର୍ଚ୍ଚରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ଦଳୀୟ ହୁଇପ୍‌କୁ ଅମାନ୍ୟ କରି ବିଜେଡ଼ିରୁ ଜିତିଥିବା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼, ରମାକାନ୍ତ ଭୋଇ, ସୁବାସିନୀ ଜେନା, ନବକିଶୋର ମଲ୍ଲୀକ, ଚକ୍ରଧର କଅଁର ପ୍ରମୁଖ କ୍ରସ୍ ଭୋଟିଂ କରିଥିଲେ। ଏହିସବୁ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ପ୍ରଥମେ ବିଜେଡ଼ି ପକ୍ଷରୁ ବାଚସ୍ପତିଙ୍କ ନିକଟରେ ଆବେଦନ କରାଯାଇଥିଲା। ୮ ବିଧାୟକ ଦଳୀୟ ହୁଇପ୍ ନମାନି ଦଳ ନିଷ୍ପତ୍ତି ବିରୋଧରେ ଯାଇଥିବାରୁ ସମ୍ବିଧାନର ଦଶମ ପରିଚ୍ଛେଦ ଅନୁଯାୟୀ ସେମାନଙ୍କର ସଭ୍ୟପଦ ରଦ୍ଦ କରିବାକୁ ଦାବି କରାଯାଇଥିଲା। ମାତ୍ର ଗତ ଜୁନ୍ ୨୨ରେ ବାଚସ୍ପତି ସୁରମା ପାଢ଼ୀ ଏହି ଆବେଦନକୁ ଖାରଜ କରି ଦେଇଥିଲେ। ବିଧାନସଭା ରୁଲ୍-୬ର ସବ୍‌ରୁଲ୍-୬ ଓ ୭ ଅନୁଯାୟୀ ପ୍ରମାଣ ଓ ତଥ୍ୟ ଉପସ୍ଥାପନ ହୋଇନଥିବାରୁ ଏହି ଆବେଦନ ଖାରଜ ହୋଇଥିଲା ବୋଲି ବାଚସ୍ପତିଙ୍କ ପକ୍ଷରୁ କୁହାଯାଇଥିଲା। ବାଚସ୍ପତିଙ୍କ ଏହି ଆଦେଶ ବିରୋଧରେ ବିଜେଡ଼ି ହାଇକୋର୍ଟକୁ ଆସିଛି। ବିଜେଡ଼ି ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନ୍‌ଗୋ ମାମଲା ପରିଚାଳନା କରୁଥିଲାବେଳେ ଆଇନଜୀବୀ ଆଶିଷ ମିଶ୍ର ସହଯୋଗ କରୁଛନ୍ତି।

# ଡ୍ରିମ୍ସ ସ୍କୁଲ ଅଫ ନର୍ସିଂରେ ବିଶ୍ୱ ହୃତ୍‌ପିଣ୍ଡ ଦିବସ

କଟକ, (ସ୍ୱପ୍ର): ଡ୍ରିମ୍ସ ନର୍ସିଂ ସ୍କୁଲ ପକ୍ଷରୁ ବିଶ୍ୱ ହୃତପିଣ୍ଡ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଭଟିମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମକୁ ଉଦଘାଟନ କରି ହୃଦରୋଗର କାରଣ ଓ ନିରାକରଣ ସଂପର୍କରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା. ବିଶ୍ୱ ପ୍ରକାଶ ଭୋଇ, ଡା. ଅମୀୟ ପ୍ରସାଦ ଦାସ ହୃତ୍‌ପିଣ୍ଡ ଶରୀରର ଏକ ମୁଖ୍ୟ ଅଙ୍ଗ ହୋଇଥିବାରୁ ଏହାକୁ ସୁସ୍ଥ ରଖିବା ଲାଗି ପ୍ରତ୍ୟେକ ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଏକାଙ୍କିକା ପ୍ରଦର୍ଶନ ମାଧ୍ୟମରେ ସୁସ୍ଥ ହୃତ୍‌ପିଣ୍ଡ ପାଇଁ ଯନି ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ, ମଦ୍ୟ, ଧୂମ୍ରପାନ ବର୍ଜନ ସହିତ ଜୀବନ ଶୈଳୀରେ ପରିବର୍ତ୍ତନ ଲୋଡ଼ା ବୋଲି ଲୋକଙ୍କୁ ସଚେତନ କରିଥିଲେ। ଶିକ୍ଷାନୁଷ୍ଠାନର ଡିନ୍ ଡ. ପ୍ରଥିମା ପ୍ରକାଶମ୍ ଏବଂ ସହଯୋଗୀ ଡିନ୍ ଏନ୍ ପ୍ରେମଲତା ଦେବୀଙ୍କ ମାର୍ଗଦର୍ଶନରେ ସହଯୋଗୀ ପ୍ରାଧ୍ୟାପିକା ରେଣୁବାଳା ପ୍ରଧାନ, ସହକାରୀ ପ୍ରାଧ୍ୟାପିକା ରୋଜାଲିନ୍ ଦାଶ, ଅଧ୍ୟାପିକା ସାବିତ୍ରୀ ଦଳାଇ ଓ ଅନନ୍ୟା ମାଇତି ପରିଚାଳନା କରିଥିଲେ। ସର୍ଜିକାଲ ନର୍ସିଂ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏସ୍‌ସି ନର୍ସିଂ ଶେଷ ବର୍ଷ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




## ପ୍ରଭାବିତ ଅଞ୍ଚଳରେ ରିଲିଫ୍, ଜରୁରୀକାଳୀନ ପଦକ୍ଷେପ ଜାରି

# ୪ ଜିଲ୍ଲାକୁ ୧୦କୋଟି ରିଲିଫ ଲାଗି ସହାୟତା ଘୋଷଣା

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ବର୍ଷାର ପରିମାଣ କମିବା ସହ ସାମଗ୍ରିକ ପରିସ୍ଥିତିରେ ସୁଧାର ଆସୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର ମାଧ୍ୟମରେ ଜିଲ୍ଲା ଇମର୍ଜେନ୍ସି ଅପରେସନ୍ ସେଣ୍ଟର ସହ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି। ସ୍ଥାନୀୟ ବନ୍ୟା, ତଳିଆ ଅଞ୍ଚଳରେ ଜଳବନ୍ଦୀ ଓ ଅନ୍ୟାନ୍ୟ ପାଣିପାଗଜନିତ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନଗୁଡ଼ିକ ମଧ୍ୟ ସତର୍କ ରହିଛନ୍ତି। ବର୍ଷାରେ କ୍ଷୟକ୍ଷତି ହୋଇଥିବା ନବରଙ୍ଗପୁର ଜିଲ୍ଲାକୁ ୫ କୋଟି ଟଙ୍କା, ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ୨କୋଟି ଲେଖାଏଁ ଓ ଝାରସୁଗୁଡ଼ା ଜିଲ୍ଲାକୁ ୧କୋଟି ଟଙ୍କା ମୋଟ ୧୦କୋଟି ଟଙ୍କା ରିଲିଫ ବଣ୍ଟନ ଲାଗି ସହାୟତା ଘୋଷଣା କରାଯାଇଛି। ସେପେଟମ୍ବର ୧ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସମୁଦାୟ ୩୧୬.୨ ମିମି ବର୍ଷା ହୋଇଛି। ଏହି ସମୟର ସ୍ୱାଭାବିକ ହାରାହାରି ବର୍ଷା ୨୩୩.୪ ମିମି ତୁଳନାରେ ଏହା ୩୫.୫ ପ୍ରତିଶତ ଅଧିକ। ରାଜ୍ୟର ପ୍ରସ୍ତୁତି ଓ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାର ଅଂଶ ଭାବେ ବର୍ତ୍ତମାନ ୩୬ଟି ଓଡ୍ରାଫ୍ ଏବଂ ୭ଟି ଏନଡିଆର୍‌ଏଫ୍ ସମେତ ମୋଟ ୪୩ଟି ଟିମ୍ ନିୟୋଜିତ ଅଛନ୍ତି। ବାଲେଶ୍ୱରରେ ୧୪ଟି, ଭଦ୍ରକରେ ୯ଟି, କୋରାପୁଟରେ ୪ଟି, ଯାଜପୁରରେ ୪ଟି, ଜଗତସିଂହପୁରରେ ୩ଟି ଏବଂ ନବରଙ୍ଗପୁରରେ ୨ଟି ଟିମ୍ ନିୟୋଜିତ ଅଛନ୍ତି। ଏଥିସହ ଓଏସ୍‌ଏପି ୬ଷ୍ଠ ବାଟାଲିୟନ, କଟକ ଏବଂ ଏନଡିଆର୍‌ଏଫ୍ ୩ୟ ବାଟାଲିୟନ, ମୁଣ୍ଡଳୀଠାରେ ରିଜର୍ଭ ଟିମ୍ ପ୍ରସ୍ତୁତ ରଖାଯାଇଛି। ନିୟୋଜିତ ଏହି ପ୍ରଶିକ୍ଷିତ ପ୍ରତିକ୍ରିୟାଶୀଳ ଟିମଗୁଡ଼ିକ ପରିସ୍ଥିତି ଅନୁଯାୟୀ ଉଦ୍ଧାର, ସ୍ଥାନାନ୍ତର ଓ ଜରୁରୀକାଳୀନ ପ୍ରତିକ୍ରିୟା ପାଇଁ ପ୍ରସ୍ତୁତ ରହିଛନ୍ତି। ପ୍ରଭାବିତ ଅଞ୍ଚଳରେ ଜିଲ୍ଲା ପ୍ରଶାସନଗୁଡ଼ିକ ପକ୍ଷରୁ ସତର୍କତାମୂଳକ ସ୍ଥାନାନ୍ତର ଓ ରିଲିଫ୍ ବ୍ୟବସ୍ଥା ଜାରି ରହିଛି। ୧୩,୨୨୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଏବଂ ୪୯ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି, ଯେଉଁଠାରେ ସ୍ଥାନାନ୍ତରିତ ଲୋକଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରାଯାଉଛି।

ବାଲେଶ୍ୱର, ନବରଙ୍ଗପୁର, ଯାଜପୁର, ଭଦ୍ରକ, ସମ୍ବଲପୁର, ବରଗଡ଼, କନ୍ଧମାଳ ଏବଂ ଜଗତସିଂହପୁର ଜିଲ୍ଲାର କେତେକ ଅଞ୍ଚଳ ପ୍ରଭାବିତ ହୋଇଛି। ସମ୍ପୃକ୍ତ ଜିଲ୍ଲା ପ୍ରଶାସନଗୁଡ଼ିକ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି। ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଗୋଖାଦ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଗୋଖାଦ୍ୟ ଯୋଗାଣ ମଧ୍ୟ ସୁନିଶ୍ଚିତ କରାଯାଇଛି। ସମୁଦାୟ ୯୦୭.୦୪ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର ପକ୍ଷରୁ ସମସ୍ତ ଜିଲ୍ଲା ଇମର୍ଜେନ୍ସି ଅପରେସନ୍ ସେଣ୍ଟର ସହ ସମନ୍‌ଓ୍ୱୟ ରକ୍ଷା କରି ୨୪ ଘଣ୍ଟିଆ ଭିତ୍ତିରେ ପରିସ୍ଥିତି ଉପରେ ନଜର ରଖାଯାଉଛି।

## ପ୍ଲାଟଫର୍ମରେ ଖସିପଡ଼ିଥିବା ଯାତ୍ରୀଙ୍କ ଡାକ୍ତରଖାନାରେ ମୃତ୍ୟୁ

ଜଟଣୀ, (ସବ୍ୟୁ) : ସୁଦୂର ରାଜସ୍ଥାନର ମାଧପୁର ଜିଲ୍ଲାର ବାବୁଲାଲ ଶର୍ମା (୭୦) ନାମକ ଜଣେ ବୃଦ୍ଧ ବ୍ୟକ୍ତିଙ୍କ ଟ୍ରେନରେ ଯାତ୍ରା କରୁଥିବା ସମୟରେ ପ୍ଲାଟଫର୍ମରେ ପଡିଯିବା ଫଳରେ ଆହତ ହୋଇ ପରବର୍ତ୍ତୀ ସମୟରେ ମୃତ୍ୟୁ ହୋଇଥିବା ଖବର ମିଳିଛି। ଜିଆରପି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗାଡ଼ି ନମ୍ବର ୨୦୪୭୧ ଗଙ୍ଗାନଗର ପୁରୀ ଏକ୍ସପ୍ରେସ ଯୋଗେ ସ୍ୱର୍ଗତଃ ଶ୍ରୀ ଶର୍ମା ପୁରୀ ଯାଉଥିଲେ। ଗାଡିଟି ଭୁବନେଶ୍ୱର ଷ୍ଟେସନରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଲାଗିବା ପରେ ସେ କୌଣସି କାରଣ ବଶତଃ ଟ୍ରେନରୁ ଓହ୍ଲାଇ ଥିଲେ କ୍ଷ ତେବେ ଟ୍ରେନ ଛାଡିବା କ୍ଷଣି ସେ ଚଢୁ ଚଢୁ ପ୍ଲାଟଫର୍ମରେ ଖସିପଡ଼ି ଆହତ ହୋଇଥିଲେ କ୍ଷ ରେଳସୁରକ୍ଷା କର୍ମଚାରୀ ମାନେ ତାଙ୍କୁ ଚିକିତ୍ସା ନିମନ୍ତେ ନେବା ପରିବର୍ତ୍ତେ ସେହି ଟ୍ରେନରେ ବସାଇଦେଇ ନିଜ କର୍ତ୍ତବ୍ୟ ସାରିଦେଇଥିଲେ ବୋଲି ସେହି ବଗିରେ ଯାତ୍ରା କରୁଥିବା ଯାତ୍ରୀ ମାନଙ୍କ ଠାରୁ ଶୁଣିବାକୁ ମିଳିଥିଲା। ଟ୍ରେନ ଟି ୧୦:୪୫ ମିନିଟରେ ଖୋର୍ଦ୍ଧାରୋଡ୍ ଷ୍ଟେସନରେ ପହଞ୍ଚିବା ପରେ ସାହାଯ୍ୟ କରିବାକୁ କୌଣସି ଆରପିଏଫ କର୍ମଚାରୀ ନଆସିବାରୁ ତାଙ୍କ ସହିତ ଯାତ୍ରା କରୁଥିବା ଅନ୍ୟ ଜଣେ ସହଯୋଗୀ ଟ୍ରେନର ଚେନ ପୁଲ କରିଥିଲେ କ୍ଷ ତେଣୁ ସଙ୍ଗେସଙ୍ଗେ ଆରପିଏଫ ଓ ଜିଆରପି କର୍ମଚାରୀ ମାନେ ସେହି ବଗିରେ ପହଞ୍ଚି ଘଟଣା ବାବଦରେ ଅବଗତ ହୋଇ ତୁରନ୍ତ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଏମ୍ସ କୁ ପଠାଇଥିଲେ। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

# ସଂଶୋଧିତ ଏମ୍‌ଏମ୍‌ଡିଆର ଆଇନର ପ୍ରତ୍ୟାହାର ଦାବିକୁ ଆହୁରି ଜୋର୍‌ଦାର କରିବ ବିଜେଡି

ଭୁବନେଶ୍ୱର, (ସବ୍ୟୁ): ସଂଶୋଧିତ ଏମଏମଡିଆର ଆଇନ ପ୍ରସଙ୍ଗରେ ବିଧାନସଭାରେ ଆଲୋଚନା ଦାବିକୁ ଗ୍ରହଣ ନକରି ଚାରି ଦିନ ଆଗରୁ ବିଧାନସଭାକୁ ବନ୍ଦ କରିବା ରାଜ୍ୟ ସରକାରଙ୍କର ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛି ବିଜୁ ଜନତା ଦଳ। ସଂଶୋଧିତ ଏମଏମଡିଆର ଆଇନର ପ୍ରତ୍ୟାହାର ଦାବିରେ ବିଜେଡି ଦ୍ୱାରା ଲୋୟର ପିଏମଜି ଠାରେ ଆୟୋଜିତ ହୋଇଥିବା ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ମିଳିବାରୁ, ରାଜ୍ୟ ସରକାର ଭୟଭୀତ ହୋଇ ବିଧାନସଭାର କାର୍ଯ୍ୟକାଳ ଚାରି ଦିନ ପୂର୍ବରୁ ବାତିଲ କରିଦେଇଛନ୍ତି ବୋଲି ବିଜେଡି କହିଛି। ଏହାଛଡା, ଏହି ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ସମର୍ଥନ ଦେଇଥିବା ଜନସାଧାରଣଙ୍କୁ ବିଜେଡି କୃତଜ୍ଞତା ଜଣାଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ଼ ଅରୁଣ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ, ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ କୁମାର ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ଦଳର ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ମିଳିଥିବାରୁ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇବା ସହିତ ବିଧାନସଭାକୁ ଚାରି ଦିନ ପୂର୍ବରୁ ବନ୍ଦ କରିଥିବାରୁ, ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ବିଜେଡିର ନେତୃବୃନ୍ଦମାନେ କହିଥିଲେ ଯେ, ଏମଏମଡିଆର ସଂଶୋଧନ ଆଇନ ଓଡିଶାକୁ ବିପୁଳ କ୍ଷତି ପହଞ୍ଚାଇବ ବୋଲି ବିଜୁ ଜନତା ଦଳ ତରଫରୁ ପ୍ରଥମ ଦିନରୁ କୁହାଯାଇ ଆସୁଛି। ଖଣିରୁ ଟିକସ ଆକାରରେ ଆଦାୟ ହେବାକୁ ଥିବା ବକେୟା ବାବଦକୁ ୧ ଲକ୍ଷ କୋଟି ଟଙ୍କା ଓ ଖଣି ରାଜସ୍ୱ ବାବଦକୁ ବର୍ଷକୁ ପ୍ରାୟ ୧୨ ହଜାର କୋଟି ଟଙ୍କା କ୍ଷତି ଓଡିଶା ସହିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବିଜେଡିର ଏହି ଦାବିରେ ଅନ୍ୟ ବିରୋଧୀ ଦଳ ମାନେ ମଧ୍ୟ ଏକମତ ହୋଇଛନ୍ତି। କିନ୍ତୁ ସରକାରରେ ଥିବା ବିଜେପି ଏହା କ୍ଷତି ନୁହେଁ ବରଂ ଲାଭ ହେବ ବୋଲି କହୁଛି। ଯେହେତୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ରାଜ୍ୟ ବିଧାନସଭାରେ ଏହା ଉପରେ ଆଲୋଚନା ପାଇଁ ବିଜେଡି ତରଫରୁ ଏକ ମୋସନ ଦାଖଲ କରାଯାଇଥିଲା। କିନ୍ତୁ ବିଜେପି ତରଫରୁ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଆଗ୍ରହ ପ୍ରକାଶ ପାଇନଥିଲା। ଯେହେତୁ ସଂଶୋଧିତ ଏମଏମଡିଆର ଆଇନ ଯୋଗୁଁ ରାଜ୍ୟର କ୍ଷତି ନୁହେଁ ଲାଭ ହେବ ବୋଲି ବିଜେପି ଦାବି କରୁଛି, ବିଜେପି ତରଫରୁ କେନ୍ଦ୍ର ସରକାରଙ୍କ ସପକ୍ଷରେ ଧନ୍ୟବାଦ ପ୍ରସ୍ତାବ ଆଣୁ, ଆମେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ବିଜେଡି କହିଥିଲା। କିନ୍ତୁ ବିଜେଡି ଦ୍ୱାରା ଦିଆଯାଇଥିବା କୌଣସି ପ୍ରସ୍ତାବକୁ ରାଜ୍ୟ ସରକାର ଗ୍ରହଣ କରିନଥିଲେ। ସୋମବାର ଦିନ ଲୋୟର ପିଏମଜି ଠାରେ ସଂଶୋଧିତ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବିରେ ଆୟୋଜିତ ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ରାଜ୍ୟବାସୀଙ୍କ ବିପୁଳ ଜନ ସମର୍ଥନ ମିଳିବାରୁ, ଭୟଭୀତ ହୋଇ ରାଜ୍ୟ ସରକାର ବିଧାନସଭାକୁ ଚାରି ଦିନ ପୂର୍ବରୁ ବନ୍ଦ କରିଦେଲେ ବୋଲି ସେମାନେ କହିଛନ୍ତି।

# ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ 'ବିଶ୍ୱ ହୃଦୟ ଦିବସ'

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ହୃଦୟ ଦିବସ ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ହୃଦ୍‌ରୋଗ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷାର ମହତ୍ତ୍ୱ, ଠିକ୍ ସମୟରେ ଚିକିତ୍ସା ଏବଂ ହୃଦ୍‌ରୋଗରୁ ରକ୍ଷା ପାଇବା ପାଇଁ ସୁସ୍ଥ ଜୀବନଶୈଳୀ ଆପଣାଇବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ରୋଟାରୀ କ୍ଲବ୍, ଇନର୍ ହ୍ୱିଲ୍ ରେଡିଆଣ୍ଟ, ଖଣ୍ଡଗିରି ୱେଲଫେୟାର ସୋସାଇଟି, ସତ୍ୟସାଇ ଏନକ୍ଲେଭ୍ ଏବଂ ଆଖପାଖ ଅଞ୍ଚଳରୁ ପ୍ରାୟ ୧୦୦ ଜଣ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେମାନେ ହୃଦୟକୁ ସୁସ୍ଥ ରଖିବାର ଉପାୟ ସମ୍ପର୍କରେ ହସ୍ପିଟାଲର କାର୍ଡିଆକ୍ ସାଇନ୍ସେସ୍ ଟିମ୍ ସହିତ ଆଲୋଚନା କରିଥିଲେ। ଏହି ଅଧିବେଶନରେ ରୋଗର ପ୍ରାଥମିକ ଚେତାବନୀ ବା ଲକ୍ଷଣ, ଠିକ୍ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସୁସ୍ଥ ଜୀବନଶୈଳୀ ଆପଣାଇବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇ ବିଶ୍ୱ ହୃଦୟ ଦିବସର ବାର୍ତ୍ତା "ଡୋଣ୍ଟ ମିସ୍ ଏ ବିଟ୍"କୁ ଦୋହରାଯାଇଥିଲା। ଏହି ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର କ୍ଲଷ୍ଟର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, "ଜୀବନର ପ୍ରତ୍ୟେକଟି ପର୍ଯ୍ୟାୟରେ ହୃଦୟର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯିବା ଉଚିତ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଜୀବନଶୈଳୀରେ ସାମାନ୍ୟ ପରିବର୍ତ୍ତନ ଆଣି ବିପଦକୁ ଆଗୁଆ ଚିହ୍ନଟ କରିବା ସହ ଠିକ୍ ସମୟରେ ଚିକିତ୍ସା କରାଯାଇପାରିବ। ଇଣ୍ଟରଭେନସନାଲ କାର୍ଡିଓଲୋଜିର ସିନିୟର କନ୍‌ସଲଟାଣ୍ଟ ତଥା ଡାଇରେକ୍ଟର ଡାକ୍ତର ଜେ. କେ. ପାଢ଼ୀ କହିଛନ୍ତି, "ନିୟମିତ ସ୍କ୍ରିନିଂ ଦ୍ୱାରା ହୃଦ୍‌ରୋଗ ଜନିତ ବିପଦ ଗମ୍ଭୀର ହେବା ପୂର୍ବରୁ ହିଁ ଚିହ୍ନଟ ହୋଇପାରିବ। ଲୋକମାନେ ନିଜର ରକ୍ତଚାପ, ରକ୍ତରେ ଶର୍କରା ଏବଂ କୋଲେଷ୍ଟ୍ରଲ ମାତ୍ରା ପରୀକ୍ଷା କରିବା ନେଇ ସଚେତନ ରହିବା ଆବଶ୍ୟକ।" ସିଟିଭିଏସ୍‌ର ସିନିୟର କନ୍‌ସଲଟାଣ୍ଟ ଡାକ୍ତର ଜିତେନ୍ଦ୍ର ନାଥ ପଟ୍ଟନାୟକ କହିଛନ୍ତି, "ସମୟୋଚିତ ନିଦାନ ଏବଂ ଚିକିତ୍ସା ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିପାରେ। ପ୍ରାଥମିକ ଚେତାବନୀ ବା ଲକ୍ଷଣଗୁଡ଼ିକୁ ଚିହ୍ନି ବିନା ବିଳମ୍ବରେ ଡାକ୍ତରୀ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ। ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରୋଟାରୀ କ୍ଲବ୍ ଭୁବନେଶ୍ୱର ପକ୍ଷରୁ କାର୍ଡିଆକ୍ ସାଇନ୍ସେସ୍ ଏବଂ ଆନାସ୍ଥେସିଆ ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ପ୍ରୋଷ୍ଟେଟ୍ କ୍ୟାନସର୍ ବର୍ଷ ବର୍ଷ ଧରି ବିନା ଲକ୍ଷଣରେ ରହିପାରେ

ଭୁବନେଶ୍ୱର, (ସବ୍ୟୁ) : ଦୁର୍ବଳ ପରିସ୍ରା ପ୍ରବାହ, ରାତିରେ ବାରମ୍ବାର ପରିସ୍ରା ଲାଗିବା କିମ୍ବା ପରିସ୍ରା ଆରମ୍ଭ କରିବାରେ କଷ୍ଟ ଅନୁଭବ ହେବା ବାର୍ଦ୍ଧକ୍ୟର ସାଧାରଣ ଲକ୍ଷଣ ପରି ମନେହୋଇପାରେ। କିନ୍ତୁ ଡାକ୍ତରମାନେ ଚେତାବନୀ ଦେଇଛନ୍ତି ଯେ ଏପରି କ୍ରମାଗତ ପରିବର୍ତ୍ତନକୁ ଆଦୌ ଅଣଦେଖା କରିବା ଉଚିତ୍ ନୁହେଁ, କାରଣ ପ୍ରୋଷ୍ଟେଟ୍ କ୍ୟାନସର ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ କୌଣସି ସ୍ପଷ୍ଟ ଲକ୍ଷଣ ବିନା ବି ବୃଦ୍ଧି ପାଇପାରେ। ଚଳିତ 'ପ୍ରୋଷ୍ଟେଟ୍ କର୍କଟ ସଚେତନତା ମାସ' ଅବସରରେ, କର୍କଟ ରୋଗ ବିଶେଷଜ୍ଞମାନେ ପୁରୁଷମାନଙ୍କୁ ବିଶେଷ କରି ୫୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ପ୍ରୋଷ୍ଟେଟ୍ ସ୍ୱାସ୍ଥ୍ୟ ବିଷୟରେ ଖୋଲାଖୋଲି କଥା ହେବାକୁ ଏବଂ କୌଣସି ଅସ୍ୱାଭାବିକ ବା କ୍ରମାଗତ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରୀ ପରାମର୍ଶ ନେବାକୁ ଉତ୍ସାହିତ କରୁଛନ୍ତି। ଏହି ଚିନ୍ତା ଓଡ଼ିଶା ପାଇଁ ପ୍ରାସଙ୍ଗିକ। ଭୁବନେଶ୍ୱରକୁ ଅନ୍ତର୍ଭୁକ୍ତ କରୁଥିବା ଖୋର୍ଦ୍ଧା ଜିଲ୍ଲାର ସାମ୍ପ୍ରତିକ ଜନସଂଖ୍ୟା ଆଧାରିତ କର୍କଟ ରୋଗ ପଞ୍ଜିକରଣ (ପପୁଲେସନ୍-ବେସଡ୍ କ୍ୟାନସର ରେଜିଷ୍ଟ୍ରି -ପିବିସିଆର୍)



ତଥ୍ୟରୁ ଜଣାପଡ଼ିଛି ଯେ, ଜିଲ୍ଲାର ପ୍ରତି ୧୨ ଜଣଙ୍କ ମଧ୍ୟରୁ ପ୍ରାୟ ଜଣେ ବ୍ୟକ୍ତି ଜୀବନକାଳ ମଧ୍ୟରେ କର୍କଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶେଷ କରି, ଏହି ଜିଲ୍ଲାର ପୁରୁଷମାନଙ୍କ କ୍ଷେତ୍ରରେ ଚିହ୍ନଟ ହେଉଥିବା ପ୍ରମୁଖ ୫ଟି କର୍କଟ ମଧ୍ୟରେ ପ୍ରୋଷ୍ଟେଟ୍ କ୍ୟାନସର ଅନ୍ୟତମ। ଭୁବନେଶ୍ୱରସ୍ଥିତ ମଣିପାଲ ହସ୍ପିଟାଲର ମେଡିକାଲ ଅଙ୍କୋଲୋଜିଷ୍ଟ ଡାକ୍ତର ସଚିନ ଶେଖର ବିଶ୍ୱାଳ କହିଛନ୍ତି, "ପ୍ରୋଷ୍ଟେଟ୍ କ୍ୟାନ୍ସର ଜଟିଳ ହୋଇପାରେ, କାରଣ ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ଜଣେ ପୁରୁଷ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରିପାରନ୍ତି। ଅନେକ ପୁରୁଷ ମଧ୍ୟ ପରିସ୍ରା ଜନିତ ସମସ୍ୟା ବିଷୟରେ କହିବାକୁ ସଙ୍କୋଚ କରନ୍ତି କିମ୍ବା ଭାବନ୍ତି ଯେ ବୟସ ବଢ଼ିବା ଯୋଗୁଁ ଏପରି ହେଉଛି। ଆମର ବାର୍ତ୍ତା ସ୍ପଷ୍ଟ: ଯଦି ଆପଣ କୌଣସି କ୍ରମାଗତ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି, ତେବେ ଲାଜ କରନ୍ତୁ ନାହିଁ ଏବଂ ଏହାକୁ ଅଣଦେଖା ମଧ୍ୟ କରନ୍ତୁ ନାହିଁ। ନିଜ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ୫୦ ବର୍ଷରୁ ଅଧିକ ବୟସ୍କ ପୁରୁଷମାନେ ପ୍ରୋଷ୍ଟେଟ୍ ସ୍ୱାସ୍ଥ୍ୟ ବିଷୟରେ ନିଜ ଡାକ୍ତରଙ୍କ ସହ ଆଲୋଚନା କରିବା ଆରମ୍ଭ କରିବା ଉଚିତ।

## ହୋର୍ଡିଂ ଟାୱାର ଉପରୁ ନିଶାଡି ଯୁବକ ଉଦ୍ଧାର

କଟକ,(ସବ୍ୟୁ ): ପେଟାନାଳ ରାସ୍ତାରେ ଜଣେ ନିଶାସକ୍ତ ଯୁବକ ଉନ୍ମୁକ୍ତ କାଣ୍ଡ ଭିଆଇଛି। ଯୁବକ ଜଣକ ଏକ ହୋର୍ଡିଂ ଟାୱାର ଉପରେ ଚଢିଯାଇଥିଲା। ତାକୁ ଉଦ୍ଧାର କରିବାରେ ପୋଲିସ ଓ ଅଗ୍ନିଶମ ଟିମକୁ ନାକେଦମ ହେବାକୁ ପଡିଥିଲା। ଶେଷରେ ବହୁ କଷ୍ଟରେ ଅଗ୍ନିଶମ କର୍ମଚାରୀ ଟାୱାର ଉପରୁ ତାକୁ ଉଦ୍ଧାର କରି ଆଣିଥିଲେ। ପେଟାନାଳ ରାସ୍ତାର ମର୍କତନଗର ସେକ୍ଟର ୧୦ ମଣ୍ଟେସୋରୀ ସ୍କୁଲ ଗଡା ଛକରେ ବିଜ୍ଞାପନ ପାଇଁ କେତେକ ହୋର୍ଡିଂ ଫ୍ରେମ ଲାଗିଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ହେବ। ଜଣେ ଯୁବକ ହଠାତ ଉକ୍ତ ହୋର୍ଡିଂ ଟାୱାର ଉପରେ ଚଢିଯାଇଥିଲା। ଟାୱାରର ଶୀର୍ଷରେ ଥିବା ଲୁହା ଫ୍ରେମକୁ ଧରି ଝୁଲିରହିଲା। ନିଶାସକ୍ତ ଅବସ୍ଥାରେ ଥିବାରୁ ରାସ୍ତାରେ ଯାତାୟତ କରୁଥିବା ଲୋକଙ୍କୁ ଗାଳିଗୁଲଜ କରିଥିଲା। ଏହି ବିଷୟ ଦେଖି ଲୋକେ ତାକୁ ତଳକୁ ଆସିବାକୁ ଅନୁରୋଧ କରିଥିଲେ। ମାତ୍ର ସେ କାହାରି କଥା ଶୁଣିନଥିଲା। ଏହା ଭିତରେ ସେ ଏକାଧିକ ବାର ତଳକୁ ଡେଇଁବାକୁ ଉଦ୍ୟମ ମଧ୍ୟ କଲା। ଏଭଳି ସ୍ଥିତିରେ ପୋଲିସ ଓ ଅଗ୍ନିଶମକୁ ସୂଚନା ଦିଆଗଲା। ତିନି ଥାନାର ସୀମାରେ ଘଟଣାସ୍ଥଳଟି ଥିବାରୁ ସେଠାରେ ବିଡାନାସୀ, ମର୍କତନଗର ଓ ଫେଜ-୨ ଥାନା ପୋଲିସ ଆସି ପହଞ୍ଚିଥିଲା। କିଛି ସମୟ ଭିତରେ ବିଡାନାସୀ ଅଗ୍ନିଶମ କେନ୍ଦ୍ରରୁ ଏକ ଟିମ ମଧ୍ୟ ଆସିଥିଲା।

## ହାଇଟେକ୍ ମେଡିକାଲ୍‌ରେ ବିଶ୍ୱ ହୃଦୟ ଦିବସ

# ସୁସ୍ଥ ହୃଦୟ, ସୁସ୍ଥ ଜୀବନ ପ୍ରତ୍ୟକଙ୍କ ମୂଳମନ୍ତ୍ର ହେଉ : ବିଧାୟକ ରୁପେଶ ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ୍ କଲେଜ ପରିସରରେ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଛି। ସକାଳୁ ହାଇଟେକ୍ ଗ୍ରୁପର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ, ଅଧ୍ୟାପକ, ଡାକ୍ତର, ହୃଦରୋଗ ବିଶେଷଜ୍ଞ ଓ କର୍ମଚାରୀ ମାନେ ହାତରେ ପ୍ଲା-କାର୍ଡ ଧରି ହୃଦରୋଗ ସଂପର୍କିତ ସଚେତନ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ, ସିନେତାରକା ବବି ମିଶ୍ର ଏବଂ ବରିଷ୍ଠ ସିଟିଭିଏସ୍ ସର୍ଜନ ଡାକ୍ତର ଶ୍ୱେତାଙ୍କ ଦାସ୍ ଏହାକୁ ପତକା ଦେଖାଇ ଆରମ୍ଭ କରିଥିଲେ ଓ ମେଡିକାଲ୍ ପରିସରରେ ହୃଦରୋଗ ବିଭାଗରେ ମାଗଣା ହୃଦରୋଗ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏହା ସହ ପୂର୍ବରୁ ଓପନ୍ ହାର୍ଟ ଓ ବାଇପାସ୍ ସର୍ଜରୀ କରାଯାଇଥିବା ଏବଂ ବର୍ତ୍ତମାନ ସଂପୂର୍ଣ୍ଣ ସୁସ୍ଥ ଥିବା ୪୨ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅପରାହ୍ନରେ ହାଇଟେକ୍ ପ୍ରେକ୍ଷାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଞ୍ଜିନିୟର ରୁପେଶ ପାଣିଗ୍ରାହୀ ଯୋଗଦେଇ, ବର୍ତ୍ତମାନର ଯୁବପିଢ଼ୀ ସର୍ବାଦ୍ଧିକ ହୃଦରୋଗର ଶିକାର ହେଉଥିବାରୁ ଖାଦ୍ୟପେୟ ସହ ନିୟମିତ ବ୍ୟାୟାମ ଏବଂ ନିଶା ସଂପୂର୍ଣ୍ଣ ତ୍ୟାଗ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ସିନେତାରକା ପୁପୁନ୍ଦର କହିଥିଲେ ଯେ, ବର୍ତ୍ତମାନ ଯୁବପିଢ଼ୀଙ୍କ ଠାରୁ ଆରମ୍ଭ କରି ସଂଖ୍ୟାଧିକ ଲୋକ ହୃଦରୋଗ ଶିକାର ହେଉଛନ୍ତି, ଏହାର ମୁଖ୍ୟ କାରଣ ଡିପ୍ରେସନ ବା ଚିନ୍ତା, ଆଜିର ମଣିଷ ହସିବା ଭୁଲି ଗଲାଣି, ତେଣୁ ହସିହସାଇଲେ ହୃଦରୋଗରୁ ମୁକ୍ତି ମିଳିବ ବୋଲି ସେ କହିଥିଲେ। ସିଓଓ ଜ୍ୟୋତିର୍ମୟ ପଣ୍ଡା,ଅଧ୍ୟାପକ ଡକ୍ଟର ଚିତ୍ତରଞ୍ଜନ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।



## ବ୍ରାଉନସୁଗର ବେପାରୀ ଗିରଫ

କଟକ, (ସବ୍ୟୁ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଜଣେ ନିଶା ବେପାରୀକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ସଦର ଥାନା ଅନ୍ତର୍ଗତ ସାନ୍ତୋଳ ଗ୍ରାମର ବିକ୍ରମ ବେହେରା(୨୨)। ମଙ୍ଗଳବାର ପୂର୍ବାହ୍ନରେ ବିକ୍ରମ ଏକ ବାଇକରେ ନିଶାଦ୍ରବ୍ୟ ଧରି ସ୍ଥାନୀୟ ମହୀଧରପଡା ହାଇସ୍କୁଲ ନିକଟରେ ଛିଡା ହୋଇଥିଲା। ଏହି ସୂଚନା ପାଇ ଅବକାରୀ ଉପ ଅଧିକ୍ଷକ ବିକାଶ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ତୁରନ୍ତ ସେଠାରେ ଚଢଉ କରିଥିଲା। ଏହି ସମୟରେ ବିକ୍ରମ ଖସିଯିବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ତଲାସି ପରେ ତା' ପାଖରୁ ୨୨୧ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଯାହାର ମୂଲ୍ୟ ପ୍ରାୟ ୨୩ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ନିଶାଦ୍ରବ୍ୟ, ଗୋଟିଏ ବାଇକ ଜବତ ସହ ଅଭିଯୁକ୍ତ ବିକ୍ରମକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗତ କିଛି ଦିନ ହେବ ସେ ବାଲେଶ୍ୱରରୁ ନିଶାଦ୍ରବ୍ୟ ଆଣି ଆଖପାଖ ଅଞ୍ଚଳରେ କାରବାର କରୁଥିବା ତଦନ୍ତରୁ ଜଣାପଡିଛି। ଏସଆଇ ବିଭୁତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଆଶୁତୋଷ ଜେନା, ମାନସ ମିଶ୍ର, ସଞ୍ଜୟ ଦାସ, ସୌରଜିତ ନାଥ ପ୍ରମୁଖ ଚଢଉରେ ସାମିଲ ଥିଲେ।

# 'ଗୋ-ଧନ' ଜରିଆରେ ଓଡ଼ିଶାର ଦୁଗ୍ଧଚାଷୀଙ୍କୁ ସଶକ୍ତ କରିବ ହଟ୍‌ସନ୍ ଏଗ୍ରୋ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ୍ ଘରୋଇ ଦୁଗ୍ଧ କମ୍ପାନୀ ହଟ୍‌ସନ୍ ଏଗ୍ରୋ ପ୍ରଡ଼କ୍ଟ ଲିମିଟେଡ୍ ଓଡ଼ିଶାର ଦୁଗ୍ଧଚାଷୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ 'ଗୋ-ଧନ' ନାମକ ଏକ ପ୍ରମୁଖ ପଦକ୍ଷେପର ଶୁଭାରମ୍ଭ କରିଛି। ଏହା ମାଧ୍ୟମରେ ଦୁଗ୍ଧଚାଷୀମାନଙ୍କୁ ଆର୍ଥିକ ସହାୟତା, ସରକାରୀ ଯୋଜନା, ଆଧୁନିକ ଦୁଗ୍ଧଚାଷ ପଦ୍ଧତି ଏବଂ ପ୍ରଯୁକ୍ତିର ସୁବିଧା ଅଧିକ ସହଜରେ ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରଖାଯାଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି ଅଡିଟୋରିୟମ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ 'ଗୋ-ଧନ' ପଦକ୍ଷେପର ଔପଚାରିକ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଓଡ଼ିଶା ସରକାର, ବ୍ୟାଙ୍କିଂ ଏବଂ ଦୁଗ୍ଧ ଶିଳ୍ପ କ୍ଷେତ୍ରର ବହୁ ବିଶିଷ୍ଟ ପ୍ରତିନିଧି ଉପସ୍ଥିତ ଥିଲେ। ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ସଚିବ ପ୍ରେମଚାନ୍ଦ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଆପିକଲ'ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚିଫ୍ ଜେନେରାଲ୍ ମ୍ୟାନେଜର ରାକେଶ କୁମାର ଯାଦବ ଏବଂ ହଟ୍‌ସନ୍ ଏଗ୍ରୋ ପ୍ରଡ଼କ୍ଟ ଲିମିଟେଡ୍‌ର ଅଧ୍ୟକ୍ଷ ଆର୍. ଜି. ଚନ୍ଦ୍ରମୋଗନ୍ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଦୁଗ୍ଧ ଉତ୍ପାଦ, ଆର୍ଥିକ ଏବଂ ସରକାରୀ କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଏକତ୍ରିତ ହୋଇ ଚାଷୀଙ୍କ ଜୀବିକାକୁ ସଶକ୍ତ କରିବା ସହ ଓଡ଼ିଶାର ଦୁଗ୍ଧ ଅର୍ଥନୀତିର ନିରନ୍ତର ବିକାଶ ପାଇଁ ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। 'ଗୋ-ଧନ' ପଦକ୍ଷେପ ମାଧ୍ୟମରେ ଓଡ଼ିଶାର ୧୫ଟି ଜିଲ୍ଲାର ପ୍ରାୟ ୬,୦୦୦ ଦୁଗ୍ଧଚାଷୀ ଉପକୃତ ହେବେ। ଏହା ଦ୍ୱାରା ଚାଷୀମାନଙ୍କୁ ପ୍ରତିଷ୍ଠାନଗତ ଋଣ ଏବଂ ବିଭିନ୍ନ ସରକାରୀ ସହାୟତା ପାଇବାର ସୁଯୋଗ ମିଳିବ। ଉନ୍ନତମାନର ଗୋବଂଶ, ଉନ୍ନତ ଗୋଶାଳା ନିର୍ମାଣ, କୃଷି ଯାନ୍ତ୍ରିକୀକରଣ, ପୋଷଣ ଓ ଗୋପାଳନ ସ୍ୱାସ୍ଥ୍ୟ ପରିଚାଳନା ଭଳି କ୍ଷେତ୍ରରେ ନିବେଶ ପାଇଁ ଚାଷୀମାନେ ଅଧିକ ସୁବିଧା ପାଇପାରିବେ। ଏହି ପଦକ୍ଷେପରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଭଳି ସରକାରୀ ସବ୍‌ସିଡି ଯୋଜନାଗୁଡ଼ିକର ଲାଭକୁ ମଧ୍ୟ ସାମିଲ କରାଯିବ। ଏହା ମାଧ୍ୟମରେ ଅଂଶଗ୍ରହଣକାରୀ ଚାଷୀମାନେ ତୁଳନାତ୍ମକ ଭାବେ ସୁଲଭ ମୂଳଧନ ପାଇ ନିଜ ଦୁଗ୍ଧ ବ୍ୟବସାୟକୁ ସୁଦୃଢ଼ ଓ ବିସ୍ତାର କରିପାରିବେ। ଏହି ଅବସରରେ ହଟସନ୍ ଏଗ୍ରୋ ପ୍ରଡକ୍ଟ ଲିମିଟେଡ୍‌ର ଅଧ୍ୟକ୍ଷ ଆର୍. ଜି. ଚନ୍ଦ୍ରମୋଗନ୍ କହିଥିଲେ, "ହଟସନ୍ ଏଗ୍ରୋ ପ୍ରଡକ୍ଟ ଲିମିଟେଡ୍ ଦୀର୍ଘ ଦଶନ୍ଧି ଧରି ଦକ୍ଷିଣ ଭାରତର ଦୁଗ୍ଧ ଓ ପଶୁପାଳନ କ୍ଷେତ୍ରର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସିଛି। ଦୁଗ୍ଧଚାଷୀଙ୍କ ସମୃଦ୍ଧି ହିଁ ଏକ ସୁଦୃଢ଼ ଓ ସ୍ଥାୟୀ ଦୁଗ୍ଧ ଶିଳ୍ପର ମୂଳଦୁଆ—ଏହି ବିଶ୍ୱାସ ଆମର ଯାତ୍ରାକୁ ସର୍ବଦା ଦିଗଦର୍ଶନ ଦେଇଆସିଛି।



## ଆତଙ୍କବାଦ ଓ ବାଣିଜ୍ୟ ପ୍ରସଙ୍ଗ

# ଆମେରିକା ଉପରେ ବର୍ଷିଲେ ଜୟଶଙ୍କର

ନ୍ୟୁୟର୍କ : ପାକିସ୍ତାନରୁ ଚାଲିଥିବା ଆତଙ୍କବାଦ ଓ ଦ୍ୱିପାକ୍ଷିକ ବାଣିଜ୍ୟ ପ୍ରସଙ୍ଗରେ ଆମେରିକାର ମନୋଭାବକୁ ନେଇ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଅସନ୍ତୋଷ ପ୍ରକାଶ କରିଛନ୍ତି। ମଙ୍ଗଳବାର ନ୍ୟୁୟର୍କଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ପାକିସ୍ତାନ ଦ୍ୱାରା ଭାରତ ଉପରେ ବର୍ଷ ବର୍ଷ ଧରି ହେଉଥିବା ଆତଙ୍କବାଦୀ ଆକ୍ରମଣ ଭାରତ ପାଇଁ ସବୁଠାରୁ ବଡ଼ ସମସ୍ୟା। ମାତ୍ର ଆମେରିକା ଭଳି ସହଯୋଗୀ ଦେଶ ଭାରତର



ଏହି ସମ୍ବେଦନଶୀଳ ସମସ୍ୟାକୁ ସଠିକ୍ ଭାବେ ନବୁଝିବା କିମ୍ବା ଗୁରୁତ୍ୱ ନଦେବା ଦ୍ୱାରା ଦୁଇ ଦେଶର ବନ୍ଧୁତା ଓ ସମ୍ପର୍କ ଉପରେ ଖରାପ ପ୍ରଭାବ ପଡୁଛି।ଏହା ସହିତ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି କଠିନ ହେବା ଏବଂ ଆମେରିକାର ନୂଆ ଶୁଳ୍କ (ଟାରିଫ୍) ନୀତି ଯୋଗୁଁ ସମ୍ପର୍କରେ କିଛି ମତଭେଦ ଦେଖାଦେଇଥିବା ସେ ସ୍ୱୀକାର କରିଛନ୍ତି। ଭାରତର କ୍ଷୁଦ୍ର ବ୍ୟବସାୟୀ, ଚାଷୀ ଓ ଛୋଟ କାରଖାନାଗୁଡ଼ିକର ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଭାରତ ନିଜ ସ୍ଥାପନାରେ କୌଣସି ଆପୋଷ ବୁଝାମଣା କରିନାହିଁ। ତେବେ ବର୍ତ୍ତମାନ ଏହି ବାଣିଜ୍ୟ ଚୁକ୍ତି ଉପରେ ଏକ ପ୍ରକାର ସହମତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ଜାତିସଂଘ ସାଧାରଣ ସଭାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ମିଥ୍ୟା ଦାବିର କଡ଼ା ଜବାବ ଦେଇଛନ୍ତି ଜୟଶଙ୍କର। ସେ ପାକିସ୍ତାନକୁ "କ୍ରମାଗତ ଆତଙ୍କବାଦ ରଚୁଥିବା ଦେଶ" ବୋଲି କହିବା ସହ ଆତଙ୍କବାଦ ଓ ବନ୍ଧୁତା କେବେ ହେଲେ ଏକାଠି ଚାଲିପାରିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ନିଜର ସୁରକ୍ଷା ପାଇଁ ଭାରତ କଠୋର ପଦକ୍ଷେପ ନେବାର ପୂର୍ଣ୍ଣ ଅଧିକାର ରଖିଛି ବୋଲି ସେ ଦୃଢ଼ ଭାବେ କହିଛନ୍ତି।

## ସୀମାପାର ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲା

# ୩ ରାଜ୍ୟର ୧୬ ସ୍ଥାନରେ ଏନଆଇଏ ଚଢ଼ାଉ

ଗୁଆହାଟି : ସୀମାପାର ଆତଙ୍କବାଦୀ ଷଡ଼ଯନ୍ତ୍ର ଏବଂ କଟ୍ଟରପନ୍ଥୀ ଗତିବିଧି ମାମଲାର ତଦନ୍ତ କରି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ମଙ୍ଗଳବାର ଦେଶର ତିନୋଟି ରାଜ୍ୟ ଆସାମ୍, ପଶ୍ଚିମବଙ୍ଗ ଓ କେରଳର ୧୬ଟି ଭିନ୍ନ ଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ାଉ କରିଛି। ବାଂଲାଦେଶର ନିଷିଦ୍ଧ ଆତଙ୍କବାଦୀ ସଂଗଠନ "ଜମାତ-ଉଲ୍-ମୁଜାହିଦ୍ଦିନ୍ ବାଂଲାଦେଶ" (ଜେଏମବି) ର ଏକ ଶାଖା "ଇମାମ୍ ମହମୁଦେର କାଫିଲା" (ଆଇଏମକେ) ସହ ଜଡ଼ିତ ଆସାମର ଏକ କଟ୍ଟରପନ୍ଥୀ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଢ଼ାଉ ଚାଲିଥିବା ୧୬ଟି ସ୍ଥାନ ମଧ୍ୟରୁ ଆସାମରେ ୧୦ଟି, ପଶ୍ଚିମବଙ୍ଗରେ ୫ଟି ଏବଂ କେରଳରେ ଗୋଟିଏ ସ୍ଥାନ ରହିଛି।ତଦନ୍ତକାରୀ ସଂସ୍ଥା ଅନୁସାରେ, ଆଇଏମକେ ନେଟୱାର୍କ ସହ ଜଡ଼ିତ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କର ସୀମାପାର ସମ୍ପର୍କ, ଯୁବକମାନଙ୍କୁ



କଟ୍ଟରପନ୍ଥୀ କରିବା ଏବଂ ବେଆଇନ ଗତିବିଧି ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରିବା ଲକ୍ଷ୍ୟରେ ଏହି ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହି ସଂଗଠନ ଆସାମରେ ନିଜର ଜାଲ ବିଛାଇ ସୀମାପାରରୁ କାର୍ଯ୍ୟକଳାପ ନିୟନ୍ତ୍ରଣ କରୁଥିବା ନେଇ ସନ୍ଦେହ କରାଯାଉଛି। ଚଢ଼ାଉ ସମୟରେ ଜବତ ହୋଇଥିବା ନଥିପତ୍ର ଏବଂ ସନ୍ଦିଗ୍ଧଙ୍କ ବିଷୟରେ ଅଧିକ ତଥ୍ୟ ପାଇଁ ଏନଆଇଏ ପକ୍ଷରୁ ପଚରାଉଚୁରା ଜାରି ରହିଛି।

## ରୁଷ ସେନାର ବିମାନ ଦୁର୍ଘଟଣା, ୬ ମୃତ

ମସ୍କୋ : ରୁଷ ସେନା ବିମାନ କ୍ରାଶ। ଉଡ଼ାଣ ଭରିବାର ମାତ୍ର କିଛି ମିନିଟ୍ ପରେ ଏହା ଦେଶର ଅମୁର ରିଜନରେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ବିମାନଟି କ୍ରାଶ ହେବାରୁ ଏହା ସଂପୂର୍ଣ୍ଣ ଜଳି ଯାଇଛି ଓ ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ରିପୋର୍ଟ ଅନୁସାର, ତୁପୋଲେଭ ଟିୟୁ-୧୫୪ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହା ଗୋଟିଏ ୩ ଇଞ୍ଜିନି ବିଶିଷ୍ଟ ସୋଭିଏତ ଯୁଗର ବିମାନ। ପ୍ରଥମେ ଏହାକୁ ମଧ୍ୟବର୍ତ୍ତୀ ଦୂରତା ଯାତ୍ରୀବାହୀ ବିମାନ ଭାବେ ବ୍ୟବହାର କରାଯାଉଥିଲା।କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହାକୁ ରୁଷ ସେନା ବ୍ୟବହାର କରିଥିଲା। ରୁଷ ସରକାର ଓ ସେନା ଏହି ବିମାନକୁ ପରିବହନ ଓ ସ୍ୱତନ୍ତ୍ର ମିଶନ ପାଇଁ ମଧ୍ୟ ବ୍ୟବହାର କରିବାର ଅନେକ ନଜିର ରହିଛି। ତୁପୋଲେଭ ଟିୟୁ-୧୫୪ ବିମାନଟି ଆଜି ଉଡ଼ାର ଭରିବାର ମାତ୍ର କିଛି ମିନିଟ ପରେ କାର୍ସନୋୟାରୋଭୋ ଗାଁ ନିକଟରେ କ୍ରାଶ କରାଯାଇଛି। ଦୁର୍ଘଟଣା ବେଳେ ଏଥିରେ ୭ ଜଣ ଯାତ୍ରୀ ଥିଲେ। ଘଟଣା ସ୍ଥଳରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବାକି ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲରେ ନିଆଯାଇଥିଲା। କିନ୍ତୁ ଅଧା ବାଟରେ ଆଉ ଦୁଇ ଜଣ ଆଖି ବୁଜିଛନ୍ତି। ଏବେ ଜଣେ ମାତ୍ର ଜୀବିତ ବ୍ୟକ୍ତିଙ୍କ ଚିକିତ୍ସା ହସ୍ପିଟାଲରେ ଚାଲିଛି।

## ଗୋଲ୍ଡି ବ୍ରାରକୁ ଧରିବାକୁ ୯୬ କୋଟି ପୁରସ୍କାର ଘୋଷଣା

ୱାଶିଂଟନ୍: ଆମେରିକରୟ ତଦନ୍ତ ସଂସ୍ଥା 'ଫେଡେରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ (ଏଫ୍‌ବିଆଇ)' ଆନୁଷ୍ଠାନିକ ଭାବରେ ଗ୍ୟାଙ୍ଗଷ୍ଟର୍ ଗୋଲ୍ଡି ବ୍ରାର (ସତୀନ୍ଦରଜିତ୍ ସିଂହ)କୁ ଶୀର୍ଷ ୧୦ କୁଖ୍ୟାତ ପଳାତକ ତାଲିକାରେ ସାମିଲ କରିଛି। ଗୋଲ୍ଡିର ଗିରଫଦାରୀ ପାଇଁ ସୂଚନା ପାଇଁ ଭାରତୀୟ ମୁଦ୍ରା ଅନୁସାରେ ୯୬ କୋଟି ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ଏଫବିଆଇର ଲସ୍ ଆଞ୍ଜେଲସ୍ କ୍ଷେତ୍ର କାର୍ଯ୍ୟାଳୟ ମଙ୍ଗଳବାର ସକାଳେ ଏହି ଘୋଷଣା କରିଛି। ଏଫବିଆଇର ଏହି ପଦକ୍ଷେପ ଉତ୍ତର ଆମେରିକା ଏବଂ ଏସିଆରେ କାର୍ଯ୍ୟ କରୁଥିବା ଆନ୍ତର୍ଜାତୀୟ ଅପରାଧ ସିଣ୍ଡିକେଟ୍ ବିରୁଦ୍ଧରେ ଆନ୍ତର୍ଜାତୀୟ ଆଇନ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକ ଦ୍ୱାରା ପ୍ରୟାସର ତୀବ୍ରତାକୁ ପ୍ରତିଫଳିତ କରୁଛି। ବ୍ରାର୍ ହେଉଛି ଏହି 'ପ୍ରସିଦ୍ଧ' ତାଲିକାରେ ଯୋଡା ଯାଇଥିବା ୫୪୩ତମ ପଳାତକ, ଯେଉଁଥିରେ ବିଶ୍ୱର ପ୍ରମୁଖ ଆତଙ୍କବାଦୀ



ଏବଂ ଅପରାଧୀମାନଙ୍କୁ ଲଗାତାର ଭାବରେ ସାମିଲ କରାଯାଇଛି। ଏପରି ପରିସ୍ଥିତିରେ, ଏହି ତାଲିକାରେ ଅନ୍ତର୍ଭୁକ୍ତ ହେବା ପରେ ଗୋଲ୍ଡିଙ୍କ ପାଇଁ ଖସିଯିବା କଷ୍ଟକର ହୋଇପାରେ।ଗୋଲ୍ଡି ବ୍ରାରଙ୍କ ବିରୁଦ୍ଧରେ ଅଭିଯୋଗ ଗୋଲ୍ଡି ବ୍ରାର ଆମେରିକାରେ ଅନେକ ଫେଡେରାଲ୍ ଅଭିଯୋଗର ସମ୍ମୁଖୀନ ହେଉଛନ୍ତି। ଏଥିରେ ରାକେଟିୟର ପ୍ରଭାବିତ ଏବଂ ଦୁର୍ନୀତିଗ୍ରସ୍ତ ସଂଗଠନ ଆଇନ ଅନୁଯାୟୀ ଷଡ଼ଯନ୍ତ୍ର, ଆଦାୟ ଏବଂ ନିଶା କାରବାର ଅନ୍ତର୍ଭୁକ୍ତ। ଫେଡେରାଲ ପବ୍ଲିକ ପ୍ରସିକ୍ୟୁଟରଙ୍କ ଅନୁଯାୟୀ, ପଳାତକ ଲରେନ୍ସ ବିଷ୍ଣୋଇ ଉତ୍ତର ଆମେରିକାରେ ସଂଗଠିତ ଅପରାଧ ଗୋଷ୍ଠୀର ମୁଖ୍ୟ କାର୍ଯ୍ୟକାରୀ ନେତା ଭାବରେ କାର୍ଯ୍ୟ କରନ୍ତି।

ଫେଡେରାଲ କୋର୍ଟର ଦଲିଲରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଥିବା ସବୁଠାରୁ ହାଇ-ପ୍ରୋଫାଇଲ୍ ଅପରାଧ ମଧ୍ୟରୁ ଗୋଟିଏ ହେଉଛି ଜୁନ୍ ୨୦୨୩ରେ ବ୍ରିଟିଶ କଲମ୍ବିଆର ସରେରେ ଏକ ଶିଖ ମନ୍ଦିର ବାହାରେ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟା ମାମଲା। ବିଷ୍ଣୋଇ ଏବଂ ବ୍ରାର ଏହି ଟାର୍ଗେଟେଡ୍ କିଲିଂ ନିର୍ଦ୍ଦେଶ ଦେବାର ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ସେପ୍ଟେମ୍ବର ୨୦୨୫ରେ କାନାଡିୟ କର୍ତ୍ତୃପକ୍ଷ ବିଷ୍ଣୋଇ ସିଣ୍ଡିକେଟ୍କୁ ଏକ ଆତଙ୍କବାଦୀ ସଂଗଠନ ଭାବରେ ନାମିତ କରିଛନ୍ତି।ହାର୍ଡବଲ୍ ସୂଚନାଯୋଗ୍ୟ, ୨୦୧୭ ମସିହାରେ ଗୋଲ୍ଡି ବ୍ରାର ଛାତ୍ର ଭିସାରେ କାନାଡାରେ ପ୍ରବେଶ କରିଥିଲା। ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ହତ୍ୟା ସମେତ ଅନେକ ମାମଲାରେ ସେ ଭାରତରେ ଖୋଜାଖୋଜି କରୁଛନ୍ତି। ବ୍ରାରଙ୍କ ନାମ ପଶ୍ଚିମରେ ବ୍ୟାପକ ଭାବରେ ଆଲୋଚନା ହୋଇଛି। ଆମେରିକା, କାନାଡା ଏବଂ ୟୁରୋପ ଭାରତ ସହିତ ଜଡିତ ତିନୋଟି ଅନ୍ତର୍ଜାତୀୟ ଅପରାଧ ସିଣ୍ଡିକେଟ୍ ବିରୁଦ୍ଧରେ 'ଅପରେସନ୍ ହାର୍ଡବଲ୍' ନାମକ ଏକ ମିଳିତ ଅପରେସନ୍ କରିଥିଲେ।

## ଦିଲ୍ଲୀରୁ ଡ୍ରଗ୍ସ କୁଇନ୍ ଗିରଫ

ନୂଆଦିଲ୍ଲୀ: ଏକ ବଡ଼ ଆନ୍ତଃରାଜ୍ୟ ଡ୍ରଗ୍ସସିଣ୍ଡିକେଟର ପର୍ଦ୍ଦାଫାସ୍ ଦିଲ୍ଲୀ ପୁଲିସଦ୍ୱାରା କରାଯାଇଛି। ଅପରେସନ୍ ସମୟରେ ଡ୍ରଗ୍ସ କୁଇନ୍



ଚାଲାଣକାରୀ ପାର୍ବତୀଙ୍କ ଘରୁ କୋଟି କୋଟି ଟଙ୍କାର ବେଆଇନ ସମ୍ପତ୍ତି ଜବତ କରାଯାଇଛି। ପୁଲିସ ମୋଟ ୧.୨୦୪ କିଲୋଗ୍ରାମ ହେରୋଇନ୍ ଏବଂ ୬୪ ଲକ୍ଷ ୬୨ ହଜାର ନଗଦ ମଧ୍ୟ ଜବତ କରିଛି।ଏଫଆଇଆର ଅନୁଯାୟୀ, ଡ୍ରଗ୍ସ କିଙ୍ଗପିନ୍ ପାର୍ବତୀଙ୍କ ଘରୁ ନଗଦ ସହିତ ୩୫୫ ଗ୍ରାମ ସୁନା ଏବଂ ୧୬୧ ଗ୍ରାମ ରୁପା ମଧ୍ୟ ଜବତ କରାଯାଇଛି। ପୁଲିସ ଚୋରା ଚାଲାଣରୁ କିଣାଯାଇଥିବା ସମ୍ପତ୍ତି ସହିତ ଜଡିତ ଚାରୋଟି ସମ୍ପତ୍ତିର ରେଜିଷ୍ଟ୍ରି ଡକ୍ୟୁମେଣ୍ଟ ମଧ୍ୟ ଜବତ କରିଛି।ଡିସିପିଙ୍କ କାର୍ଯ୍ୟାଳୟ ବାହ୍ୟ ଉତ୍ତର ଜିଲ୍ଲାରୁ ଏକ ଦଳ ଏହି ଅଭିଯାନ ଚଳାଇଥିଲା। ଏହି ମାମଲାରେ ଏପର୍ଯ୍ୟନ୍ତ ତିନି ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ଏହି ଗ୍ୟାଙ୍ଗର ନେଟୱାର୍କ ଦିଲ୍ଲୀରୁ ରାଜସ୍ଥାନ ପର୍ଯ୍ୟନ୍ତ ଲମ୍ବିଥିବା କୁହାଯାଉଛି। ଏହି ଗ୍ୟାଙ୍ଗ ହେରୋଇନ୍ ଯୋଗାଣରେ ସାମିଲ ଥିଲା। ପୁଲିସ ଦୁଇଟି କାର ମଧ୍ୟ ଜବତ କରିଛି। ଉଦ୍ଧାର ହୋଇଥିବା ସମସ୍ତ ଜିନିଷ ନିଶା କାରବାରରୁ ବେଆଇନ ଆୟ ବୋଲି ଅନୁମାନ କରାଯାଉଛି।

## ଭାରତ-ମ୍ୟାଁମାର ସୀମାରେ ଆସାମ ରାଇଫଲ୍ସ ଯବାନ ସହିଦ

ଇଟାନଗର: ଅରୁଣାଚଳ ପ୍ରଦେଶର ଚାଙ୍ଗଲାଙ୍ଗ ଜିଲ୍ଲାରେ ଭାରତ-ମ୍ୟାଁମାର ସୀମା ନିକଟରେ ମଙ୍ଗଳବାର ସକାଳେ ସନ୍ଦିଗ୍ଧ ଉଗ୍ରବାଦୀ ଆକ୍ରମଣରେ ଆସାମ ରାଇଫଲ୍ସର ଜଣେ ଯବାନ ସହିଦ ହୋଇଛନ୍ତି। ଆକ୍ରମଣରେ ଅନ୍ୟ ୪ ଜଣ ଯବାନ ଆହତ ହୋଇଛନ୍ତି। ସୀମା ନିକଟରେ ୨୧ ଆସାମ ରାଇଫଲ୍ସର ଯବାନମାନେ ପାଟ୍ରୋଲିଂ କରୁଥିଲେ ଓ ସୀମାରେ ତାରବାଡ଼ କାମ ଚାଲିଥିଲା।ସୂଚନା ଅନୁଯାୟୀ ଘଟଣାଟି ସକାଳ ପ୍ରାୟ ସାଢ଼େ ୬ଟା ସମୟରେ ଚାଙ୍ଗଲାଙ୍ଗ ଜିଲ୍ଲାର ନାମପୋଙ୍ଗ ସର୍କଲର ନାମପୋଙ୍ଗ ଡ୍ରେନ୍ ନିକଟରେ ଘଟିଥିଲା। ପାଟ୍ରୋଲିଂ କରୁଥିବା ଯବାନଙ୍କ ଉପରେ ସନ୍ଦିଗ୍ଧ ଉଗ୍ରବାଦୀ ଅଚାନକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୪୨ ବର୍ଷୀୟ ହାବିଲଦାର ଜାନଖୋକାଇ କୁକିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଚାରି ଜଣ ସୈନିକ ଆହତ ହୋଇଥିଲେ। ଆହତ ସୈନିକଙ୍କର ସାମରିକ ହସ୍ପିଟାଲରେ ଚିକିତ୍ସା ଚାଲିଛି। ଆକ୍ରମଣ ପରେ ସୁରକ୍ଷା ବାହିନୀ ଅଞ୍ଚଳରେ ସନ୍ଧାନ ଓ କମ୍ବି ଅପରେସନକୁ ତୀବ୍ର କରିଛନ୍ତି। ଚାଙ୍ଗଲାଙ୍ଗ ଜିଲ୍ଲା ମ୍ୟାଁମାର ସହିତ ଅନ୍ତର୍ଜାତୀୟ ସୀମାରେ ଅବସ୍ଥିତ ଓ ଅନେକ ସ୍ଥାନରେ ସୀମା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ବାଡ଼ ଦିଆଯାଇ ନାହିଁ। ପ୍ରାରମ୍ଭିକ ସୂଚନା ଅନୁଯାୟୀ ଏନ୍ଏସ୍ସିଏନ୍ (କେ-ୱାଇଏ), କିମ୍ବା ୟୁଙ୍ଗ ଅଙ୍ଗ ଗୋଷ୍ଠୀର ଆତଙ୍କବାଦୀମାନେ ଏଥିରେ ସାମିଲ ଥିବା ସୂଚିତ ହେଉଛି। କିଛି ରିପୋର୍ଟରେ ଉଲ୍ଫା-ଆଇର ସମ୍ପୃକ୍ତି ମଧ୍ୟ ଉଲ୍ଲେଖ ଅଛି, କିନ୍ତୁ ଏହା ଏପର୍ଯ୍ୟନ୍ତ ସରକାରୀ ଭାବରେ ନିଶ୍ଚିତ ହୋଇନାହିଁ। ଆସାମ ରାଇଫଲ୍ସ ସହିଦ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି।

## ବାଂଲାଦେଶକୁ ପାକ୍ ଝଟକା

# ଆଣବିକ ତୈଳ ଆଣୁଥିବା ରୁଷ ବିମାନ ପାଇଁ ବନ୍ଦ କଲା ଆକାଶ ପଥ

ଢାକା : ପାକିସ୍ତାନ ପ୍ରୀତି ଦେଖାଉଥିବା ବାଂଲାଦେଶକୁ ଶକ୍ତ ଝଟକା। ବାଂଲାଦେଶ ରାସ୍ତାରେ ଏବେ ବାଧା ସୃଷ୍ଟି କରିଛି ପାକିସ୍ତାନ। ବାଂଲାଦେଶର ରୂପୁର ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ପାଇଁ ତୈଳ ନେଇ ଆସୁଥିବା ରୁଷ ବିମାନର ବାଟ ଓଗାଳିଛି ଇସଲାମାବାଦ। ଆଣବିକ ତୈଳ ଆଣୁଥିବା ରୁଷ ବିମାନ ପାଇଁ ନିଜ ଆକାଶ ପଥକୁ ବନ୍ଦ କରି ପାକିସ୍ତାନ ଏବେ ବାଂଲାଦେଶର ଅଡୁଆ ବଢ଼ାଇ ଦେଇଛି। ବାଂଲାଦେଶର ପ୍ରଥମ ଆଣବିକ ଶକ୍ତି କେନ୍ଦ୍ରର ୟୁନିଟ ୨ ପାଇଁ ପ୍ରଥମ ବ୍ୟାଚ୍ ଆଣବିକ ତୈଳ ସେପ୍ଟେମ୍ବର ୨୪ରେ ଆସିବାର ଥିଲା।ହେଲେ ପାକିସ୍ତାନର ଆକାଶ ପଥ ବନ୍ଦ ଯୋଗୁ ଏହା ବାଂଲାଦେଶରେ ପହଞ୍ଚିବାରେ ବିଳମ୍ବ ହୋଇଛି। ବାଂଲାଦେଶ ଯଥାଶୀଘ୍ର ନିଜର ପ୍ରଥମ ଆଣବିକ ଶକ୍ତି କେନ୍ଦ୍ରରୁ ବ୍ୟବସାୟିକ ଅପରେସନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଦେଶ ଏବେ ଶକ୍ତି ସଙ୍କଟର ମଧ୍ୟ ସମ୍ମୁଖୀନ ହେଉଛି। ଏପରି ଏକ ସ୍ଥିତିରେ ପାକିସ୍ତାନ ପକ୍ଷରୁ ଆକାଶ ପଥକୁ ବନ୍ଦ କରିବା ବାଂଲାଦେଶର ସବୁ ଯୋଜନାରେ ପାଣି ପକାଇ ଦେଇଛି। ରୁଷ ଭିତ୍ତିକ କମ୍ପାନୀ ରୋଷ୍ଟୋମ ହିଁ ରୂପୁର ପ୍ରକଳ୍ପ ନିଜ ହାତକୁ ନେଇଛି ଓ କମ୍ପାନୀ ବାଂଲାଦେଶରେ ୟୁରାନିୟମ ପହଞ୍ଚାଇବାକୁ



ଲକ୍ଷ୍ୟ ରଖିଛି।ପାକିସ୍ତାନ ବିମାନ ଯାତ୍ରା ପାଇଁ ଆକାଶ ପଥ ସିଲ୍ କରିଥିବା କଥାକୁ ବାଂଲାଦେଶର ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଫକିର ମେହବୁବ ଆନାମ ସ୍ୱୀକାର କରିଛନ୍ତି। ତେବେ ଏହାର ସମ୍ପର୍କରେ ପାକିସ୍ତାନ କିଛି କହି ନଥିବା ସେ ସୂଚନା ଦେଇଛନ୍ତି।ରୁଷ ବିମାନ ଆଜାରବୈଜାନ, କାଜାଖସ୍ତାନ, ପାକିସ୍ତାନ ଓ ଭାରତ ଦେଇ ଢାକାରେ ଲ୍ୟାଣ୍ଡ କରିବାର ଥିଲା। ହେଲେ ରୁଷ ବିମାନକୁ ପାକିସ୍ତାନ ନିଜର ଆକାଶ ପଥ ବ୍ୟବହାର କରିବାକୁ ଅନୁମତି ଦେଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ବାଂଲାଦେଶୀ ମିଡିଆରେ ଦାବି କରାଯାଇଛି ଯେ ଆକାଶ ପଥ ବନ୍ଦ ନିଷ୍ପତ୍ତି ପାକିସ୍ତାନ ଶେଷ ସମୟରେ ନେଇଛି। ପାକିସ୍ତାନର ଏପରି ହରକତ ସତ୍ତ୍ୱେ ଏଯାଏ ବାଂଲାଦେଶ ଆଟୋମିକ ଏନର୍ଜୀ କମିଶନ କେବଳ ନୀରବତା ଅବଲମ୍ବନ କରିଛି। ପାକିସ୍ତାନ ଆକାଶ ପଥ ବନ୍ଦ କରିଥିବାରୁ ଏବେ ରୁଷୀୟ କମ୍ପାନୀ ବିକଳ୍ପ ରାସ୍ତାରେ ବାଂଲାଦେଶକୁ ଆଣବିକ ତୈଳ ଯୋଗାଇ ଦେବାକୁ ମଧ୍ୟ ଯୋଜନା କରୁଛି। ରୂପୁର ପ୍ଲାଣ୍ଟ ପାଇଁ ଏବେ ଅକ୍ଟୋବର ମାସରୁ ମାଲ ପଠାଇବାକୁ ରୁଷ ନିଷ୍ପତ୍ତି ନେଇଛି।

## ବାଂଲାଦେଶ ସରକାରଙ୍କୁ କ୍ଷମତାଚ୍ୟୁତ କରିବାକୁ ଷଡଯନ୍ତ୍ର

ଢାକା: ବାଂଲାଦେଶ ଏବଂ ଭାରତୀୟ ଗୁପ୍ତଚର ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଛନ୍ତି ଯେ, ଜମାତ-ଏ-ଇସଲାମି ପକ୍ଷରୁ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ବିଏନପି ସରକାରକୁ କ୍ଷମତାଚ୍ୟୁତ କରିବାକୁ ଚେଷ୍ଟା କରାଯାଉଛି। ସେମାନଙ୍କର ଲକ୍ଷ୍ୟ ହେଉଛି ବିବାଦୀୟ ଜୁଲାଇ ଚାର୍ଟର ଉପରେ ଆଧାରିତ



ଏକ ବିପ୍ଳବୀ ସରକାର ଗଠନ କରିବା, ଯାହା ବାଂଲାଦେଶରେ ଏକ ଶରିଆ-ଭିତ୍ତିକ ଇସଲାମିକ ରାଷ୍ଟ୍ର ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛି। ମହମ୍ମଦ ୟୁନୁସଙ୍କ ନିକଟତର ଯୁବ ନେତାମାନଙ୍କ ଦ୍ୱାରା ଗଠିତ ନ୍ୟାସନାଲ ସିଟିଜେନ୍ସ ପାର୍ଟି(ଏନସିପି) ବର୍ତ୍ତମାନର ରାଷ୍ଟ୍ରପତି ମିର୍ଜା ଫଖରୁଲ ଇସଲାମ ଆଲମଗିରଙ୍କୁ ହଟାଇ ତାଙ୍କ ସ୍ଥାନରେ ୟୁନୁସଙ୍କୁ ରାଷ୍ଟ୍ରପତି କରିବା ପାଇଁ ଆନ୍ଦୋଳନର ନେତୃତ୍ୱ ନେବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏହାକୁ ନେଇ ଦିଲ୍ଲୀରେ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ରିପୋର୍ଟ ଅନୁଯାୟୀ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସମ୍ପ୍ରତି ଢାକାକୁ ଏକ ଗୁପ୍ତ ଗସ୍ତ କରିଥିଲେ ଯେଉଁଥିରେ ସେ ତାରିକ ରହମାନଙ୍କ ସରକାରଙ୍କ ସହିତ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଇସଲାମିକ ମେଣ୍ଟର ନେତାମାନେ ଏବଂ ସେମାନଙ୍କର ରଣନୈତିକ ଯୋଜନାରେ ସାମିଲ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଏକ ଗୋଷ୍ଠୀ ବର୍ତ୍ତମାନର ବିଏନପି ସରକାର ଉପରେ କ୍ଷୁବ୍ଧ କାରଣ ସରକାର ଜୁଲାଇ ଚାର୍ଟରକୁ କାର୍ଯ୍ୟକାରୀ କରିବାକୁ ଏବଂ ଏକ ନୂତନ ଇସଲାମିକ ସମ୍ବିଧାନ ପ୍ରଣୟନ କରିବାକୁ ମନା କରୁଛନ୍ତି। ସେମାନେ ବିଶ୍ୱାସ କରୁଛନ୍ତି ଯେ, ଭାରତ ବିଏନପିକୁ ସମର୍ଥନ କରି ଆୱାମୀ ଲିଗ୍ ଭୋଟରଙ୍କ ସହାୟତାରେ ସେମାନଙ୍କର ବିଜୟ ସୁନିଶ୍ଚିତ କରାଇ କ୍ଷମତା ହାସଲ କରିବାର ସେମାନଙ୍କର ପ୍ରୟାସକୁ ବିଫଳ କରିଛି। ଏହି ଯୋଜନାକୁ ପାକିସ୍ତାନ, ତୁର୍କୀ ଏବଂ ଆମେରିକାର 'ଡିପ୍ ଷ୍ଟେଟ'ର ଏକ ଅଂଶ ସମର୍ଥନ କରୁଛି।

## ଶିବାଜୀ, ବସ୍ତର ରାଜାଙ୍କୁ ନେଇ ଏନ୍‌ସିଇଆର୍‌ଟି ପୁସ୍ତକରେ ନୂଆ ବର୍ଣ୍ଣନା

ନୂଆଦିଲ୍ଲୀ: ଏନ୍‌ସିଇଆର୍‌ଟିର ନୂଆ ଇତିହାସ ପୁସ୍ତକରେ ଛତ୍ରପତି ଶିବାଜୀ, ବସ୍ତରର ଜଣେ ରାଜା ଏବଂ ବିଜୟନଗର ସାମ୍ରାଜ୍ୟର ଜଣେ ରାଜକୁମାରଙ୍କ ସମ୍ପର୍କରେ ଏପରି କେତେକ ବର୍ଣ୍ଣନା ସ୍ଥାନ ପାଇଛି, ଯାହାକୁ ନେଇ ଇତିହାସ ପଢ଼ାଇବାର ଧାରା ଉପରେ ଚର୍ଚ୍ଚା ଆରମ୍ଭ ହୋଇଛି। ପୁସ୍ତକରେ ଏହି ଶାସକମାନଙ୍କ ଯୁଦ୍ଧ ଓ ରାଜନୈତିକ ସଂଘର୍ଷ ସହିତ ଧାର୍ମିକ ଆସ୍ଥା ଓ ଲୋକକଥାର ସମ୍ପର୍କକୁ ମଧ୍ୟ ଉଲ୍ଲେଖ କରାଯାଇଛି। ପୁସ୍ତକରେ ଛତ୍ରପତି ଶିବାଜୀଙ୍କ ସମ୍ପର୍କରେ ତାଙ୍କ ଯୁଦ୍ଧ ଓ ମରାଠା ଶକ୍ତିର ବିସ୍ତାର ବିଷୟରେ ଆଲୋଚନା ରହିଛି। ଶିବାଜୀଙ୍କ ପ୍ରସିଦ୍ଧ ଭବାନୀ ଖଡ୍‌ଗ ସମ୍ପର୍କରେ ମଧ୍ୟ ପାରମ୍ପରିକ ବିଶ୍ୱାସର ଉଲ୍ଲେଖ ରହିଛି। ଐତିହାସିକ ସାହିତ୍ୟରେ ଶିବାଜୀଙ୍କ ଖଡ୍‌ଗକୁ ଦେବୀ ଭବାନୀଙ୍କ ସହ ଯୋଡ଼ି ଦେଖାଯାଇଥିବାର ଉଦାହରଣ ରହିଛି। ଏକ ପୁରୁଣା ଐତିହାସିକ ଲେଖାରେ ମଧ୍ୟ ଶିବାଜୀଙ୍କ ଭବାନୀ ନାମକ ଖଡ୍‌ଗର ଉଲ୍ଲେଖ ମିଳେ। ଏହି ପୁସ୍ତକରେ ବସ୍ତର ଅଞ୍ଚଳର ଜଣେ ରାଜାଙ୍କ ସମ୍ପର୍କରେ ମଧ୍ୟ ଏକ ପାରମ୍ପରିକ କାହାଣୀ ଦିଆଯାଇଛି। ଯୁଦ୍ଧ ଓ ସଂଘର୍ଷ ସମୟରେ ଦେବୀଙ୍କ ଆଶୀର୍ବାଦ ଓ ତାଙ୍କଠାରୁ ମିଳିଥିବା ଅସ୍ତ୍ରର ଭୂମିକାକୁ ଏଥିରେ ବର୍ଣ୍ଣନା କରାଯାଇଛି। ସେହିପରି ବିଜୟନଗର ସାମ୍ରାଜ୍ୟର ଜଣେ ରାଜକୁମାରଙ୍କ ସମ୍ପର୍କରେ ମଧ୍ୟ ଦେବୀଙ୍କଠାରୁ ମିଳିଥିବା ଖଡ୍‌ଗରେ ଯୁଦ୍ଧ କରିବାର ପାରମ୍ପରିକ ବର୍ଣ୍ଣନା ସ୍ଥାନ ପାଇଛି। ବିଜୟନଗର ସାମ୍ରାଜ୍ୟର ଇତିହାସରେ ରାଜା, ମନ୍ଦିର ଓ ଦେବଦେବୀଙ୍କ ସମ୍ପର୍କର ଅନେକ ଐତିହାସିକ ଉଦାହରଣ ମିଳେ। ରାଜାମାନେ ନିଜ ଶାସନକୁ ଧାର୍ମିକ ପ୍ରତୀକ ଓ ଦେବଦେବୀଙ୍କ ସହ ଯୋଡ଼ି ନିଜର ରାଜକୀୟ ଅଧିକାରକୁ ଦୃଢ଼ କରୁଥିବା ଇତିହାସ ଗବେଷଣାରେ ଉଲ୍ଲେଖ ରହିଛି।

## ରାଜପଥରେ ଅବତରଣ କଲା ଭାରତୀୟ ସେନାର ହେଲିକପ୍ଟର

ନୂଆଦିଲ୍ଲୀ: ରାଜସ୍ଥାନର ଦନ୍ତୋର ନିକଟରେ ଜାତୀୟ ରାଜପଥ ୯୧୧ର ଏକ ଅଂଶକୁ ଭାରତୀୟ ସେନା ଏହାର ସାମରିକ ହେଲିକପ୍ଟର ପାଇଁ ଏକ ଅସ୍ଥାୟୀ ହେଲିପ୍ୟାଡ୍ ଭାବେ ବ୍ୟବହାର କରିଛି। ମଙ୍ଗଳବାର ଭାରତ-ପାକିସ୍ତାନ ସୀମା ନିକଟରେ ଏକ ସମରାଭ୍ୟାସ ସମୟରେ ଭାରତୀୟ ସେନା ଜାତୀୟ ରାଜପଥକୁ ହେଲିପ୍ୟାଡ୍‌ରେ ପରିଣତ କରିଥିଲା। ତେବେ ୨୦୧୬ ସେପ୍ଟେମ୍ବର ୨୮-୨୯ ରାତିରେ ଭାରତୀୟ ସେନା ଏଲ୍ଓସିରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରିବାର ଆଜି ୧୦ ବର୍ଷ ପୂର୍ତ୍ତି ହୋଇଥିବାବେଳେ ଏଭଳି ସମୟରେ ଭାରତୀୟ ସେନା ଦ୍ୱାରା ଭାରତ-ପାକିସ୍ତାନ ସୀମା ନିକଟରେ ହୋଇଥିବା ସମରାଭ୍ୟାସ ଏକ ସଂଯୋଗ। ରାଜପଥର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ରୁଦ୍ର, ଧ୍ରୁବ ଓ ଚେତକ ହେଲିକପ୍ଟର ଉଡ଼ାଣ ଓ ଅବତରଣ କରିଛି।

## ବ୍ୟୁଟି ଆଇକନ୍ ଇଣ୍ଡିଆ ଗ୍ଲୋବାଲ୍ ସିଜନ୍-୭ରେ ଡ. ପବିତ୍ର ମୋହନ ସାମନ୍ତରାୟ

ରାୟପୁର : ଆର୍ଣ୍ଣା ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ "ବ୍ୟୁଟି ଆଇକନ୍ ଇଣ୍ଡିଆ ଗ୍ଲୋବାଲ୍-ସିଜନ୍ ୭'ର ଗ୍ରାଣ୍ଡ ଫିନାଲେରେ ରାଷ୍ଟ୍ରୀୟ ପତ୍ରକାର ମହାସଂଘର ଜାତୀୟ ସଭାପତି ତଥା ଆଇଏଫ୍ଏସ୍ଏମ୍ଏର ଜାତୀୟ ସଭାପତି ଡ. ପବିତ୍ର ମୋହନ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସେପେଟମ୍ବର ୨୭ରେ ରାୟପୁରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ "ବିୟୁଟି ଓ୍ୱିଥ୍ ପର୍ପୋଜ୍' ବାର୍ତ୍ତା ସହ ଭାରତୀୟ ସଂସ୍କୃତି, ନାରୀ ସଶକ୍ତିକରଣ, ପ୍ରତିଭା ଓ ସାମାଜିକ ଦାୟିତ୍ୱକୁ ଗୁରୁତ୍ୱ ଦିଆଯାଇଥିଲା ।



ବିଭିନ୍ନ ବର୍ଗର ବିଜେତାଙ୍କୁ ସମ୍ମାନିତ କରାଯିବା ସହ ସମାଜସେବା ଓ ନାରୀ ସଶକ୍ତିକରଣ କ୍ଷେତ୍ରରେ ଅବଦାନ ପାଇଁ "ମାନବତା ରନି ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା । ନୂତନ ପ୍ରତିଭାଙ୍କୁ ମଞ୍ଚ ପ୍ରଦାନ ଓ ଭାରତୀୟ ସଂସ୍କୃତିର ପ୍ରଚାର ପାଇଁ ଡ. ସାମନ୍ତରାୟ ଆୟୋଜକଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ।

## ସୁପ୍ରିମକୋର୍ଟ ଜଜ୍ ହେବେ ଦେବେନ୍ଦ୍ର ଉପାଧ୍ୟାୟ

ନୂଆଦିଲ୍ଲୀ : ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଦେବେନ୍ଦ୍ର କୁମାର ଉପାଧ୍ୟାୟଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ କରିଛି। ତାଙ୍କ ଆଇନ ଓ ନ୍ୟାୟିକ ଜୀବନର ଏକ ବଡ଼ ଅଂଶ ଲକ୍ଷ୍ନୌ ସହ ଜଡ଼ିତ ରହିଛି। ନ୍ୟାୟମୂର୍ତ୍ତି ଉପାଧ୍ୟାୟଙ୍କ ଜନ୍ମ ୧୬ ଜୁନ୍ ୧୯୬୫ରେ ଉତ୍ତରପ୍ରଦେଶର ଅମ୍ବେଦକର ନଗର ଜିଲ୍ଲାର ମୁସ୍କରାଇ ଗାଁରେ ହୋଇଥିଲା। ସେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରୁ ଆଇନ ଶିକ୍ଷା ଶେଷ କରି ୧୯୯୧ରେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇଥିଲେ। ପରେ ସେ ସିଭିଲ୍ ଓ ସାମ୍ବିଧାନିକ ମାମଲାରେ ଓକିଲାତି କରିଥିଲେ।

## ନକଲି ସିଭିରେ ବଡ଼ ଚାକିରି, ମାସିକ ପାଉଥିଲେ ୨ ଲକ୍ଷରୁ ଅଧିକ

ଲକ୍ଷ୍ନୌ : ଧରା ପଡ଼ିଛନ୍ତି ଜଣେ ଚତୁର ଠକ। ସେ ନକଲି ସିଭିରେ ହାସଲ କରିଥିଲେ ବଡ଼ ଚାକିରି। ଗୋଟିଏ କମ୍ପାନୀର ବଡ଼ ପଦବୀରେ ରହିବା ସହ ମାସିକ ୨ ଲକ୍ଷରୁ ଅଧିକ ଟଙ୍କାର ଦରମା ମଧ୍ୟ ଉଠାଉଥିଲେ।ମଧ୍ୟପ୍ରଦେଶର ଅଟୋ ମୋବାଇଲ କମ୍ପାନୀରେ ଚାକିରି କରିଥିବା ଏହି ଠକ ଜଣଙ୍କ ନକଲି ଅଭିଜ୍ଞତା ପ୍ରମାଣପତ୍ର ଦେଇ ଚାକିରି ପାଇଥିବା ଜଣାପଡ଼ିବା ପରେ ପୁଲିସ୍ ତାଙ୍କୁ ଗିରଫ କରିଛି। ଏହାପରେ ସବୁ ସତ ସାମ୍ନାକୁ ଆସିଛି। ଅଭିଯୁକ୍ତ ଜଣଙ୍କ ନକଲି ଅଭିଜ୍ଞତା ପ୍ରମାଣପତ୍ର ସହ ଗୋଟିଏ ସିଭି ପ୍ରସ୍ତୁତ କରିଥିଲେ। ଏହି ସିଭି ବଳରେ ସେ ଗ୍ୱାଲିୟରରେ ଥିବା ଶ୍ରୀତୁଲଜା ଭାବାନୀ ଅଟୋମୋବାଇଲ ପ୍ରାଇଭେଟ ଲିଃରେ ଚାକିରି ପାଇଥିଲେ।ତାଙ୍କୁ ଗ୍ରୁପ ଭାଇସ ପ୍ରେସିଡେଣ୍ଟ ପଦର



ଦାୟିତ୍ୱ ମିଳିଥିଲା। ପୂର୍ବରୁ ସେ ଲ୍ୟାଣ୍ଡମାର୍କ ଗ୍ରୁପ୍ରେ କାମ କରୁଥିବା ଅଭିଜ୍ଞତା ପ୍ରମାଣପତ୍ର ଦେଖାଇଥିବାରୁ ତାଙ୍କୁ ଶ୍ରୀତୁଲଜା ଭାବାନୀ ଅଟୋମୋବାଇଲ ପ୍ରାଇଭେଟ ଲିଃରେ ବଡ଼ ଦାୟିତ୍ୱ ମିଳିଥିଲା। ହେଲେ ସେ ଦାଇଥିବା ଅଭିଜ୍ଞତା ପ୍ରମାଣପତ୍ର ସଂପୂର୍ଣ୍ଣ ନକଲି ଥିଲା। କ୍ରାଇମବ୍ରାଞ୍ଚ ଇନସପେକ୍ଟର ଅମିତ ଶର୍ମାଙ୍କ କହିବା କଥା ଯେ କାନପୁରର ମୂଳବାସିନ୍ଦା ଦେବେନ୍ଦ୍ର କୁମାର ଦୁବେଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଦେବେନ୍ଦ୍ର ଶ୍ରୀତୁଲଜା ଭାବାନୀ ଅଟୋମୋବାଇଲ ପ୍ରାଇଭେଟ ଲିଃର ଗ୍ରୁପ ଭାଇସ ପ୍ରେସିଡେଣ୍ଟ ପଦ ପାଇଁ ଆବେଦନ କରିଥିଲେ।ଏହି ସମୟରେ ସେ ନକଲି ଦସ୍ତାବିଜ ଦାଖଲ କରି ଲ୍ୟାଣ୍ଡମାର୍କ ଗ୍ରୁପରେ କାମ କରୁଥିବା ସମସ୍ତଙ୍କୁ ଜଣାଇଥିଲେ। ହେଲେ ଯାଞ୍ଚ ବେଳେ ଦେବେନ୍ଦ୍ର କେବେ ବି ଲ୍ୟାଣ୍ଡମାର୍କ ଗ୍ରୁପରେ କାମ କରୁ ନଥିବା ସ୍ପଷ୍ଟ ହୋଇଛି। ଲ୍ୟାଣ୍ଡମାର୍କ ଗ୍ରୁପରେ କାମ କରୁ ନଥିଲେ ମଧ୍ୟ ଜାଲ କାଗଜପତ୍ର ଦ୍ୱାରା ସେ ଚାକିରି ପାଇବା ସହ ମୋଟା ଅଙ୍କର ଦରମା ନେଉଥିଲେ। ଅଭିଜ୍ଞତା ନଥାଇ ସେ ଶ୍ରୀତୁଲଜା ଭାବାନୀ ଅଟୋମୋବାଇଲ ପ୍ରାଇଭେଟ ଲିଃରେ ଗ୍ରୁପ ଭାଇସ ପ୍ରେସିଡେଣ୍ଟ ପଦରେ କାମ କରିଥିଲେ ଓ ମାସିକ ୨,୮୦,୬୭୦ ଟଙ୍କା ଦରମା ଉଠାଉଥିଲେ।ସବୁ କିଛି ଜଣାପଡ଼ିବା ପରେ କ୍ରାମଇବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଥିଲା। ପୁଲିସ୍ ଟିମ କାନପୁର ଯାଇ ଖୋଳତାଡ଼ ଆରମ୍ଭ କରିଥିଲା। ଶେଷରେ ସୋମବାର ପୁଲିସ କାନପୁରରୁ ଦେବେନ୍ଦ୍ରଙ୍କୁ ଗିରଫ କରିଛି।ଏବେ ତାଙ୍କୁ ଗ୍ୱାଲିୟର ଅଣା ଯାଉଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଦେବେନ୍ଦ୍ରଙ୍କୁ ଗ୍ୱାଲିୟରକୁ ଆଣିବା ପରେ ପୁଲିସ୍ ତାଙ୍କୁ ରିମାଣ୍ଡରେ ନେବ। ନିଯୁକ୍ତି ଠକେଇ ଓ ଜାଲ କାଗଜପତ୍ର ବାହାର କରୁଥିବା ନେଟୱର୍କକୁ ପର୍ଦ୍ଦାଫାସ କରିବାକୁ ପୁଲିସ ଲକ୍ଷ୍ୟ ରଖିଛି।

# ଏସିଆଡରେ ସ୍ୱର୍ଣ୍ଣିମ ଦିନ




ନାଗୋୟା : ଆଇଚି-ନାଗୋୟା ଏସିଆଡ୍ରେ ଭାରତୀୟ କ୍ରୀଡ଼ା ଦଳ ପାଇଁ ଦଶମ ଦିନଟି ରହିଛି ସ୍ମରଣୀୟ। ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ଭାରତୀୟ କ୍ରୀଡ଼ାବିତ୍ମାନେ ଦମ୍ଦାର ପ୍ରଦର୍ଶନ କରି ଦିନକରେ ଏକାଧିକ ପଦକ ହାସଲ କରିଛନ୍ତି। ଦିନର ସବୁଠାରୁ ବଡ଼ ଆକର୍ଷଣ ଥିଲେ ସୁଟର ନୀରୁ ଧାଣ୍ଡା। ମହିଳା ଟ୍ରାପ୍ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣ ଜିତି ସେ ଏସିଆଡ୍ରେ ଏହି ଇଭେଣ୍ଟରେ ଭାରତ ପାଇଁ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ଆଣି ଇତିହାସ ରଚିଛନ୍ତି। ଏହା ପରେ ମହିଳା ୪ ଗୁଣା ୪୦୦ ମିଟର ରିଲେରେ କିରଣ ପାହାଲ, ପୁଭମ୍ମା ମାଚେଟ୍ଟିରା, ପ୍ରାଚୀ ଓ ଭିଥ୍ୟା ରାମରାଜଙ୍କ ଭାରତୀୟ ଦଳ ସ୍ୱର୍ଣ୍ଣ ଜିତି ଆଥଲେଟିକ୍ସରେ ଦେଶର ଅଭିଯାନକୁ ଆହୁରି ଗୌରବମୟ କରିଛି। ଭାରତୀୟ ଦଳ ୩ ମିନିଟ୍ ୨୯.୬୯ ସେକେଣ୍ଡରେ ଦୌଡ଼ ଶେଷ କରି ପ୍ରଥମ ସ୍ଥାନ ହାସଲ କରିଥିଲା। ଦିନଟିରେ ଗୁଲବୀର ସିଂହ ମଧ୍ୟ ଆଉ ଏକ ପଦକ ଜିତି ଏକେ ଏସିଆଡରେ ତୃତୀୟ ପଦକ ହାସଲ କରିଛନ୍ତି। ବକ୍ସିଂ, ଭଲିବଲ୍, ଆର୍ଚେରୀ, ସ୍କ୍ୱାଶ୍ ଓ ଟେନିସରେ ମଧ୍ୟ ଭାରତୀୟ ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଦିନ ଶେଷରେ ଭାରତର ମୋଟ ପଦକ ସଂଖ୍ୟା ୫୩ରେ ପହଞ୍ଚିଛି ୬ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୨୬ କାଂସ୍ୟ। ଏହା ସହ ଭାରତ ପଦକ ତାଲିକାର ଶୀର୍ଷ ୧୦କୁ ଫେରିଛି।

## ନୀରୁ ଧାନ୍ଦାଙ୍କ ଐତିହାସିକ ଟ୍ରାପ୍ ସ୍ୱର୍ଣ୍ଣ, ମହିଳା ୪ଗୁଣା ୪୦୦ ମିଟର ରିଲେରେ ସ୍ୱର୍ଣ୍ଣ: ଗୁଲବୀରଙ୍କ ପଦକ ହ୍ୟାଟ୍ରିକ୍, ବକ୍ସିଂରେ ଦମ୍ଦାର ପ୍ରଦର୍ଶନ

### ସୁଟିଂ: ନୀରୁଙ୍କ ଐତିହାସିକ ସ୍ୱର୍ଣ୍ଣ



ଦଶମ ଦିନର ଆରମ୍ଭରୁ ଭାରତକୁ ବଡ଼ ସଫଳତା ଦେଇଥିଲେ ନୀରୁ ଧାନ୍ଦା। ମହିଳା ବ୍ୟକ୍ତିଗତ ଟ୍ରାପ୍ ଇଭେଣ୍ଟରେ ସେ ୨୮ଟି ସଫଳ ଶଟ୍ ମାରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସଫଳତା ସହ ଏସିଆନ୍ ଗେମ୍ସରେ ବ୍ୟକ୍ତିଗତ ମହିଳା ଟ୍ରାପ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିବାରେ ନୀରୁ ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି। ଭାରି ବର୍ଷା ଓ ଥଣ୍ଡା ପାଗ ମଧ୍ୟରେ ତାଙ୍କର ଏହି ପ୍ରଦର୍ଶନ ଆହୁରି ଉଲ୍ଲେଖନୀୟ ହୋଇଛି। ନୀରୁଙ୍କ ସଫଳତା ପଛରେ ରହିଛି ଏକ କଠିନ ପ୍ରତ୍ୟାବର୍ତ୍ତନ କାହାଣୀ। ଏସିଆଡ୍ ପୂର୍ବରୁ ସେ ଅସୁସ୍ଥ ହୋଇଥିଲେ ଏବଂ ପ୍ରାୟ ସାଢ଼େ ତିନି ସପ୍ତାହ ଟ୍ରେନିଂରୁ ଦୂରେ ରହିଥିଲେ। ହସ୍ପିଟାଲରେ ରହିବା ପରେ ସେ ସୀମିତ ସମୟର ଅଭ୍ୟାସ ସହ ଜାପାନ ପହଞ୍ଚିଥିଲେ। ତଥାପି ପ୍ରତିଯୋଗିତାରେ ତାଙ୍କ ଏକାଗ୍ରତା ଓ ନିୟନ୍ତ୍ରଣ ଅବିଚଳିତ ରହିଥିଲା। ଶେଷରେ ସେ ଭାରତକୁ ଏକ ଐତିହାସିକ ସ୍ୱର୍ଣ୍ଣ ଦେଇଥିଲେ। ମହିଳା ଟ୍ରାପ୍ ଟିମ୍ ଇଭେଣ୍ଟରେ ମଧ୍ୟ ଭାରତ ପୂର୍ବରୁ ରୌପ୍ୟ ପଦକ ହାସଲ କରିଥିଲା। ନୀରୁ, ମନୀଷା କୀର୍ ଓ ଆଶିମା ଅହଲାୱତଙ୍କ ପ୍ରଦର୍ଶନ ଭାରତୀୟ ସୁଟିଂ ଦଳର ଶକ୍ତିକୁ ପ୍ରମାଣିତ କରିଛି।

### ଆଥଲେଟିକ୍ସ: ରିଲେରେ ସ୍ୱର୍ଣ୍ଣ

ସନ୍ଧ୍ୟାରେ ଆଥଲେଟିକ୍ସ ଟ୍ରାକ୍ରୁ ଆସିଥିଲା ଦିନର ଦ୍ୱିତୀୟ ସ୍ୱର୍ଣ୍ଣ। ଭାରତୀୟ ମହିଳା ୪ ଗୁଣା ୪୦୦ ମିଟର ରିଲେ ଦଳ ଚମତ୍କାର ପ୍ରଦର୍ଶନ କରି ଶୀର୍ଷ ସ୍ଥାନ ଦଖଲ କରିଥିଲା। କିରଣ ପହଲ, ଏମ୍.ଆର୍. ପୁଭମ୍ମା, ପ୍ରାଚୀ ଚୌଧୁରୀ ଓ ବିଥ୍ୟା ରାମରାଜଙ୍କୁ ନେଇ ଗଠିତ ଦଳ ୩:୨୯.୬୯ ସେକେଣ୍ଡରେ ଦୌଡ଼ ଶେଷ କରିଥିଲା। ଏହି ବିଜୟ ସହ ଚଳିତ ଏସିଆନ୍ ଗେମ୍ସରେ ଆଥଲେଟିକ୍ସରୁ ଭାରତର ପ୍ରଥମ ସ୍ୱର୍ଣ୍ଣ ଆସିଛି। ଏହି ଦଳରେ ବିଥ୍ୟା ରାମରାଜଙ୍କ ପ୍ରଦର୍ଶନ ବିଶେଷ ଚର୍ଚ୍ଚାରେ ରହିଛି। ମହିଳା ୪୦୦ ମିଟର ହର୍ଡଲ୍ସରେ ସେ ଭାରତୀୟ ରେକର୍ଡ ଭାଙ୍ଗିଥିବା ନେଇ ମଧ୍ୟ ଦିନଟିରେ ଚର୍ଚ୍ଚା ହୋଇଛି। ୪୨ ବର୍ଷ ଧରି ରହିଥିବା ପି.ଟି. ଉଷାଙ୍କ ୫୫.୪୨ ସେକେଣ୍ଡର ଜାତୀୟ ରେକର୍ଡକୁ ବିଥ୍ୟା ଭାଙ୍ଗିଛନ୍ତି।

### ଗୁଲବୀର ସିଂହ: ପଦକରେ ହ୍ୟାଟ୍ରିକ୍

ଦୂରଦୌଡ଼ରେ ଭାରତର ଗୁଲବୀର ସିଂହ ମଧ୍ୟ ନିଜର ଅଭିଯାନକୁ ଆଉ ଏକ ପଦକରେ ସମୃଦ୍ଧ କରିଛନ୍ତି। ପୁରୁଷ ୫୦୦୦ ମିଟରରେ ସେ କାଂସ୍ୟ ପଦକ ଜିତି ଚଳିତ ଏସିଆଡ୍ରେ ନିଜର ମୋଟ ପଦକ ସଂଖ୍ୟାକୁ ତିନିରେ ପହଞ୍ଚାଇଛନ୍ତି। ଏହା ପୂର୍ବରୁ ସେ ୧୫୦୦ ମିଟର ଓ ୧୦,୦୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ତେଣୁ ଗୋଟିଏ ଏସିଆନ୍ ଗେମ୍ସ ସଂସ୍କରଣରେ ତିନିଟି ପଦକ ହାସଲ କରି ଗୁଲବୀର ନିଜ ଅଭିଯାନକୁ ଐତିହାସିକ କରିଛନ୍ତି।

### ବକ୍ସିଂ: ଫାଇନାଲ୍ ଟିକେଟ୍ ପାଇଁ ଲଢ଼େଇ

ବକ୍ସିଂରେ ମଧ୍ୟ ଭାରତୀୟ ପ୍ରଦର୍ଶନ ଦୃଢ଼ ରହିଥିଲା। ମହିଳା ୬୫ କେଜି ବର୍ଗରେ ପାର୍ବିନ ହୁଡା ସେମିଫାଇନାଲରେ ଚୀନ୍ର ଲି ଶୁଙ୍କୁ ୫-୦ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲେ। ଏହା ସହ ତାଙ୍କର ଅତିକମରେ ରୌପ୍ୟ ପଦକ ନିଶ୍ଚିତ ହୋଇଛି। ପୁରୁଷ ୮୦ କେଜି ବର୍ଗରେ ଅଙ୍କୁଶ ପାଙ୍ଗହାଲ୍ ମଧ୍ୟ ସେମିଫାଇନାଲ୍ ଜିତି ଫାଇନାଲ୍ରେ ସ୍ଥାନ ସୁନିଶ୍ଚିତ କରିଥିଲେ। ଅନ୍ୟପକ୍ଷରେ ହେଭିୱେଟ୍ ବର୍ଗରେ ନରେନ୍ଦର ବରୱାଲ୍ ସେମିଫାଇନାଲରେ ହାରିଥିଲେ ମଧ୍ୟ କାଂସ୍ୟ ପଦକ ନିଶ୍ଚିତ କରିଥିଲେ। ଏଭଳି ଭାବେ ବକ୍ସିଂରେ ଭାରତର ପଦକ ସଂଖ୍ୟା ବଢ଼ିବାର ରାସ୍ତା ଖୋଲିଛି।

### ଭଲିବଲ୍: ଭାରତର ଦମ୍ଦାର ପ୍ରତ୍ୟାବର୍ତ୍ତନ

ପୁରୁଷ ଭଲିବଲରେ ଭାରତୀୟ ଦଳ ଚାପରୁ ଫେରି ଚମତ୍କାର ବିଜୟ ହାସଲ କରିଥିଲା। ମ୍ୟାଚ୍ରେ ପଛରେ ଥିବା ସତ୍ତ୍ୱେ ଭାରତୀୟ ଖେଳାଳିମାନେ ମ୍ୟାଚ୍କୁ ନିଜ ନିୟନ୍ତ୍ରଣକୁ ଆଣିଥିଲେ। ଏହି ବିଜୟ ଦଳର ମନୋବଳ ବଢ଼ାଇବା ସହ ଆଗାମୀ ମ୍ୟାଚ୍ଗୁଡ଼ିକ ପାଇଁ ଭାରତର ଆଶାକୁ ମଜବୁତ କରିଛି।

### ଆର୍ଚେରୀ: ନକ୍ଆଉଟ୍ ପର୍ଯ୍ୟାୟରେ ଆଗକୁ

ତୀରନ୍ଦାଜୀରେ ମଧ୍ୟ ଭାରତୀୟ ଖେଳାଳିମାନେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଜିତି ଆଗକୁ ବଢ଼ିଛନ୍ତି। ରିକର୍ଭ ଓ କମ୍ପାଉଣ୍ଡ ବିଭାଗରେ ଭାରତୀୟ ଦଳର ପଦକ ଆଶା ଜାରି ରହିଛି। ଦଶମ ଦିନର ଫଳାଫଳ ଭାରତୀୟ ତୀରନ୍ଦାଜଙ୍କୁ ଆଗାମୀ ନକ୍ଆଉଟ୍ ଲଢ଼େଇ ପାଇଁ ଆତ୍ମବିଶ୍ୱାସ ଦେଇଛି।

### ସ୍କ୍ୱାଶ: ଭାରତୀୟଙ୍କ ବିଜୟ ଅଭିଯାନ

ସ୍କ୍ୱାଶରେ ଭାରତୀୟ ଖେଳାଳିମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ଟିମ୍ ଇଭେଣ୍ଟରେ ଭାରତୀୟ ଦଳ ଆଗକୁ ବଢ଼ିବା ସହ ପଦକ ଆଶାକୁ ଜୀବନ୍ତ ରଖିଛି। ବ୍ୟକ୍ତିଗତ ଓ ଟିମ୍ ଇଭେଣ୍ଟରେ ଭାରତୀୟ ସ୍କ୍ୱାଶ ଖେଳାଳିଙ୍କ ଦୃଢ଼ ପ୍ରଦର୍ଶନ ଜାରି ରହିଛି।

### ଟେନିସ୍: ଭାରତୀୟ ଖେଳାଳିଙ୍କ ଅଭିଯାନ ଜାରି

ଟେନିସରେ ମଧ୍ୟ ଭାରତୀୟ ଖେଳାଳିମାନେ ବିଭିନ୍ନ ବର୍ଗରେ ଲଢ଼େଇ ଜାରି ରଖିଛନ୍ତି। ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ପାଇଁ ପ୍ରୟାସ କରିଛନ୍ତି। ଟିମ୍ ଇଭେଣ୍ଟ ବାହାରେ ଏହି ଇଭେଣ୍ଟଗୁଡ଼ିକ ମଧ୍ୟ ଭାରତର ପଦକ ସମ୍ଭାବନାକୁ ଜୀବନ୍ତ ରଖିଛି।

### ଦିନ ଶେଷରେ ୫୩ ପଦକ

ଦଶମ ଦିନରେ ଭାରତ ମୋଟ ୮ଟି ପଦକ ଜିତିଥିଲା। ଏଥିରେ ୨ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୨୬ କାଂସ୍ୟ ସହ ମୋଟ ପଦକ ସଂଖ୍ୟା ୫୩ରେ ପହଞ୍ଚିଛି। ଦୁଇଟି ସ୍ୱର୍ଣ୍ଣ ଭାରତକୁ ପଦକ ତାଲିକାର ଶୀର୍ଷ ୧୦ ମଧ୍ୟକୁ ଫେରାଇଛି। ନୀରୁ ଧାନ୍ଦାଙ୍କ ଐତିହାସିକ ସ୍ୱର୍ଣ୍ଣ, ମହିଳା ୪ଗୁଣା ୪୦୦ ମିଟର ରିଲେର ଗୋଲ୍ଡ, ଗୁଲବୀର ସିଂହଙ୍କ ପଦକ ହ୍ୟାଟ୍ରିକ୍ ଏବଂ ବକ୍ସିଂରେ ଫାଇନାଲ୍ ପାଇଁ ଭାରତୀୟଙ୍କ ଅଗ୍ରଗତି ଦଶମ ଦିନର ପ୍ରମୁଖ ଘଟଣା ରହିଛି। ଆଇଚି-ନାଗୋୟା ଏସିଆନ୍ ଗେମ୍ସର ଅବଶିଷ୍ଟ ଦିନଗୁଡ଼ିକରେ ଭାରତୀୟ ଦଳ ଆହୁରି ପଦକ ଯୋଡ଼ିବା ଲକ୍ଷ୍ୟରେ ଆଗକୁ ବଢ଼ିଛି।






## ଏସିଆଡରେ କିଟ୍ର ୧୯ ପଦକ

ଭୁବନେଶ୍ୱର: ଆଇଚି-ନାଗୋୟା ଏସିଆଡ୍ ୨୦୨୬ରେ ଭାରତୀୟ ଆଥଲେଟିକ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ନୂଆ ଇତିହାସ ରଚିଛନ୍ତି। ଭାରତ ଏପର୍ଯ୍ୟନ୍ତ ଆଥଲେଟିକ୍ସରେ ଜିତିଥିବା ୨୪ଟି ପଦକ ମଧ୍ୟରୁ ୧୯ଟିରେ କିଟ୍ ଛାତ୍ରଛାତ୍ରୀଙ୍କ ପ୍ରତ୍ୟକ୍ଷ ଅବଦାନ ରହିଛି। ଏହି ୧୯ ପଦକ ମଧ୍ୟରେ ରହିଛି ୧ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୧୧ଟି କାଂସ୍ୟ। ଚଳିତ ଏସିଆଡ୍ରେ କିଟର ୫୪ ଜଣ ଛାତ୍ରଛାତ୍ରୀ ଭାରତକୁ ପ୍ରତିନିଧିତ୍ୱ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୪୫ ଜଣ ଆଥଲେଟିକ୍ସରେ ଅଂଶଗ୍ରହଣ କରୁଛନ୍ତି। ଦଶମ ଦିନରେ ମହିଳା ୪ଗୁଣା ୪୦୦ ମିଟର ରିଲେରେ ମିଳିଥିବା ସ୍ୱର୍ଣ୍ଣ ଏହି ସଫଳତାର ସବୁଠାରୁ ବଡ଼ ଆକର୍ଷଣ। କିରଣ ପାହାଲ, ପୁଭମ୍ମା ମାଚେଟ୍ଟିରା, ପ୍ରାଚୀ ଚୌଧୁରୀ ଓ ଭିଥ୍ୟା ରାମରାଜଙ୍କୁ ନେଇ ଗଠିତ ଭାରତୀୟ ଦଳ ୩ ମିନିଟ୍ ୨୯.୬୯ ସେକେଣ୍ଡରେ ଦୌଡ଼ ଶେଷ କରି ସ୍ୱର୍ଣ୍ଣ ଜିତିଛି। ଏହି ଚାରିଜଣ ଯାକ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ। ଏହି ବିଜୟ ଚଳିତ ଏସିଆଡରେ ଆଥଲେଟିକ୍ସରେ ଭାରତର ପ୍ରଥମ ସ୍ୱର୍ଣ୍ଣ ମଧ୍ୟ ହୋଇଛି। କିଟ୍ ଛାତ୍ରଛାତ୍ରୀଙ୍କ ଦବଦବା କେବଳ ମହିଳା ରିଲେରେ ସୀମିତ ନୁହେଁ। ପୁରୁଷ ୪ ଗୁଣା ୪୦୦ ମିଟର ରିଲେରେ ଭାରତୀୟ ଦଳ କାଂସ୍ୟ ପଦକ ଜିତିଥିବାବେଳେ ଧର୍ମବୀର ଚୌଧୁରୀ, ଜୟ କୁମାର ଓ ବିଶାଲ ଥେନ୍ନାରାସୁ କାୟଲଭିଝି କିଟ୍ ସହ ଜଡ଼ିତ। ସେହିପରି ୪ ଗୁଣା ୧୦୦ ମିଟର ମିକ୍ସଡ୍ ରିଲେରେ ମଧ୍ୟ ଅନିମେଶ କୁଜୁର, ହରିତା ଭଦ୍ର ଓ ଗୁରିନ୍ଦରଭୀର ସିଂହଙ୍କ ଅବଦାନ ରହିଛି। ଭାରତୀୟ ଦଳ ଏହି ଇଭେଣ୍ଟରେ କାଂସ୍ୟ ପଦକ ଜିତିଛି। କିଟର ପଦକ ତାଲିକାରେ ଅନେକ ବଡ଼ ନାମ ରହିଛି। ସାୱନ ବାରୱାଲ ମାରାଥନରେ ରୌପ୍ୟ, ତେଜିନ୍ଦରପାଲ ସିଂହ ତୁର ସଟ୍ପୁଟରେ ରୌପ୍ୟ, ସର୍ବେଶ କୁଶାରେ ହାଇଜମ୍ପରେ ରୌପ୍ୟ, ଆନ୍ସି ସୋଜନ ଲଙ୍ଗଜମ୍ପରେ ରୌପ୍ୟ, ଯଶବୀର ସିଂହ ଜାଭେଲିନରେ ରୌପ୍ୟ ଓ ମୁରଲୀ ଶ୍ରୀଶଙ୍କର ଲଙ୍ଗଜମ୍ପରେ ରୌପ୍ୟ ଜିତିଛନ୍ତି। ପାରୁଲ ଚୌଧୁରୀ, ତେଜସ୍ୱିନ ଶଙ୍କର, ହରିତା ଭଦ୍ର, ଭିଥ୍ୟା ରାମରାଜ ଓ ପ୍ରାଚୀ ଚୌଧୁରୀଙ୍କ ଭଳି ଖେଳାଳିମାନେ ମଧ୍ୟ କାଂସ୍ୟ ପଦକ ଜିତିଛନ୍ତି। ବିଶେଷ କରି ଅନିମେଶ କୁଜୁରଙ୍କ ସଫଳତା ଓଡ଼ିଶା ପାଇଁ ଗୌରବର ବିଷୟ ପାଲଟିଛି। ମିକ୍ସଡ୍ ରିଲେରେ ପଦକ ଜିତି ସେ ଚଳିତ ଏସିଆଡରେ ପଦକ ଜିତିଥିବା ଓଡ଼ିଶାର ପ୍ରଥମ ଆଥଲେଟ୍ ହୋଇଥିବା ଦାବି କରାଯାଇଛି।

## ଜାତୀୟ ହକି ଚାମ୍ପିଅନସିପ୍ ସ୍ଥଗିତ ନିଷ୍ପତ୍ତିକୁ ହକି ଓଡ଼ିଶାର ତୀବ୍ର ବିରୋଧ

ଭୁବନେଶ୍ୱର, ୨୯।୯(ସବ୍ୟୁ): ରାଉରକେଲାରେ ଆୟୋଜିତ ହେବାକୁ ଥିବା ୧୬ତମ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିଅନସିପ୍କୁ ହକି ଆସୋସିଏସନ ଅଫ୍ ଓଡ଼ିଶା (ହାଓ) ଏକତରଫା ଭାବେ ସ୍ଥଗିତ ରଖିବା ଘଟଣା ରାଜ୍ୟ କ୍ରୀଡ଼ା ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। କୌଣସି ନିର୍ଦ୍ଦିଷ୍ଟ କାରଣ ନ ଦର୍ଶାଇ କେବଳ 'ଅନିବାର୍ଯ୍ୟ ପରିସ୍ଥିତି' ଦର୍ଶାଇ ପ୍ରତିଯୋଗିତାକୁ ଘୁଞ୍ଚାଇ ଦିଆଯିବାକୁ 'ହକି ଓଡ଼ିଶା' କଡ଼ା ଭାଷାରେ ନିନ୍ଦା କରିଛି। ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଏହା ରାଜ୍ୟରେ ହକିର ମୂଳଦୁଆକୁ ଦୁର୍ବଳ କରିବା ସହ ଦେଶର 'ହକି ରାଜଧାନୀ' ଭାବେ ଓଡ଼ିଶାର ଥିବା ସୁନାମ ଉପରେ ଏକ ବଡ଼ କୁଠାରଘାତ। ଏହି ନିଷ୍ପତ୍ତି ପଛରେ ଆଭ୍ୟନ୍ତରୀଣ ରାଜନୀତି ଓ ପ୍ରଶାସନିକ ଅଚଳାବସ୍ଥା ଥିବା ନେଇ ହକି ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ ଦାବି କରିଛନ୍ତି। ସେ କହିଛନ୍ତି ଯେ, ହାଓ ସଭାପତି ଦିଲୀପ ତିର୍କୀ ବର୍ତ୍ତମାନ ହକି ଇଣ୍ଡିଆର ଏକ ବିବାଦୀୟ ନିର୍ବାଚନୀ ପ୍ରକ୍ରିୟାରେ ଛନ୍ଦି ହୋଇ ରହିଛନ୍ତି। ଏଥିସହ ଜିଲ୍ଲା ସ୍ତରୀୟ ସଂଘଗୁଡ଼ିକରେ ସରକାରୀ ପ୍ରଶାସନିକ ଅଧିକାରୀଙ୍କୁ ପଦପଦବୀରେ ରଖି ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରାଯାଉଥିବା ନେଇ ମଧ୍ୟ ଗମ୍ଭୀର ଅଭିଯୋଗ ଉଠିଛି। ଏଭଳି ସଂଗଠନାତ୍ମକ କନ୍ଦଳର ଶିକାର ହୋଇ ଏକ ଜାତୀୟ ସ୍ତରର ମୁଖ୍ୟ ଟୁର୍ଣ୍ଣାମେଣ୍ଟ ବନ୍ଦ ହେବା କଦାପି ଗ୍ରହଣୀୟ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ସଂଗଠନର ଏକତରଫା କାର୍ଯ୍ୟଶୈଳୀ ବିରୋଧରେ ତୁରନ୍ତ ସାର୍ବଜନୀନ ସ୍ପଷ୍ଟୀକରଣ ଦାବି କରିବା ସହ ଏହି ପ୍ରସଙ୍ଗରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ହକି ଓଡ଼ିଶା ନିବେଦନ କରିଛି। କୌଣସି ବ୍ୟକ୍ତିଗତ ପଦପଦବୀ କିମ୍ବା ସଂଗଠନାତ୍ମକ ରାଜନୀତି ତୁଳନାରେ ଖେଳ ଏବଂ ଖେଳାଳିଙ୍କ ଭବିଷ୍ୟତ ସର୍ବୋପରି ରହିବା ଆବଶ୍ୟକ ବୋଲି ସ୍ପଷ୍ଟ କରି ଏହି ନିଷ୍ପତ୍ତି ବିରୋଧରେ ଆଗାମୀ ଦିନରେ ବ୍ୟାପକ ପ୍ରତିବାଦ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

## ହସ୍ପିଟାଲ ବେଡରୁ ଏସିଆଡ୍ ସ୍ୱର୍ଣ୍ଣ: ନୀରୁ ଧାନ୍ଦାଙ୍କ ଐତିହାସିକ ସଫଳତା



ନାଗୋୟା,୨୯।୯(ଏଜେନ୍ସି): ଦଶ ଦିନ ପୂର୍ବରୁ ହସ୍ପିଟାଲ ବେଡରେ ଥିଲେ। ଶରୀର ଏତେ ଅସୁସ୍ଥ ଥିଲା ଯେ ଏସିଆନ୍ ଗେମ୍ସ ପାଇଁ ନାଗୋୟା ଯାଇପାରିବେ କି ନାହିଁ, ତାହା ମଧ୍ୟ ଅନିଶ୍ଚିତ ଥିଲା। କିନ୍ତୁ ମଙ୍ଗଳବାର ଜାପାନର ଉରେନୋଚୋ ସୁଟିଂ ରେଞ୍ଜରେ ସେହି ନୀରୁ ଧାନ୍ଦା ରଚିଲେ ଇତିହାସ। ମହିଳା ବ୍ୟକ୍ତିଗତ ଟ୍ରାପ୍ ଇଭେଣ୍ଟରେ ୩୦ଟି ଟାର୍ଗେଟରୁ ୨୮ଟିକୁ ସଠିକ୍ ଭାବେ ଭେଦକରି ଏସିଆନ୍ ଗେମ୍ସ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତୀୟ ସୁଟର୍। ଏହା ଏସିଆଡରେ ଭାରତର ପଞ୍ଚମ ସ୍ୱର୍ଣ୍ଣ ପଦକ। ନୀରୁଙ୍କ ଏହି ସଫଳତାର ଗୁରୁତ୍ୱ ଆହୁରି ବଢ଼ିଯାଇଛି, କାରଣ ଏସିଆନ୍ ଗେମ୍ସରେ ବ୍ୟକ୍ତିଗତ ଟ୍ରାପ୍ ସୁଟିଂରେ ସ୍ୱର୍ଣ୍ଣ ଜିତିବାରେ ସେ ପ୍ରଥମ ଭାରତୀୟ ମହିଳା। ଏହାସହ ଭାରତୀୟ ସୁଟର୍ମାନଙ୍କ ପାଇଁ ମଧ୍ୟ ଦୀର୍ଘ ୪୮ ବର୍ଷର ଅପେକ୍ଷାର ଅନ୍ତ ଘଟିଛି। ୧୯୭୮ ଏସିଆନ୍ ଗେମ୍ସରେ ରନ୍ଧୀର ସିଂହ ଟ୍ରାପ୍ରେ ସ୍ୱର୍ଣ୍ଣ ଜିତିବା ପରେ ଏହି ଇଭେଣ୍ଟରେ ଭାରତ ପୁଣି ସ୍ୱର୍ଣ୍ଣ ହାସଲ କରିଛି। ମହିଳା ଟ୍ରାପ୍ ଇଭେଣ୍ଟ ୧୯୯୦ରୁ ଏସିଆନ୍ ଗେମ୍ସରେ ସାମିଲ ହୋଇଥିବାବେଳେ ଏପର୍ଯ୍ୟନ୍ତ ଚୀନ୍ର ପ୍ରଭାବ ରହିଥିଲା। ନୀରୁଙ୍କ ପାଇଁ ଏହି ସଫଳତା ସହଜ ନଥିଲା। ଦିଲ୍ଲୀର ଜାତୀୟ ଶିବିର ସମୟରେ ତାଙ୍କୁ ସଂକ୍ରମଣ ହୋଇଥିଲା। ଫଳରେ ପ୍ରାୟ ସାଢ଼େ ତିନି ସପ୍ତାହ ସେ ଟ୍ରେନିଂ ନେଇପାରିନଥିଲେ। ଅସୁସ୍ଥତା ଏତେ ଗୁରୁତର ଥିଲା ଯେ ଲଗାତାର ପାଞ୍ଚ ଦିନ ସେ କିଛି ଖାଇନଥିଲେ ଏବଂ କେବଳ ପାଣି ପିଇ ରହିଥିଲେ। ଏପରି ସ୍ଥିତିରେ ଏସିଆଡ୍ ପୂର୍ବରୁ ମାତ୍ର କିଛି ଦିନ ହାତରେ ଥିବାବେଳେ ସେ ଜାପାନ ପହଞ୍ଚିଥିଲେ। ନୀରୁଙ୍କ କୋଚ୍ ଅର୍ଜୁନ ପୁରସ୍କାରପ୍ରାପ୍ତ ମନଶେର ସିଂହ ତାଙ୍କୁ ନିୟମିତ ଭାବେ ଫୋନ୍ କରି ଉତ୍ସାହିତ କରୁଥିଲେ। କିଛି ଦିନ ଟ୍ରେନିଂ ହୋଇନଥିଲେ ମଧ୍ୟ ଏହାକୁ ନେଇ ଚିନ୍ତା ନକରି ନିଜ କ୍ଷମତା ଉପରେ ଭରସା ରଖିବାକୁ ସେ ନୀରୁଙ୍କୁ କହିଥିଲେ। ଭାରତୀୟ ଟ୍ରାପ୍ ସୁଟିଂ କୋଚ୍ ପିଟର ୱିଲସନ୍ ମଧ୍ୟ ନୀରୁଙ୍କ ଦ୍ରୁତ ପ୍ରତ୍ୟାବର୍ତ୍ତନକୁ ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି। ତାଙ୍କ ଅନୁସାରେ, ନୀରୁ ଜାପାନରେ ମାତ୍ର ଦୁଇ ଦିନ ଅଭ୍ୟାସ କରିଥିଲେ। ଫାଇନାଲ୍ରେ ବର୍ଷା ମଧ୍ୟ ନୀରୁଙ୍କ ପାଇଁ ଆଉ ଏକ ଚ୍ୟାଲେଞ୍ଜ ଥିଲା। ବର୍ଷାର ପାଣି ସୁଟର୍ମାନଙ୍କ ହାତରେ ପଡୁଥିବାରୁ ଏକାଗ୍ରତା ବଜାୟ ରଖିବା କଷ୍ଟକର ହୋଇଥିଲା। ତଥାପି ନୀରୁ ମୌଳିକ ପ୍ରକ୍ରିୟା ଉପରେ ଧ୍ୟାନ ରଖି ପ୍ରତି ଶଟ୍ ଖେଳିଥିଲେ। ଶେଷରେ ଚୀନ୍ର ସୁନ୍ ୟୁନୋଙ୍ଗ ୨୬ଟି ସଠିକ୍ ଶଟ୍ ସହ ରୌପ୍ୟ ଜିତିଥିବାବେଳେ ନୀରୁ ୨୮ଟି ସଫଳ ଶଟ୍ ସହ ସ୍ୱର୍ଣ୍ଣ ନିଜ ନାମରେ କରିଥିଲେ। ନୀରୁଙ୍କ ସୁଟିଂ ଯାତ୍ରା ଆରମ୍ଭ ହୋଇଥିଲା ଜିନ୍ଦରୁ। ୨୦୧୮ ଏସିଆନ୍ ଗେମ୍ସରେ ତାଙ୍କ ସମ୍ପର୍କୀୟ ଲକ୍ଷ୍ୟ ସେରନ୍ ଟ୍ରାପରେ ରୌପ୍ୟ ଜିତିବା ପରେ ନୀରୁ ଏହି କ୍ରୀଡ଼ା ପ୍ରତି ଆକର୍ଷିତ ହୋଇଥିଲେ। ପରେ ଭୋପାଳରେ ପ୍ରଶିକ୍ଷଣ ନେଇ ସେ ନିଜ ଦକ୍ଷତାକୁ ଶାଣିତ କରିଥିଲେ। ୨୦୨୫ରେ ଏସିଆନ୍ ସୁଟିଂ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଏବଂ ୨୦୨୬ ଆଇଏସ୍ଏସ୍ଏଫ୍ ଶଟ୍ଗନ୍ ବିଶ୍ୱକପ୍ରେ ମହିଳା ଟ୍ରାପ୍ରେ ସ୍ୱର୍ଣ୍ଣ ଜିତି ସେ ଆଗରୁ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି